R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୫୧
ତିଥି: ପୂର୍ଣ୍ଣିମା
୨୬ ସେପ୍ଟେମ୍ବର ୨୦୨୬, ଶନିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 351
26 September 2026, Saturday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଦକ୍ଷିଣ ଓଡ଼ିଶାରେ ବର୍ଷା ଆଣିଲା ବନ୍ୟା

**୧୦ ଜିଲ୍ଲାର ୫୬ ବ୍ଲକ ପ୍ରଭାବିତ**

**କୋରାପୁଟ, ନବରଙ୍ଗପୁରରେ ୩୦୦ ମିମିରୁ ଅଧିକ ବର୍ଷା**



ଭୁବନେଶ୍ୱର, ୨୫।୯ (ସବ୍ୟୁ) : ଗଭୀର ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇଛି । ୨୫ ତାରିଖ ସୁଦ୍ଧା ୩ଟି ସ୍ଥାନରେ ୩୦୦ମିମିରୁ ଊର୍ଦ୍ଧ୍ୱ ବର୍ଷା ହୋଇଥିବାବେଳେ ୯ଟି ସ୍ଥାନରେ ୨୦୦ ମିମିରୁ ଅଧିକ ବର୍ଷା ରେକର୍ଡ଼ କରାଯାଇଛି । ଫଳରେ ଦକ୍ଷିଣ ଓଡ଼ିଶାର ୧୦ଟି ଜିଲ୍ଲାରେ ବନ୍ୟା ଆଶଙ୍କା ଦେଖାଦେଇଛି । ଏଥିରେ ୫୬ ବ୍ଲକ୍, ୨୭୨ ପଞ୍ଚାୟତ, ୮୫୬ ଗ୍ରାମ, ୭ଟି ପୌରାଞ୍ଚଳ ପ୍ରଭାବିତ ହୋଇଛି । ପ୍ରବଳ ବର୍ଷା ଲାଗି ୭ ଜିଲ୍ଲାରେ ସ୍କୁଲ ଛୁଟି ଘୋଷଣା କରାଯାଇଛି । ନବରଙ୍ଗପୁର, କଳାହାଣ୍ଡି, ଗଜପତି, କୋରାପୁଟ, ରାୟଗଡା, ଗଞ୍ଜାମ, କେନ୍ଦ୍ରାପଡା ଓ କଟକ ଜିଲ୍ଲାର ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି ।

୨୫ ତାରିଖ ସୁଦ୍ଧା କୋରାପୁଟ ଜିଲ୍ଲାର ବୋରିଗୁମ୍ମାରେ ୩୦୭ ମିମି ବର୍ଷା ହୋଇଥିବାବେଳେ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟିରେ ୩୯୫ ମିମି ଓ ନନ୍ଦାହାଣ୍ଡିରେ ୩୪୪ ମିମି ବର୍ଷା ରେକର୍ଡ଼ ହୋଇଛି । ସେହିପରି କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡାରେ ୨୦୨ ମିମି, କେନ୍ଦ୍ରାପଡ଼ାରେ ୨୧୪ ମିମି, କୋଟପାଡ଼ରେ ୨୭୨ ମିମି, ସିମିଳିଗୁଡ଼ାରେ ୨୬୭ ମିମି, ଜୟପୁରରେ ୨୫୮ ମିମି, ଝରିଗାଁରେ ୨୪୦ ମିମି, କୋଷାମୁଣ୍ଡାରେ ୨୪୦ ମିମି, ଚନ୍ଦାହାଣ୍ଡିରେ ୨୨୯ ମିମି ଓ ଉମରକୋଟରେ ୨୦୫ ମିମି ବର୍ଷା ରେକର୍ଡ଼ କରାଯାଇଛି । ସେହିପରି ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର, ଯାଜପୁର, କଳାହାଣ୍ଡି, କନ୍ଧମାଳ, କଟକ, କେନ୍ଦ୍ରାପଡ଼ା, କେନ୍ଦୁଝର, (୯ ପୃଷ୍ଠାରେ)

# ସୁନା ଦେଲେ ସୁରୁଚି-କମଲଜିତ



ଆଇଚି-ନାଗୋୟା, ୨୫/୯ : ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ଶୁଟିଂ ଦଳକୁ ମିଳିଛି ପ୍ରଥମ ସ୍ୱର୍ଣ୍ଣ ପଦକ। ଶୁକ୍ରବାର ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ହରିୟାଣାର ସୁରୁଚି ସିଂହ ଓ କମଲଜିତ ସିଂହଙ୍କ ଯୋଡ଼ି ଦମଦାର ପ୍ରଦର୍ଶନ କରି ଭାରତକୁ ସ୍ୱର୍ଣ୍ଣ ଭେଟି ଦେଇଛନ୍ତି। ଫାଇନାଲରେ ଭାରତୀୟ ଯୋଡ଼ି ୪୮୪.୬ ପଏଣ୍ଟ ସ୍କୋର କରିବା ସହ ନୂଆ ଏସୀୟ ରେକର୍ଡ ସ୍ଥାପନ କରିଛନ୍ତି।

ସୁରୁଚି ଓ କମଲଜିତ ଫାଇନାଲ ଆରମ୍ଭରୁ ନିଜ ଦବଦବା ଜାହିର କରିଥିଲେ। ଦକ୍ଷିଣ କୋରିଆର ଯୋଡ଼ି ଚାପ ସୃଷ୍ଟି କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଭାରତୀୟ ଶୁଟର ଦ୍ୱୟ ଶେଷ ପର୍ଯ୍ୟନ୍ତ ଏକାଗ୍ରତା ବଜାୟ ରଖିଥିଲେ। ଫଳରେ ଭାରତ ୪୮୪.୬ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଥିଲା। ଦକ୍ଷିଣ କୋରିଆ ୪୭୮ ପଏଣ୍ଟ ସହ ରୌପ୍ୟ ଏବଂ ଇରାନ ୪୧୫.୮ ପଏଣ୍ଟ ସହ କାଂସ୍ୟ ପଦକ ହାସଲ କରିଥିଲା। ଭାରତୀୟ ଯୋଡ଼ିଙ୍କ ଏହି ପ୍ରଦର୍ଶନ ପୂର୍ବ ଏସୀୟ ରେକର୍ଡକୁ ମଧ୍ୟ ପଛରେ ପକାଇଛି। ପୂର୍ବରୁ ଉଜବେକିସ୍ତାନ ଚଳିତ ବର୍ଷ ୪୮୧.୩ ପଏଣ୍ଟ ସହ ଏହି ମହାଦେଶୀୟ ରେକର୍ଡ କରିଥିଲା। ସୁରୁଚି-କମଲଜିତଙ୍କ ୪୮୪.୬ ସ୍କୋର ଏହାଠାରୁ ୩.୩ ପଏଣ୍ଟ ଅଧିକ। ଏହା ବିଶ୍ୱ ରେକର୍ଡଠାରୁ ମାତ୍ର ୩.୮ ପଏଣ୍ଟ ପଛରେ ରହିଛି। ଫାଇନାଲ ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଭାରତୀୟ ଯୋଡ଼ି ଚମକପ୍ରଦ ପ୍ରଦର୍ଶନ କରିଥିଲେ। ତିନିଟି ସିରିଜ୍ରେ ସେମାନେ (୯ ପୃଷ୍ଠାରେ)

## ସମବାୟ ସଦସ୍ୟତା ମହାଅଭିଯାନ 'ସମ୍ବନ୍ଧ'ର ଆରମ୍ଭ

# ପାକ୍ସ, ଲାମ୍ପ୍ସ ବିପୁଳ ସଂଖ୍ୟାରେ ଯୋଡ଼ି ହେବାକୁ ଆହ୍ୱାନ




- ୮ ଲକ୍ଷରୁ ଅଧିକ ଚାଷୀ ହେବେ ଉପକୃତ
- ଆଖୁ ଚାଷ ପ୍ରୋତ୍ସାହନ ଯୋଜନା ଆରମ୍ଭ
- ପଣ୍ୟଗାର ନିଗମ, ସମବାୟ ବିଭାଗରେ ୭୬ ନିଯୁକ୍ତି

ଭୁବନେଶ୍ୱର, ୨୫।୯ (ସବ୍ୟୁ) : "ସମବାୟ ସଂସ୍ଥା କୌଣସି ରାଜନୈତିକ ମଞ୍ଚ ନୁହେଁ, ଏହା ହେଉଛି ଆମର ଅନ୍ନଦାତା ଚାଷୀ ଭାଇଭଉଣୀଙ୍କ ଜୀବନରେଖା," ବୋଲି ଆଜି ପାକ୍ସ ଓ ଲାମ୍ପ୍ସର ମେଗା ମେମ୍ବରସିପ୍ ଡ୍ରାଇଭ୍ 'ସମ୍ବନ୍ଧ'ର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ଭୁବନେଶ୍ୱର ଓୟୁଏଟି କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ଏହି ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, 'ସମ୍ବନ୍ଧ' କେବଳ ଗୋଟିଏ ଯୋଜନାର ଶୁଭାରମ୍ଭ ନୁହେଁ, ବରଂ ଏହା ସରକାର ଏବଂ ରାଜ୍ୟର ପ୍ରତ୍ୟେକ ଚାଷୀ ପରିବାର ମଧ୍ୟରେ ନିବିଡ଼ ସମ୍ପର୍କ ଓ ବିଶ୍ୱାସର ବନ୍ଧନକୁ ସୁଦୃଢ଼ କରିବାର ଏକ ଅଭିନବ ପ୍ରୟାସ । ରାଜ୍ୟର କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ଉପରେ ନିର୍ଭରଶୀଳ ଚାଷୀଙ୍କ ଜୀବନରେ ଏହା ଏକ ନୂତନ ଫର୍ଦ୍ଦ ଯୋଡ଼ିବ ବୋଲି ସେ କହିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କୃଷକମାନଙ୍କୁ ବିପୁଳ ସଂଖ୍ୟାରେ (୯ ପୃଷ୍ଠାରେ)

# ଶିମିଳିପାଳ ଉପରମୁଣ୍ଡରେ ପ୍ରବଳ ବର୍ଷା

**କାଣ୍ଡ ପଡ଼ି ଜଣେ ମୃତ**

ବାରିପଦା, ୨୫।୯ (ସବ୍ୟୁ) : ମୟୂରଭଞ୍ଜରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ପରିସ୍ଥିତି ଉପୁଜିଛି । ଶିମିଳିପାଳ ଅଭୟାରଣ୍ୟର ଉପରମୁଣ୍ଡରେ ପ୍ରବଳ ବର୍ଷା ହେବାରୁ ବୁଢ଼ାବଳଙ୍ଗ ନଦୀ ସମେତ ବିଭିନ୍ନ ନଦୀନାଳର ଜଳସ୍ତର ଦ୍ରୁତଗତିରେ ବଢ଼ିଛି । ନଦୀଗୁଡ଼ିକରେ ଜଳପ୍ରବାହ ବଢ଼ିବା ସହ ବାରିପଦା ସହରର ତଳିଆ ଅଞ୍ଚଳରେ ବନ୍ୟାଜଳ ପଶିଛି। ବିଶେଷକରି ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବୃଦ୍ଧି ପରେ ନଦୀକୂଳ ଓ ତଳିଆ ଅଞ୍ଚଳରେ ଆଶଙ୍କା ବଢ଼ିଛି । ବାରିପଦା ପୌରାଞ୍ଚଳର ମଧୁବନ ଅଞ୍ଚଳରେ ପାଣି ପଶିବାରୁ (୯ ପୃଷ୍ଠାରେ)

# ସୁଜିତ୍ ରାଉଳ, ଅରୁଣ ବିଶ୍ୱାଳ ନିଲମ୍ବିତ

ଭୁବନେଶ୍ୱର,୨୫।୯(ସବ୍ୟୁ): ଦୁଇଟି ପୃଥକ ଘଟଣାରେ ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ନିଲମ୍ବିତ କରାଯାଇଛି । ଏହି ନିଲମ୍ବନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି । ନିଲମ୍ବିତ ଅଧିକାରୀ ହେଉଛନ୍ତି ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ । ସେ ଗିରଫ ହୋଇ ଜେଲରେ ଅଛନ୍ତି । ଶ୍ରୀ ବିଶ୍ୱାଳ ତାଙ୍କର ଜଣେ ମହିଳା ସହକର୍ମୀଙ୍କ ଘରେ ରାତିରେ ଗଣ୍ଡଗୋଳ କରିଥିଲେ। ଏପରିକି ତାଙ୍କୁ ଧମକ ମଧ୍ୟ ଦେଇଥିଲେ। ସେହିପରି ନିଲମ୍ବିତ ଅଧିକାରୀଙ୍କ ଭିତରେ ଅଛନ୍ତି କଟକ ସର୍କଲ ଜେଲର ବରିଷ୍ଠ ଅଧିକ୍ଷକ ସୁଜିତ କୁମାର ରାଉଳ ସେ ମଧ୍ୟ ଗିରଫ ହୋଇ ଜେଲ କଷ୍ଟୋଡିରେ ଅଛନ୍ତି। ଶ୍ରୀ ରାଉଳଙ୍କ ନାମରେ ଜେଲ ରେକର୍ଡ ହେରଫେର କରିଥିବାର ଅଭିଯୋଗ ଥିଲା। ସରକାରଙ୍କ ନିୟମ ଦୃଷ୍ଟିରୁ ଉଭୟ ଅଧିକାରୀ ୪୮ ଘଣ୍ଟାରୁ ଅଧିକ ସମୟ ଜେଲରେ ରହୁଥିବାରୁ ଉଭୟଙ୍କୁ ନିଲମ୍ବିତ କରାଯାଇଛି ।






# ଏମ୍ଏମ୍ଡିଆର୍ ଲାଗି ଗୃହ ଚାଲୁନି




ଭୁବନେଶ୍ୱର, ୨୫।୯ (ସବ୍ୟୁ) : ମୌସୁମୀର ଅଧିବେଶନ ୪ଦିନ ହେବ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି । ପ୍ରଶ୍ନକାଳ, ଶୂନ୍ୟକାଳ ଓ ମୁଲତବୀ ଆଲୋଚନା କିମ୍ବା ବିଲ୍ ଉପରେ ଆଲୋଚନା ହୋଇପାରୁନି । ସମ୍ପୂର୍ଣ୍ଣ ଭାବେ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ବିରୋଧୀଙ୍କ ହଟ୍ଟଗୋଳରେ ଧୋଇଯାଉଛି । ଗୃହକୁ ସୁରୁଖୁରୁରେ ଚଳାଇବା ପାଇଁ ମଧ୍ୟ ସରକାରୀ ଦଳର ଆନ୍ତରିକତା ନଥିବା ପରି ଜଣାପଡୁଛି । ବିଭିନ୍ନ ଜିଲ୍ଲାର ସମସ୍ୟା ସମ୍ପର୍କରେ ବିଧାୟକମାନେ ଆଲୋଚନା କରିପାରିଥାନ୍ତେ । ହେଲେ ଗୃହ ସ୍ୱାଭାବିକ ନହେବାରୁ ଲୋକଙ୍କର ସ୍ୱର ଆଉ କେହି ଉଠାଇ ପାରୁନାହାନ୍ତି ।

ଶୁକ୍ରବାର ମୌସୁମୀ ଅଧିବେଶନର ଚତୁର୍ଥ ଦିନରେ ପ୍ରଶ୍ନକାଳ ଆରମ୍ଭରୁ ହିଁ ବିରୋଧୀ ସଦସ୍ୟମାନେ ଏମ୍ଏମ୍ଡିଆର୍ ସଂଶୋଧିତ ଆଇନ ପ୍ରତ୍ୟାହାର ପାଇଁ ଦାବି କରିଥିଲେ । ଗୃହ ମଧ୍ୟଭାଗକୁ ଉଭୟ ବିରୋଧୀ (୯ ପୃଷ୍ଠାରେ)

# ସିଇସିଙ୍କ ବିରୋଧରେ ସୁପ୍ରିମ୍କୋର୍ଟରେ ମାମଲା

## ଏସ୍ଆଇଆର୍ର ତଦନ୍ତ ଦାବି

ନୂଆଦିଲ୍ଲୀ, ୨୫।୯: ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବିରୋଧରେ ଆଇନଗତ କର୍ତ୍ତବ୍ୟ ଉଲ୍ଲଂଘନ ଅଭିଯୋଗରେ ଅପରାଧିକ ମାମଲା ରୁଜୁ କରିବା ସହ ଭୋଟର ତାଲିକାର ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସ୍ଆଇଆର୍) ସମୟରେ ହୋଇଥିବା କଥିତ ଭୋଟର ବାଦ୍କୁ ନେଇ ସ୍ୱାଧୀନ ତଦନ୍ତ ଦାବି କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ ହୋଇଛି ।

ଆଇନଜୀବୀ ଶୈଳେନ୍ଦ୍ର ମଣି ତ୍ରିପାଠୀ ସମ୍ବିଧାନର ଧାରା ୩୨ ଅନୁସାରେ ଏହି ଆବେଦନ ଦାଖଲ କରିଛନ୍ତି। ଅନ୍ୟ ଦୁଇ ନିର୍ବାଚନ କମିଶନରଙ୍କ ସହମତି ବିନା ଜ୍ଞାନେଶ କୁମାରଙ୍କ ଦ୍ୱାରା ନିଆଯାଇଥିବା କଥିତ ନିଷ୍ପତ୍ତି, ନିର୍ଦ୍ଦେଶାବଳୀ ଓ ସଫ୍ଟୱେର୍ରେ କରାଯାଇଥିବା ପରିବର୍ତ୍ତନକୁ ଅସାମ୍ବିଧାନିକ ଏବଂ ଅବୈଧ ଘୋଷଣା କରିବାକୁ ମଧ୍ୟ ଆବେଦନରେ ଦାବି କରାଯାଇଛି।

ଆବେଦନରେ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୩୨ ଅନୁସାରେ ଜ୍ଞାନେଶ କୁମାର, ବରିଷ୍ଠ ଉପ ନିର୍ବାଚନ କମିଶନର ମନୀଷ ଗର୍ଗ, ଡିଜିଟାଲ୍/ ଆଇଟି ମହାନିର୍ଦ୍ଦେଶକ ସୀମା ଖନ୍ନା ଏବଂ ଅନ୍ୟ ଦାୟୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ ଦାଖଲ କରି (୯ ପୃଷ୍ଠାରେ)

## ଜ୍ଞାନେଶଙ୍କ ଇସ୍ତଫା ଦାବି କଲେ ନବୀନ

ଭୁବନେଶ୍ୱର, ୨୫।୯ (ସବ୍ୟୁ): ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି ଜୋରଦାର ହେଉଛି। ଏସ୍ଆଇଆର ପ୍ରସଙ୍ଗରେ ଜ୍ଞାନେଶଙ୍କ ଇସ୍ତଫା ଲାଗି ବିଭିନ୍ନ ଦଳ ଦାବି କରୁଛନ୍ତି। ତେବେ ଏହି କ୍ରମରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ମୁଖ୍ୟ ନିର୍ବାଚନ କମିଶନ ତୁରନ୍ତ ଇସ୍ତଫା ଦେବା ଉଚିତ୍ ବୋଲି କହିଛନ୍ତି।

ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏସ୍ଆଇଆର ପ୍ରସଙ୍ଗରେ ପୁଣି ଥରେ ସମୀକ୍ଷା ହେବା ଦରକାର। ବିଜେଡି ଏହି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ଇସ୍ତଫା ଦାବି କରୁଛି। ବିଜେଡି ସର୍ବଦା ଏସ୍ଆଇଆର ପ୍ରକ୍ରିୟାକୁ ବିରୋଧ କରିଛି। ସେହିଭଳି ଏମ୍ଏମ୍ଡିଆର୍ ପ୍ରସଙ୍ଗରେ ମଧ୍ୟ ନବୀନ ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ଏମ୍ଏମ୍ଡିଆର ସଂଶୋଧନ ଆଇନ୍ର ପୁନଃ ସମୀକ୍ଷା ପାଇଁ (୯ ପୃଷ୍ଠାରେ)



# ରଣବୀରଙ୍କ ନୂଆ ପୋଷ୍ଟର

ସଞ୍ଜୟ ଲୀଳା ଭଂସାଳୀଙ୍କ ନିର୍ଦ୍ଦେଶିତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ଲଭ୍ ଆଣ୍ଡ ୱାର୍'ରୁ ଅଭିନେତା ରଣବୀର କପୁରଙ୍କ ପ୍ରଥମ ଲୁକ୍ ରିଲିଜ ହୋଇଛି । ଯେଉଁଥିରେ ସେ ଏକ ନୂଆ, ଗମ୍ଭୀର ଓ ଦମଦାର ଅବତାରରେ ନଜର ଆସିଛନ୍ତି । ପୋଷ୍ଟରରେ ରଣବୀରଙ୍କୁ ନିଶ, ରକ୍ତାକ୍ତ ସାର୍ଟ ଏବଂ ସନଗ୍ଲାସ୍ ପିନ୍ଧିଥିବାର ଦେଖିବାକୁ ମିଳିଛି । ଏହି ଲୁକ୍ ଚରିତ୍ରର ଆକ୍ରାମକ ଓ ବଳିଷ୍ଠ ବ୍ୟକ୍ତିତ୍ୱକୁ ଦର୍ଶାଉଥିବା ବେଳେ, ସାର୍ଟରେ ଥିବା ରକ୍ତଛିଟା ସିନେମାର ଆକ୍ସନ-ପ୍ୟାକ୍ଡ୍ କାହାଣୀର ସଙ୍କେତ ଦେଉଛି । ନିର୍ମାତାମାନେ ସୋସିଆଲ ମିଡିଆରେ ପୋଷ୍ଟର ସେୟାର କରି ସଞ୍ଜୟ ଲୀଳା ଭଂସାଳୀଙ୍କ 'ଲଭ୍ ଆଣ୍ଡ ୱାର୍' ୨୧ ଜାନୁଆରୀ ୨୦୨୭ରେ ଆସିବବୋଲି ସୂଚନା ଦେଇଛନ୍ତି । ଆଲିଆ ଭଟ୍ଟ ଏବଂ ଭିକି କୌଶଲଙ୍କ ଅଭିନୀତ ଏହି ସିନେମାଟି ହିନ୍ଦୀ, ତାମିଲ ଓ ତେଲୁଗୁ ଭାଷାରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ । ପ୍ରକାଶଯୋଗ୍ୟ ଯେ, ଏରିଆଲ୍ ଆକ୍ସନ ଓ ଭିଏଫ୍ଏକ୍ସ ପାଇଁ ଚଳଚ୍ଚିତ୍ରର ରିଲିଜ୍ ତାରିଖ ପୂର୍ବରୁ କ୍ରିସମାସ ୨୦୨୫, ମାର୍ଚ୍ଚ ଏବଂ ଅଗଷ୍ଟ ୧୪ ଭାବେ ବଦଳିବା ପରେ ଶେଷରେ ୨୧ ଜାନୁଆରୀ ୨୦୨୭କୁ ଚୂଡ଼ାନ୍ତ କରାଯାଇଛି । 'ସାୱରିୟା' ଫିଲ୍ମରେ ରଣବୀର ଏବଂ 'ଗଙ୍ଗୁବାଈ କାଠିଆୱାଡ଼ି' ଫିଲ୍ମରେ ଆଲିଆ ପୂର୍ବରୁ ଭଂସାଳୀଙ୍କ ସହ କାମ କରିସାରିଛନ୍ତି । ସେହିଭଳି 'ଲଭ୍ ଆଣ୍ଡ ୱାର୍' ହେଉଛି ଭିକି କୌଶଲଙ୍କ ଭଂସାଳୀଙ୍କ ସହ ପ୍ରଥମ ଚଳଚ୍ଚିତ୍ର ।




## ସୋସିଆଲ କୋଟ୍ସ



ବାପା ମୋ ପାଇଁ ସବୁବେଳେ ପ୍ରେରଣାର ଉତ୍ସ । ତାଙ୍କ ବ୍ୟକ୍ତିତ୍ୱ ଠାରୁ ଅନେକ କିଛି ଶିଖିଛି । କେବଳ ମୋତେ ନୁହେଁ ତାଙ୍କ ପ୍ରତିବଦ୍ଧତା ସମସ୍ତଙ୍କୁ ପ୍ରେରିତ କରିଥାଏ ।

ରାଘବ ଋଷି, ଅଭିନେତା



ପାପାଙ୍କର କୌଣସି ଫିଲ୍ମକୁ ରି-କ୍ରିଏଟ କରିବାର ଇଚ୍ଛା ନାହିଁ । ସବୁ ଚରିତ୍ରରେ ତାଙ୍କଠାରୁ ଭଲ ଅଭିନୟ କେହି କରିପାରିବେ ନାହିଁ ।

ଅଭିଷେକ ବଚ୍ଚନ, ଅଭିନେତା



ସଲମାନ ଓ ମୋ ଯୋଡ଼ି ସବୁବେଳେ ଖାସ । ବଜରଙ୍ଗୀ ଭାଇଜାନ ଫିଲ୍ମକୁ ଅନେକ ବର୍ଷ ହେଲାଣି ଏବେ ମଧ୍ୟ ଦର୍ଶକଙ୍କ ଭଲପାଇବା ମିଳୁଛି ।

କବିର ଖାନ୍, ଫିଲ୍ମ ମେକର

# ସ୍କୁଲରେ ମେଥି ଶାଗ ଖାଇଲେ ଜରିମାନା



ମହାରାଷ୍ଟ୍ରର ଭାୟନ୍ଦର ଇଷ୍ଟସ୍ଥିତ ତପୋବନ ସ୍କୁଲରେ ଜଣେ ଛାତ୍ର ଟିଫିନ୍‌ରେ ମେଥି ଶାଗ ତରକାରୀ ଆଣିଥିବାରୁ ତାଙ୍କୁ ଜରିମାନା କରାଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଛାତ୍ରଜଣଙ୍କୁ ସେହି ଖାଦ୍ୟ ଖାଇବାରୁ ବାରଣ କରାଯାଇ ସ୍କୁଲ୍ କ୍ୟାଣ୍ଟିନ୍‌ରୁ ଖାଇବା ଦିଆଯିବା ସହ ସେଥିପାଇଁ ୨୦ ଟଙ୍କା ଚାର୍ଜ କରାଯାଇଥିଲା । ମେଥି ଶାଗ ବାରଣ ଥିବା ନେଇ ଛାତ୍ରଙ୍କ ଡାଏରୀରେ ଲେଖାଯାଇଥିଲା । ସ୍କୁଲ୍‌ର ଅଧିକାଂଶ ଛାତ୍ରଛାତ୍ରୀ ଜୈନ ସମ୍ପ୍ରଦାୟର ହୋଇଥିବାରୁ ଏବଂ ପର୍ଯ୍ୟୁଷଣ ପର୍ବ ପାଳନ ଅବସରରେ ଜୈନ ଖାଦ୍ୟପେୟ ନିୟମାବଳୀ ଅନୁସାରେ ନାମଲେଖା ସମୟରେ ଅଭିଭାବକମାନଙ୍କୁ ଏହି ନିୟମ ସମ୍ପର୍କରେ ଜଣାଯାଇଥିଲା । ପୂର୍ବରୁ ମଧ୍ୟ ପିଆଜ, ଆଳୁ, ଅଦା, ବିଟ୍‌ରୁଟ୍ ଓ ଗାଜର ପରି ପରିବା ଟିଫିନ୍‌ରେ ଆଣିଥିବାରୁ ଛାତ୍ରଛାତ୍ରୀଙ୍କୁ ୫୦ ଟଙ୍କା ଜରିମାନା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣା ସାମ୍ନାକୁ ଆସିବା ପରେ ମୀରା-ଭାୟନ୍ଦର ମ୍ୟୁନିସିପାଲ୍ କର୍ପୋରେସନ୍‌ର ଶିକ୍ଷା ବିଭାଗ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିବା ବେଳେ ସ୍କୁଲ୍ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସାର୍ବଜନୀନ ପ୍ରତିକ୍ରିୟା ମିଳିନାହିଁ ।

## ଇତିହାସ

୧୭୮୬- ବ୍ରିଟେନ୍ ଏବଂ ଫ୍ରାନ୍ସ ମଧ୍ୟରେ ବ୍ୟବସାୟିକ ଚୁକ୍ତି ସ୍ୱାକ୍ଷର ।

୧୮୨୦- ଭାରତୀୟ ସମାଜ ସୁଧାରକ, ଶିକ୍ଷାବିତ୍ ତଥା ସ୍ୱତନ୍ତ୍ରତା ସେନାନୀ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଜନ୍ମ ।

୧୯୧୯- ରୋଟାରୀ କ୍ଲବ୍ ଅଫ୍ ଇଣ୍ଡିଆ ପକ୍ଷରୁ କଲିକତାରେ ପ୍ରଥମ ବୈଠକ ।

୧୯୩୨- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ଜନ୍ମ ।

୧୯୫୩- ଆମେରିକା ଏବଂ ସ୍ପେନ୍ ମଧ୍ୟରେ ପ୍ରତିରକ୍ଷା ଚୁକ୍ତି ।

୧୯୫୬- ପ୍ରସିଦ୍ଧ ଭାରତୀୟ ଉଦ୍ୟୋଗପତି ଲକ୍ଷ୍ମଣ କାଶୀନାଥ କିର୍ଲୋସ୍କରଙ୍କ ପରଲୋକ ।

୧୯୯୮- ଦିନିକିଆ କ୍ରିକେଟ୍‌ରେ ୧୮ ତମ ଶତକ କରି ସଚିନ ତେନ୍ଦୁଲକରଙ୍କ ବିଶ୍ୱ ରେକର୍ଡ ।

୨୦୧୧- ଅନ୍ତର୍ଜାତୀୟ ପରିବେଶ ସ୍ୱାସ୍ଥ୍ୟ ଫେଡେରେସନ୍ ତରଫରୁ ଆଜିର ଦିନକୁ ପ୍ରଥମ ଥର ପାଇଁ ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ ରୂପେ ପାଳନ କରାଗଲା ।

# ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ



ସମଗ୍ର ବିଶ୍ୱରେ ପ୍ରତିବର୍ଷ ସେପ୍ଟେମ୍ବର ୨୬ ତାରିଖରେ 'ବିଶ୍ୱ ପରିବେଶ ସ୍ୱାସ୍ଥ୍ୟ ଦିବସ' ପାଳନ କରାଯାଇଥାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ମାନବ ସ୍ୱାସ୍ଥ୍ୟ ଏବଂ ପରିବେଶ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନ କରିବା । ଇଣ୍ଟରନ୍ୟାସନାଲ୍ ଫେଡେରେସନ୍ ଅଫ୍ ଏନଭାୟରନମେଣ୍ଟାଲ୍ ହେଲ୍ଥ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ବିଶେଷ ଦିବସଟି ବାୟୁ ପ୍ରଦୂଷଣ, ଦୂଷିତ ଜଳ, ଜଳବାୟୁ ପରିବର୍ତ୍ତନ, ବର୍ଜ୍ୟବସ୍ତୁ ପ୍ରବନ୍ଧନ ଏବଂ ବିପଜ୍ଜନକ ରସାୟନର କୁପ୍ରଭାବ ଭଳି ଗମ୍ଭୀର ସମସ୍ୟାଗୁଡ଼ିକ ପ୍ରତି ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଆଜିର ଆଧୁନିକ ଯୁଗରେ ପ୍ରଦୂଷିତ ପରିବେଶ ଯୋଗୁଁ ଶ୍ୱାସକ୍ରିୟା ଜନିତ ରୋଗ, ହୃଦ୍‌ରୋଗ ଏବଂ ସଂକ୍ରାମକ ବ୍ୟାଧି ଭଳି ଜଟିଳ ସ୍ୱାସ୍ଥ୍ୟ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଥିବାରୁ ଏକ ସ୍ୱଚ୍ଛ, ସୁରକ୍ଷିତ ଓ ନିର୍ମଳ ପରିବେଶ ଗଠନ କରିବା ଏବେ ସମୟର ଆହ୍ୱାନ ପାଲଟିଛି । ପ୍ରକୃତି ଓ ପରିବେଶ ସୁସ୍ଥ ରହିଲେ ହିଁ ମାନବ ସମାଜର ଆରୋଗ୍ୟ ଓ କଲ୍ୟାଣ ସମ୍ଭବ ଏହି ବାର୍ତ୍ତାକୁ ପାଥେୟ କରି ବୃକ୍ଷରୋପଣ, ସ୍ୱଚ୍ଛତା ଅଭିଯାନ ଏବଂ ସ୍ଥାୟୀ ଜୀବନଶୈଳୀ ଆପଣାଇବା ପାଇଁ ଏହି ଦିବସ ସମଗ୍ର ମାନବ ସମାଜକୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥାଏ ।

# ୮ କୋଟି ଟଙ୍କାର ମେଣ୍ଢା



କିରଗିଜସ୍ତାନରେ ଏକ ମେଣ୍ଢା ୧ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୮ କୋଟି ଟଙ୍କାରେ ବିକ୍ରି ହୋଇ ବେଶ ଚର୍ଚ୍ଚାରେ ରହିଛି । ସୂଚନା ଅନୁସାରେ ଏଠାରେ ଅନୁଷ୍ଠିତ 'ଇଣ୍ଟରନ୍ୟାସନାଲ୍ ଫେଷ୍ଟିଭାଲ୍ ଅଫ୍ ଆରାଶାନ୍ ସିପ୍ ବ୍ରିଡ୍' ନାମକ ଅନ୍ତର୍ଜାତୀୟ ମେଳାରେ 'ଆରାଶାନ୍' ପ୍ରଜାତିର ଏହି ମେଣ୍ଢାଟି ଏତେ ଦାମରେ ବିକ୍ରି ହୋଇଛି । କିରଗିଜସ୍ତାନ, କାଜାକସ୍ତାନ, ଉଜବେକିସ୍ତାନ, ରାଷ୍ଟ୍ରମଣ୍ଡଳ ଏବଂ ତାଜିକିସ୍ତାନ ଭଳି ୫ଟି ଦେଶର କ୍ରେତା ଓ ପ୍ରତିନିଧିମାନେ ଯୋଗଦେଇଥିବା ଏହି ଉତ୍ସବରେ କିରଗିଜସ୍ତାନ କୃଷି ମନ୍ତ୍ରଣାଳୟ ପକ୍ଷରୁ ଏହି ବିଶେଷ ଚୁକ୍ତି ସମ୍ପର୍କରେ ଘୋଷଣା କରାଯାଇଛି । କିରଗିଜସ୍ତାନରେ ବିକଶିତ ଏବଂ ୨୦୨୧ରେ ସ୍ୱତନ୍ତ୍ର ପ୍ରଜାତି ଭାବେ ସରକାରୀ ମାନ୍ୟତା ପାଇଥିବା ଏହି ଆରାଶାନ୍ ମେଣ୍ଢାଗୁଡ଼ିକ ମୁଖ୍ୟତଃ ମାଂସ ଓ ଚର୍ବି ପାଇଁ ପାଳନ କରାଯାଉଥିବା ବେଳେ ଏମାନଙ୍କ ଓଜନ ୨୦୦ କିଲୋଗ୍ରାମରୁ ଅଧିକ ହୋଇପାରେ । ଉଲ୍ଲେଖଯୋଗ୍ୟ ଯେ, ୮ କୋଟି ଟଙ୍କାରେ ବିକ୍ରି ହୋଇଥିବା ଏହି ମେଣ୍ଢାଟି ୨୦୨୩ରେ ପ୍ରାୟ ୧.୩ କୋଟି ଟଙ୍କାରେ ବିକ୍ରି ହୋଇଥିବା 'ଫ୍ରାଙ୍କେଲ' ନାମକ ଆଉ ଏକ ମେଣ୍ଢାର ପୁଅ ଅଟେ ।

# ମାଂସାହାରୀ ଉଦ୍ଭିଦ



ବିଶ୍ୱରେ ଏପରି କିଛି ବିଚିତ୍ର ମାଂସାହାରୀ ଉଦ୍ଭିଦ ରହିଛନ୍ତି, ଯେଉଁମାନେ ପ୍ରାଣୀ ଓ କୀଟପତଙ୍ଗଙ୍କୁ ନିଜର ଆହାର ଭାବେ ଗ୍ରହଣ କରିଥାଆନ୍ତି । ସେମାନଙ୍କ ମଧ୍ୟରୁ 'ନେପନେଥସ୍' ଅନ୍ୟତମ । ଏହି ଗଛର ପତ୍ରଗୁଡ଼ିକ ଏକ ନଳୀ ବା କଳସୀ ଆକାରରେ ରୂପାନ୍ତରିତ ହୋଇଥାଏ, ଯାହାର ମୁହଁ ନିକଟରେ ଏକ ମିଠା ଓ ଅଠାଳିଆ ପଦାର୍ଥ କ୍ଷରିତ ହୋଇଥାଏ । ଏହି ମିଠା ବାସ୍ନାରେ ଆକୃଷ୍ଟ ହୋଇ ମଶା ଏବଂ ମହୁମାଛି ଭଳି କୀଟପତଙ୍ଗମାନେ ଏହା ନିକଟକୁ ଆସନ୍ତି ଏବଂ ପୃଷ୍ଠଭାଗ ଚିକ୍କଣ ଓ ଖସଡ଼ା ହୋଇଥିବାରୁ ସିଧା କଳସୀ ଭିତରକୁ ଖସିପଡ଼ନ୍ତି । କଳସୀର ଭିତର ଭାଗ ଅତି ମସୃଣ ହୋଇଥିବାରୁ କୀଟମାନେ ଆଉ ଉପରକୁ ଚଢ଼ି ବାହାରି ପାରନ୍ତି ନାହିଁ ଏବଂ ତଳେ ଥିବା ପାଚକ ତରଳ ପଦାର୍ଥରେ ସେମାନଙ୍କ ଶରୀର ଧୀରେ ଧୀରେ ହଜମ ହୋଇଯାଏ । ବିଶେଷ କରି ଏହି ପ୍ରଜାତିର 'ନେପନେଥସ୍ ରାଜା' ଆକାରରେ ଏତେ ବଡ଼ ହୋଇଥାଏ ଯେ ଏହା ମୂଷା ଭଳି ସାନ ସାନ ଜୀବଙ୍କୁ ମଧ୍ୟ ଶିକାର କରି ହଜମ କରିପାରେ । ଗୋଟିଏ କଳସୀ ପୂର୍ଣ୍ଣାଙ୍ଗ ହେବା ପାଇଁ ପ୍ରାୟ ଗୋଟିଏ ମାସ ସମୟ ଲାଗୁଥିବା ବେଳେ, 'ଭିନସ୍ ଫ୍ଲାଇଟ୍ରାପ୍' ଏବଂ 'ସନଡିୟୁ' ମଧ୍ୟ ଏହିପରି ଅନ୍ୟ କେତେକ ଜଣାଶୁଣା ମାଂସାହାରୀ ଉଦ୍ଭିଦ ଅଟନ୍ତି ।

# ୩୦୦ ଫୁଟ ଉପରେ ଷ୍ଟଣ୍ଟ



ଫ୍ରାନ୍ସର ଲୁସ୍-ଏନ୍-ଗୋହେଲ୍‌ରେ ଟାଟିଆନା-ମୋସିଓ ବୋଙ୍ଗୋଙ୍ଗା ନାମ୍ନୀ ଜଣେ ମହିଳା ଭୂପୃଷ୍ଠରୁ ପ୍ରାୟ ୩୦୦ ଫୁଟ୍ (୧୮୬ ମିଟର) ଉଚ୍ଚରେ ଶୂନ୍ୟରେ ବନ୍ଧାଯାଇଥିବା ୪୦୦ ମିଟର ଲମ୍ବର ତାର ଉପରେ ଚାଲି ଏକ ବିପଜ୍ଜନକ ଓ ସାହସିକ କାରନାମା ପ୍ରଦର୍ଶନ କରିଛନ୍ତି । ୟୁରୋପର ଏକ ପୁରୁଣା କୋଇଲା ଖଣି ଅଞ୍ଚଳରେ ଥିବା ଦୁଇଟି ଉଚ୍ଚ କୋଇଲା ଆବର୍ଜନା ପାହାଡ଼ ମଧ୍ୟରେ ଏହି ତାରଟି ବନ୍ଧାଯାଇଥିଲା । ଟାଟିଆନା ବିନା କୌଣସି ସୁରକ୍ଷା ଦଉଡ଼ି ସାହାଯ୍ୟରେ ଏହି ତାର ଅତିକ୍ରମ କରିବା ସହ ବାଟରେ କିଛି ସର୍କସ ବା ଆକ୍ରୋବେଟିକ୍ କସରତ୍ ମଧ୍ୟ ଦେଖାଇଥିଲେ । ଏହି ଅଦ୍ଭୁତ ଦୃଶ୍ୟ ଦେଖିବା ପାଇଁ ୯,୦୦୦ରୁ ଅଧିକ ଲୋକ ଏକତ୍ରିତ ହୋଇଥିଲେ । ଟାଟିଆନା ସୁରକ୍ଷିତ ଭାବେ ଅନ୍ୟପଟେ ପହଞ୍ଚିବା ପରେ ଉପସ୍ଥିତ ଦର୍ଶକମାନେ କରତାଳି ଦେଇ ତାଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । ତେବେ ସୋସିଆଲ ମିଡିଆରେ ଏଭଳି ଷ୍ଟଣ୍ଟକୁ ମିଶ୍ରିତ ପ୍ରତିକ୍ରିୟା ମିଳିଛି । କିଛି ଲୋକ ଏହାକୁ ପ୍ରଶଂସା କରିଥିବାବେଳେ କିଛି ଏଭଳି ଜୀବନପ୍ରତି ବିପଦ ଥିବା ଷ୍ଟଣ୍ଟ ନକରିବାକୁ ପରାମର୍ଶ ଦେଇଛନ୍ତି ।



**ମେଷ:** ଅଯଥା ଖର୍ଚ୍ଚ, ନିଜ ଜିଦ୍ ଯୋଗୁ ମୂଲ୍ୟବାନ ପଦାର୍ଥ ନଷ୍ଟ, ଦୂରଯାତ୍ରାରେ ସତର୍କ, ଉତ୍ସବକୁ ନେଇ ଶୁଭ ଆଲୋଚନା, ବ୍ୟବସାୟରେ ସ୍ୱଳ୍ପଲାଭ, ମାନସିକ ଶାନ୍ତି, ଶରୀର ଅସୁସ୍ଥ । ଅଶ୍ୱିନୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ପ୍ରଭୁ ହନୁମାନ ।

**ବୃଷ:** ଅର୍ଥଲାଭ, ମାନସିକ ଶାନ୍ତି, କର୍ମକ୍ଷେତ୍ରେ ସଫଳ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ, ଦେବଦର୍ଶନ, ବନ୍ଧୁଲାଭ, ଶରୀର ସୁସ୍ଥ, ବାକିଧନ ପ୍ରାପ୍ତି, ଦୂରଯାତ୍ରା ସଫଳ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** କର୍ମକ୍ଷେତ୍ରେ ସଫଳତା, ଶୁଭଖବର, ପାରିବାରିକ ଶାନ୍ତି, ପୁରାତନ ବିବାଦ ସମାଧାନ, ଗୃହେ ଶୁଭ ଆଲୋଚନା, ଲୋକସମ୍ପର୍କ ବୃଦ୍ଧି, ଦ୍ରବ୍ୟଲାଭ, ପ୍ରବ୍ୟଲାଭ, ଅନୁଷ୍ଠାନରୁ ସମ୍ମାନ । ମୃଗଶିରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୮, ଆରାଧନା -ଗଣେଶ ଭଗବାନ ।

**କର୍କଟ:** ଅଯଥା ଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁସମସ୍ୟା, ପାରିବାରିକ କଳହ, ହେବାକାର୍ଯ୍ୟ ବିଳମ୍ବ, ବନ୍ଧୁସାହାଯ୍ୟ, ଦେବଭକ୍ତି, ଯାନ୍ତ୍ରିକ ତ୍ରୁଟି, ସମ୍ପତ୍ତିଖୁସି, ସ୍ୱଜନ ବିରୋଧ । ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ସୂର୍ଯ୍ୟନାରାୟଣ ।

**ସିଂହ:** ଶରୀର ଅସୁସ୍ଥ, ହେବାକାର୍ଯ୍ୟ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୃହେ ସହାୟତା, ବିଶିଷ୍ଟ ବ୍ୟକ୍ତିଙ୍କ ସାକ୍ଷାତ, କରିଥିବା କାର୍ଯ୍ୟକୁ ନେଇ ଅନୁତାପ, ଲୋକସମ୍ପର୍କ ବୃଦ୍ଧି । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଶଙ୍କର ଭଗବାନ ।

**କନ୍ୟା:** ଅର୍ଥଲାଭ, ସମସ୍ୟା ସମାଧାନ, ଉତ୍ସବ ସଫଳ, ବନ୍ଧୁଲାଭ, ସୁମିଷ୍ଟ ଭୋଜନ, ଦୂରଯାତ୍ରା ପାଇଁ ଶୁଭ ଆଲୋଚନା, ଖୁସି ଖବର, ପୈତୃକ ସମ୍ପତ୍ତି ଲାଭ, ସନ୍ତାନଲାଭ । ଉତ୍ତରାଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା- ୯, ଆରାଧନା-ଭଗବାନ ବିଷ୍ଣୁ ।

**ତୁଳା:** ମାନସିକ ଅଶାନ୍ତି, ସମ୍ପର୍କରେ ସୁଧାର, ଶାରୀରିକ ପୀଡ଼ା ଅନୁଷ୍ଠାନରୁ ସାହାଯ୍ୟ, ବନ୍ଧୁଅଶାନ୍ତି, ସନ୍ତାନଚିନ୍ତା, ସାମାନ୍ୟ ଅର୍ଥଲାଭ, ହଠାତ୍ ଦୂରଯାତ୍ରା, ସ୍ୱଜନ ବିରୋଧ, ଶତ୍ରୁସମସ୍ୟା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ବିଛା:** ମାନସିକ ଦ୍ୱନ୍ଦ୍ୱ, ଲୋକସମ୍ପର୍କ ବୃଦ୍ଧି, ଅର୍ଥଲାଭ, ପାରିବାରିକ ସୁଖ, ବିଦେଶ ଭ୍ରମଣ, ଦେବଦର୍ଶନ, ବନ୍ଧୁଲାଭ, ଅନୁଷ୍ଠାନରୁ ଲାଭ, କର୍ମକ୍ଷେତ୍ରେ ବିଶାଦ, ଖୁସିଖବର । ବିଶାଖା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଖଇରି, ସଂଖ୍ୟା- ୯, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ଅପମାନଯୋଗ, କର୍ମକ୍ଷେତ୍ରେ ବିଳମ୍ବ, ଉତ୍ସବକୁ ନେଇ ଶୁଭ ଆଲୋଚନା, ଅର୍ଥଲାଭ, ପରିବାରରେ ସହଯୋଗ, ସନ୍ତାନଲାଭ, ଦାମ୍ପତ୍ୟକଳହ, ହେବାକାର୍ଯ୍ୟ ବିଳମ୍ବ, ଶତ୍ରୁସମସ୍ୟା । ମୂଳା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୬, ଆରାଧନା-ପ୍ରଭୁ ଜଗନ୍ନାଥ ।

**ମକର:** ବନ୍ଧୁଲାଭ, ସମସ୍ୟା ସମାଧାନ, ଖୁସିଖବର, ଅନୁଷ୍ଠାନରୁ ଲାଭ, ଶରୀର ସୁସ୍ଥ, ନୂତନ ଚୁକ୍ତି, ପରିଭ୍ରମଣଖୁସି, ସନ୍ତାନଲାଭ, ପୁରାତନ କାର୍ଯ୍ୟରୁ ଲାଭ, ଅଳ୍ପ ଶତ୍ରୁସମସ୍ୟା, ସ୍ୱାଦିଷ୍ଟ ଭୋଜନ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୮, ଆରାଧନା- ମା' ମଙ୍ଗଳା ।

**କୁମ୍ଭ:** ଶୁଭକାର୍ଯ୍ୟରେ ଧନବ୍ୟୟ, ନୂତନ କାର୍ଯ୍ୟରେ ଆନନ୍ଦ, ବ୍ୟବସାୟରେ ସ୍ୱଳ୍ପ ଲାଭ, ପାରିବାରିକ ସମସ୍ୟା, ବନ୍ଧୁ ସହଯୋଗ, ଦାମ୍ପତ୍ୟକଳହ, ଦୂରଯାତ୍ରାରେ ସତର୍କ, ମାନସିକ ଅବସାଦ । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୪, ଆରାଧନା-ପ୍ରଭୁ ଲୋକନାଥ ।

**ମୀନ:** ସମ୍ମାନଲାଭ, ଅର୍ଥସମସ୍ୟା ସମାଧାନ, ଦୂରସମ୍ପର୍କଙ୍କଠାରୁ ସହଯୋଗ, ସମ୍ପତ୍ତିଲାଭ, ଅଯଥା ବିବାଦ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ପୂର୍ଣ୍ଣ ସହଯୋଗ, ମାନସିକ ଶାନ୍ତି । ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

ଭାଦ୍ରବ ଶୁକ୍ଳ ପକ୍ଷ ପୂର୍ଣ୍ଣିମା
୨୬.୯.୨୦୨୬, ଶନିବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

## ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ଓ ଇ-ପୋର୍ଟାଲର ଉପଯୋଗ ନେଇ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମୀକ୍ଷା

ଭୁବନେଶ୍ୱର (ସବ୍ୟୁ): ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ପ୍ରକ୍ରିୟାକୁ ଅଧିକ ଶୃଙ୍ଖଳିତ କରିବା ଏବଂ ଆଗକୁ ନେବା ପାଇଁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘଦିନ ଧରି ଶ୍ରୀଜଗନ୍ନାଥଙ୍କ ଜମିରେ ବସବାସ କରୁଥିବା ସେବାୟତ ଓ ଅଣସେବାୟତଙ୍କୁ ଜମି ଅଧିକାର ପ୍ରଦାନ ନେଇ ଆରମ୍ଭ ହୋଇଥିବା ପ୍ରକ୍ରିୟାକୁ ଆଗକୁ ନେବା ପାଇଁ ଲୋକସେବା ଭବନସ୍ଥିତ ଆଇନ ବିଭାଗ ସମ୍ମିଳନୀ କକ୍ଷରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ଆଲୋଚନାରୁ ଜଣାପଡ଼ିଛି ଯେ ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବା ପାଇଁ ଏକ ଇ-ପୋର୍ଟାଲର ବିକାଶ କରାଯିବ ।

ଏଥିରେ ଶ୍ରୀଜଗନ୍ନାଥଙ୍କ ଜମି ଭୋଗଦଖଲ କରୁଥିବା ସେବାୟତ ଓ ଅଣସେବାୟତମାନେ ନିଜ ନିଜର ତଥ୍ୟ ସହଜ ଓ ସରଳ ଉପାୟରେ ପ୍ରଦାନ କରିପାରିବେ । ଏହା ଦ୍ୱାରା ଜମି ଦଖଲରେ ଥିବା ସମସ୍ତଙ୍କ ଏକ ସମ୍ପୂର୍ଣ୍ଣ ଡାଟାବେସ୍ ପ୍ରସ୍ତୁତ ହେବା ସହ ଶ୍ରୀଜଗନ୍ନାଥ ଜମି ବନ୍ଦୋବସ୍ତ ବ୍ୟବସ୍ଥା ଅଧିକ ସହଜ ଓ ଶୃଙ୍ଖଳିତ ହୋଇପାରିବ । ଏହି ବ୍ୟବସ୍ଥାକୁ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିବା ସହ ଇ-ପୋର୍ଟାଲକୁ ଅଧିକ ଉପଯୋଗୀ କରିବା ନେଇ ଆବଶ୍ୟକ ପରାମର୍ଶ ଦେଇଥିଲେ । ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପରିଚାଳକ ତଥା ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ, ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ଅଂଶଗ୍ରହଣ କରିଥିଲେ । ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆଭାସି ମାଧ୍ୟମରେ ଯୋଗ ଦେଇଥିବାବେଳେ ଓକାକ୍ ଓଏନ୍‌ଆଇସିର ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।



### ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ

## 'ଏକାତ୍ମ ମାନବବାଦ' ଓ 'ଅନ୍ତ୍ୟୋଦୟ' ହିଁ ସମୃଦ୍ଧ ଓଡ଼ିଶା ଗଠନର ମୂଳଦୁଆ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ରାଷ୍ଟ୍ରବାଦୀ ଜନନାୟକ, ଆଧୁନିକ ଭାରତର ଅନନ୍ୟ ଦାର୍ଶନିକ ତଥା ସାଂସ୍କୃତିକ ରାଷ୍ଟ୍ରବାଦର ଅଗ୍ରଣୀ ପ୍ରଣେତା ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଆଦର୍ଶ, 'ଏକାତ୍ମ ମାନବବାଦ' ଓ 'ଅନ୍ତ୍ୟୋଦୟ' ବିଚାରଧାରା ହିଁ ଶାସନ ବ୍ୟବସ୍ଥାର ମୂଳ ଆଧାର। ସମାଜର ସବା ଶେଷ ପାହାଚରେ ଠିଆ ହୋଇଥିବା ବ୍ୟକ୍ତି ନିକଟରେ ବିକାଶର ସୁଫଳ ପହଞ୍ଚାଇବା ଏବଂ ଓଡ଼ିଶାକୁ ଏକ ସମୃଦ୍ଧ, ସ୍ୱାବଲମ୍ବୀ ଓ ସ୍ୱାଭିମାନୀ ରାଜ୍ୟ ଭାବେ ଗଢ଼ିତୋଳିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଷ୍ଟ୍ରବାଦୀ ଜନନାୟକ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୧ତମ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଛନ୍ତି ଯେ, ପଣ୍ଡିତ ଦୀନଦୟାଲଜୀ ଭାରତୀୟ ରାଜନୈତିକ ଦର୍ଶନରେ 'ଭାରତୀୟତା'ର ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲେ। ସେ ପାଶ୍ଚାତ୍ୟ କ୍ୟାପିଟାଲିଜିମ୍, ସୋସିଆଲିଜିମ୍ କିମ୍ବା କମ୍ୟୁନିଜିମ୍ ପରି ଧାରଣାକୁ ପ୍ରତ୍ୟାଖ୍ୟାନ କରି ଭାରତ ପାଇଁ ଏକ 'ସ୍ୱଦେଶୀ ଇଜିମ୍'ର ସୂତ୍ର ଦେଇଥିଲେ।

ସ୍ୱାଧୀନତା ପରେ ଦୀର୍ଘ ପାଞ୍ଚ ଦଶନ୍ଧି ଧରି ପଣ୍ଡିତଜୀଙ୍କ ଏହି ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଅଣଦେଖା ହୋଇ ରହିଥିବା ନେଇ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିଥିଲେ। ତେବେ ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀ ଦେଶର ଦାୟିତ୍ୱ ଗ୍ରହଣ କରିବା ପରେ 'ଅନ୍ତ୍ୟୋଦୟ'ର ସ୍ୱର ପୁନର୍ବାର ଗୁଞ୍ଜରିତ ହୋଇଛି ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଦେଶବ୍ୟାପୀ ଚାଲିଥିବା ମାସବ୍ୟାପୀ 'ସେବା ସଂକଳ୍ପ ଅଭିଯାନ' ମାଧ୍ୟମରେ ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ, ଗରିବ କଲ୍ୟାଣ, କୌଶଳ ବିକାଶ ଓ ସ୍ୱଚ୍ଛତା ଅଭିଯାନ ଆଦି କାର୍ଯ୍ୟକ୍ରମ ସୀମାନ୍ତ ବ୍ୟକ୍ତିଙ୍କ ପାଖରେ ପହଞ୍ଚାଯାଉଛି।

ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀଙ୍କ ପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା' କାର୍ଯ୍ୟକାରୀ କରାଯାଉଛି। ଏଥିସହିତ କଳିଙ୍ଗନଗର, ଝାରସୁଗୁଡ଼ା, ରାଉରକେଲା, ଭୁବନେଶ୍ୱର, ଜଗତପୁର, କେନ୍ଦୁଝର ଓ ଦାମନଯୋଡ଼ି ଭଳି ଶିଳ୍ପାଞ୍ଚଳରେ ଶ୍ରମିକମାନଙ୍କ ପାଇଁ 'ଶିଳ୍ପାଞ୍ଚଳରେ ଦୀନଦୟାଲ କର୍ମଚାରୀ ନିବାସ' ଯୋଜନାରେ ଆପାର୍ଟମେଣ୍ଟ ଓ ହଷ୍ଟେଲ ନିର୍ମାଣ କରାଯାଉଛି ବୋଲି ସେ କହିଥିଲେ । ସମୃଦ୍ଧ କୃଷକ ଯୋଜନା'ରେ ୧୯ ଲକ୍ଷ ଚାଷୀ ଧାନର ମୂଲ୍ୟ ବାବଦକୁ ୩୧୦୦ ଟଙ୍କା ପାଉଥିବା ବେଳେ ବିଗତ ଦୁଇ ବର୍ଷ ତିନି ମାସ ମଧ୍ୟରେ ରାଜ୍ୟକୁ ୨୨.୫୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଆସିଛି ବୋଲି ସେ କହିଥିଲେ। ଜୟଦେବ ଭବନଠାରେ ଆୟୋଜିତ ଏହି ସମାରୋହରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ ପଣ୍ଡିତ ଦୀନଦୟାଲଜୀଙ୍କ ଜୀବନ ଦର୍ଶନ, ସାଂସ୍କୃତିକ ଜାତୀୟତାବାଦ ଏବଂ ଗ୍ରାମୀଣ ସ୍ୱାବଲମ୍ବନ ଉପରେ ବିଶେଷ ଆଲୋକପାତ କରିଥିଲେ। ଏଥିସହିତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳଙ୍କ ସମେତ ଅନେକ ବିଶିଷ୍ଟ ଅତିଥି, ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଜନତା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।




**ଶ୍ରମିକଙ୍କ ପାଇଁ 'ଦୀନଦୟାଲ କର୍ମଚାରୀ ନିବାସ', ବଞ୍ଚିତଙ୍କ ପାଇଁ 'ଅନ୍ତ୍ୟୋଦୟ ଗୃହ ଯୋଜନା'**

## ୪୨ ଲକ୍ଷର ବ୍ରାଉନସୁଗର ଜବତ: ଦୁଇ ଗିରଫ

କଟକ, (ସବ୍ୟୁ): ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାଡ ଦୁଇ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ବଡବୁଦା ଗାଁର ବରଦା ସାମନ୍ତରାୟ(୪୦) ଓ ଅନିଲ ବେହେରା(୩୩) । ଏମାନଙ୍କ ପାଖରୁ ମୋଟ ୪୨୦ ଗ୍ରାମ ଓଜନର ବ୍ରାଉନସୁଗର ଜବତ ହୋଇଛି । ଯାହାର ହାରାହାରି ମୂଲ୍ୟ ୪୨ ଲକ୍ଷ ଟଙ୍କା ହେବ। କୁଜଙ୍ଗ ଅଞ୍ଚଳରେ ଗତ କିଛି ମାସ ହେବ ହଠାତ ବ୍ରାଉନସୁଗର କାରବାର ବୃଦ୍ଧି ପାଇଥିଲା । ନିଶା ମାଫିଆମାନେ ବାଲେଶ୍ୱର, ଭୁବନେଶ୍ୱରରୁ ନିଶାଦ୍ରବ୍ୟ ଆଣି ଏହି ଅଞ୍ଚଳରେ କାରବାର କରୁଥିଲେ । ନିକଟ ଅତିତରେ ଧରାପଡିଥିବା କିଛି ନିଶା ବେପାରୀଙ୍କ ଠାରୁ ଏହି ସୂଚନା ମିଳିଥିଲା । ଏହାପରଠୁ ଅବକାରୀ ବିଭାଗ କୁଜଙ୍ଗ ଓ ଆଖପାଖ ଅଞ୍ଚଳରେ ସନ୍ଦିଗ୍ଧ ଗତିବିଧି ଉପରେ ନଜର ରଖିଥିଲା । ଶୁକ୍ରବାର ପୂର୍ବାହ୍ନରେ କୁଜଙ୍ଗ ବାଲିଡ଼ୁଠ ନିକଟରେ ଜଣେ ଯୁବକ ନିଶାଦ୍ରବ୍ୟ ଧରି ଗ୍ରାହକ ଅପେକ୍ଷାରେ ଛିଡା ହୋଇଥିବା ନେଇ ସୂଚନା ମିଳିଲା । ଏହାପରେ ଫ୍ଲାଇଂ ସ୍କ୍ୱାଡ ତୁରନ୍ତ ସେଠାରେ ଚଢଉ କରି ଅଭିଯୁକ୍ତ ବରଦାକୁ ଗିରଫ କରିଥିଲା । ତା' ପାଖରୁ ୧୯୩ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି । ଏହାର କିଛି ସମୟ ପରେ ବାଲିଡ଼ୁଠ ଠାରୁ ଅଳ୍ପ ଦୂର ବଡବୁଦା ଗାଁ ଛକରେ ଅନିଲ ଧରାପଡିଥିଲା । ତା' ପାଖରୁ ମଧ୍ୟ ୨୨୭ ଗ୍ରାମର ବ୍ରାଉନସୁଗର ଜବତ ହୋଇଛି । ଏମାନେ ଭୁବନେଶ୍ୱରର ଜଣେ ନିଶା ମାଫିଆର ସହଯୋଗରେ ବ୍ରାଉନସୁଗର ଆଣି କାରବାର କରୁଥିବା ତଦନ୍ତରୁ ଜଣାପଡିଛି । ଦୁଇ ଜଣଙ୍କୁ କୋର୍ଟ ଚାଲାଣ ପରେ ଜେଲ ପଠାଇ ଦିଆଯାଇଛି । ଅବକାରୀ ଅଧିକ୍ଷକ ସମରଜିତ ଦାଶଙ୍କ ନିର୍ଦ୍ଦେଶକ୍ରମେ ଉପ ଅଧିକ୍ଷକ ରୋଶନ ଇସୁ ହାଂସଦାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଚଢଉ ହୋଇଥିଲା । ଏଥିରେ ଇନ୍ସପେକ୍ଟର ସୁଶାନ୍ତ ମହାପାତ୍ର, ଏସଆଇ ଅମିତ ବିଶ୍ୱାଳ, ସନ୍ତୋଷ ସ୍ୱାଇଁ, କିଶୋରଚନ୍ଦ୍ର ରାଉତ, ଅଜୟ ସାହୁ, ସଞ୍ଜୀବ ମୁଣ୍ଡା, ଅନ୍ନପୂର୍ଣ୍ଣା ଗଣ୍ଡ, ଦେବାଶିଷ ବେହେରା, ପିବତ୍ର ଦାଶ, ଜଗନ୍ନାଥ ସାହୁ, ଚନ୍ଦ୍ରକାନ୍ତ ସାହୁ, ଶଙ୍କର୍ଷଣ ରାଉତ, ରଞ୍ଜିତ ସାହୁ ପ୍ରମୁଖ ସାମିଲ ଥିଲେ ।

## ଘରକୁ ଫେରିଲେନି ବ୍ୟବସାୟୀ, ଚିନ୍ତାରେ ପରିବାର

ବାରଙ୍ଗ ,(ସବ୍ୟୁ): ବାରଙ୍ଗ ଥାନା ଅନ୍ତର୍ଗତ ଗଦେଇକୁଦ ଗ୍ରାମର ବ୍ୟବସାୟୀ ନରହରି ଦେବନାଥ (୪୫) ଗୁରୁବାର ଦ୍ୱିପ୍ରହରରୁ ନିଖୋଜ ହୋଇଯାଇଥିବାରୁ ପରିବାରରେ ଘୋର ଚିନ୍ତା ପ୍ରକଟ ହୋଇଛି ।ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନରହରି ଗାଁରେ ଏକ ତେଜରାତି ଦୋକାନ କରି ପରିବାର ପୋଷଣ କରୁଥିଲେ । ପ୍ରତିଦିନ ପରି ଗୁରୁବାର ଦ୍ୱିପ୍ରହରେ ସେ ଦୋକାନ ବନ୍ଦ କରିଥିଲେ, ହେଲେ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ । ସନ୍ଧ୍ୟା ହେଲାଣି ଘରକୁ ନ ଆସିବାରୁ ପରିବାର ଲୋକେ ଚିନ୍ତିତ ହୋଇ ଆଖପାଖରେ ଖୋଜାଖୋଜି ଆରମ୍ଭ କରିଥିଲେ । ଗୁରୁବାର ଦ୍ୱିପ୍ରହରରୁ ରାତି ତମାମ ଗାଁ ଦାଣ୍ଡରେ ଖୋଜିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳିନଥିଲା ।ଶୁକ୍ରବାର ସକାଳେ ସାଙ୍ଗସାଥୀ, ସମ୍ପର୍କୀୟ ଓ ବନ୍ଧୁମାନଙ୍କ ଘରକୁ ଯାଇ ଖୋଜିଥିଲେ ହେଁ ନିରାଶ ହେବାକୁ ପଡିଥିଲା ।ଶେଷରେ ଅନ୍ୟ କୌଣସି ଉପାୟ ନ ପାଇ ନିଖୋଜ ନରହରିଙ୍କ ପନୀ ଭାଗ୍ୟବତୀ ଦେବନାଥ ଶୁକ୍ରବାର ରାତିରେ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ଐତିହାସିକ ବାଲିଯାତ୍ରାରେ ପାର୍କିଂ ସ୍ଥଳ ନିଲାମ ନିମନ୍ତେ ଟେଣ୍ଡର ଆହ୍ୱାନ

କଟକ, (ସବ୍ୟୁ): ଐତିହାସିକ ବାଲିଯାତ୍ରା ଅବସରରେ ସହରର ବିଭିନ୍ନ ସ୍ଥାନରେ ଚିହ୍ନଟ ପାର୍କିଂ ସ୍ଥଳଗୁଡ଼ିକୁ ଅସ୍ଥାୟୀ ଲିଜ୍‌ରେ ପ୍ରଦାନ ଓ ନିଲାମ ନିମନ୍ତେ ଇଚ୍ଛୁକ ବ୍ୟକ୍ତି, ଫାର୍ମ ଓ ଅନୁଷ୍ଠାନମାନଙ୍କଠାରୁ ସିଲ୍ ଟେଣ୍ଡର ଆହ୍ୱାନ କରାଯାଉଛି। ପାର୍କିଂ ସ୍ଥଳଗୁଡ଼ିକ "ଯେପରି ଅଛି, ଯେଉଁଠାରେ ଅଛି" ଭିତ୍ତିରେ ନିଲାମ କରାଯିବ। ଟେଣ୍ଡର ସମ୍ପର୍କିତ ବିଡ୍ ଡକ୍ୟୁମେଣ୍ଟ, ପାର୍କିଂ ସ୍ଥଳର ବିବରଣୀ, ସର୍ତ୍ତାବଳୀ ଓ ଅନ୍ୟାନ୍ୟ ତଥ୍ୟ କଟକ ଜିଲ୍ଲା ପ୍ରଶାସନର ୱେବସାଇଟ kataka.odisha.gov.in ରେ ଉପଲବ୍ଧ ରହିଛି। ଇଚ୍ଛୁକ ବ୍ୟକ୍ତି ୨୫.୦୯.୨୦୨୬ ଠାରୁ ବିଡ୍ ଡକ୍ୟୁମେଣ୍ଟ ଡାଉନଲୋଡ୍/ ସଂଗ୍ରହ କରିପାରିବେ। ଟେଣ୍ଡର ସମ୍ପର୍କିତ କୌଣସି ସ୍ପଷ୍ଟୀକରଣ ଆବଶ୍ୟକ ହେଲେ ଲିଖିତ ପ୍ରଶ୍ନ ୦୨.୧୦.୨୦୨୬ ଅପରାହ୍ନ ୩.୦୦ଟା ସୁଦ୍ଧା ଦାଖଲ କରିବାକୁ ହେବ। ପୂରଣ କରାଯାଇଥିବା ଟେଣ୍ଡର ୦୮.୧୦.୨୦୨୬ ଅପରାହ୍ନ ୫.୦୦ଟା ସୁଦ୍ଧା ଟେଣ୍ଡର ବକ୍ସରେ ଦାଖଲ କରାଯାଇପାରିବ। ଟେଣ୍ଡରଗୁଡ଼ିକ ୦୯.୧୦.୨୦୨୬ ଦିନ ମଧ୍ୟାହ୍ନ ୧୨.୦୦ଟାରେ କଟକ କଲେକ୍ଟୋରେଟ୍‌ର ୨ୟ ମହଲାସ୍ଥିତ ପୁରାତନ ସମ୍ମିଳନୀ କକ୍ଷରେ ଟେଣ୍ଡରଦାତା ଏବଂ ଏଥିପାଇଁ ଗଠିତ କମିଟିର ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ। ସମ୍ପୂର୍ଣ୍ଣ ଟେଣ୍ଡର ସୂଚନା, ସର୍ତ୍ତାବଳୀ ଓ ଆବଶ୍ୟକ ଦଲିଲ ସମ୍ପର୍କରେ ବିସ୍ତୃତ ତଥ୍ୟ କଟକ ଜିଲ୍ଲା ୱେବସାଇଟ୍ ସହିତ ସମ୍ପୃକ୍ତ କାର୍ଯ୍ୟାଳୟଗୁଡ଼ିକର ନୋଟିସ୍ ବୋର୍ଡରେ ଉପଲବ୍ଧ ରହିଛି।

### ନାବାଳିକା ଅସଦାଚରଣ ମାମଲା

## ଚାର୍ଜସିଟ୍ ଫାଇଲ୍ ହେବାର ୬ମାସରେ ଦୋଷୀକୁ ଦଣ୍ଡ ମିଳିଲା

କଟକ,(ସବ୍ୟୁ): ଜଗତପୁର ପାଗା ଅଞ୍ଚଳର ଜଣେ ୬ବର୍ଷର ଝିଅ ପ୍ରତି ଅସଦାଚରଣ କରିଥିବା ଅଭିଯୋଗରେ ଆସାମୀ ଡାଙ୍ଗୁଆ ଓରଫ ଚିରଞ୍ଜିବୀ ଦେହୁରୀକୁ କଟକ ଆଡହକ୍ ଅତିରିକ୍ତ ଜିଲ୍ଲା ଏବଂ ସେସନ୍ସ ଜଜ୍( ଫାଷ୍ଟଟ୍ରାକ୍-୧) ୨୦ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ଆସାମୀ ଉପରେ ୧୦ ହଜାର ଟଙ୍କାର ଜରିମାନା କରାଯାଇଛି । ଜରିମାନା ଅନାଦାୟ ଆସାମୀ ଅଧିକ ଗୋଟେ ବର୍ଷ ଜେଲ୍‌ଦଣ୍ଡ ଭୋଗିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ଏହି ମାମଲାରେ ଚାର୍ଜସିଟ୍ ଫାଇଲ୍ ହେବାର ୬ମାସ ମଧ୍ୟରେ ଅଦାଲତ ଅଭିଯୁକ୍ତକୁ ଦଣ୍ଡିତ କରିପାରିଛନ୍ତି। ଗତ ଜାନୁଆରୀ ୧୪ ତାରିଖ ଦିନ ପୀଡ଼ିତା ତାଙ୍କ ଘର ପାଖ ପଡ଼ିଆରେ ଖେଳୁଥିବାବେଳେ ଅଭିଯୁକ୍ତ ଡାଙ୍ଗୁଆ ଚକଲେଟ୍‌ର ଲୋଭ ଦେଖାଇ ତାଙ୍କୁ ପାଖ ଏକ ମଣ୍ଡପ ନିକଟକୁ ନେଇଯାଇଥିଲା। ସେଠାରେ ପୀଡ଼ିତାଙ୍କ ସହ ଅସଦାଚରଣ କରିଥିଲା। ପୀଡ଼ିତା ଏହି ଘଟଣା ସମ୍ପର୍କରେ କାହା ଆଗରେ କହିଲେ ଜୀବନରୁ ମାରିଦେବ ବୋଲି ଧମକ ଦେଇଥିଲା। ଘରକୁ ଯାଇ ପୀଡ଼ିତା ଏହି ଘଟଣା ସମ୍ପର୍କରେ କହିବା ପରେ ପରିବାର ଲୋକେ ଅଭିଯୁକ୍ତକୁ ପଚାରିବାରୁ ସେ କେଉଁଆଡ଼େ ଫେରାର ହୋଇଯାଇଥିଲା। ଘଟଣା ଘଟିବାର ପରଦିନ ଅର୍ଥାତ ୧୫ ତାରିଖ ଦିନ ପୀଡ଼ିତାଙ୍କ ଦାଦା ପାଗା ଫାଣ୍ଡିରେ ଏତଲା ଦେଇଥିଲେ। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରିବା ସହ ମାର୍ଚ୍ଚ ୧୫ରେ ଅଦାଲତରେ ଚାର୍ଜସିଟ୍ ଫାଇଲ୍ କରିଥିଲା। ଅଦାଲତ ବିଭିନ୍ନ ସାକ୍ଷୀ ଏବଂ ପ୍ରମାଣକୁ ଆଧାର କରି ଏଭଳି ଘୃଣ୍ୟ କାର୍ଯ୍ୟ କରିଥିବା ଅଭିଯୁକ୍ତ ଡାଙ୍ଗୁଆକୁ ଏହି ଘଟଣା ପାଇଁ ଦୋଷୀ ସାବ୍ୟସ୍ତ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଏସ୍.ଏନ୍. ଦାସ ଏହି ମାମଲା ପରିଚାଳନା କରୁଥିଲେ।

## ବଜ୍ରପାତରେ ଜଳିଗଲା ଗଛ

ଗୋପ,(ସବ୍ୟୁ):ସମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗୋପରେ ତୁହାକୁ ତୁହା ବର୍ଷା ଜାରି ରହିଥିବା ବେଳେ ବଜ୍ରପାତରେ ଗୋଟିଏ ଚାକୁଣ୍ଡା ଗଛଦୁଇ ଫାଳ ହୋଇଥିବା ବେଳେ ଦୁଇଟି ନଡ଼ିଆ ଗଛ ଜଳିଯାଇଛି ।ଏଭଳି ଘଟଣାକୁ ନେଇ ଲୋକେ ଆତଙ୍କିତ ହୋଇଯାଇଛନ୍ତି । ଖବରରୁ ପ୍ରକାଶ ସାମ୍ଭାବ୍ୟ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଗତ ଦୁଇଦିନ ଧରି ଗୋପ ବ୍ଲକ ଅଞ୍ଚଳରେ ତୁହାକୁ ତୁହା ଲଗାଣ ବର୍ଷା ଓ ପବନ ଜାରି ରହିଛି ।ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି ।ବୁଧବାର ଦିନ ତମାମ ବର୍ଷା ଓ ବଜ୍ରପାତ ଜୋଙ୍ଗୁ ନିକଟସ୍ଥ ଏରବଙ୍ଗ ପଞ୍ଚାୟତର ତାରଙ୍ଗୀରା ଗ୍ରାମ ଶ୍ମଶାନରେ ଥିବା ଏକ ବିରାଟ ଚାକୁଣ୍ଡା ଗଛ ଜଳିଯିବା ସହିତ ମଝିରୁ ଫାଳି ହୋଇଯାଇଛି ।ସେହିପରି ତାରଙ୍ଗୀରା ଗାଁ ମୁଣ୍ଡରେ ଥିବା ଦୁଇଟି ନଡିଆ ଗଛ ଉପରେ ବଜ୍ରପାତରେ ଜଳିଯାଇଛି ।

### ଦାୟିତ୍ୱ ନେଲେ ଭୁବନେଶ୍ୱର ନୂଆ ଡିସିପି

## ଫୋକସ୍‌ରେ ରହିବ ସାଇବର କ୍ରାଇମ୍

ଭୁବନେଶ୍ୱର, (ସବ୍ୟୁ) : ଭୁବନେଶ୍ୱର ନୂଆ ଡିସିପି ସର୍ବଣା ବିବେକ୍ ଏମ୍ ପୋଲିସ ସେବା ଭବନରେ କମିଶନର ସୁରେଶ ଦେବଦତ୍ତ ସିଂଙ୍କ ଉପସ୍ଥିତିରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସାଇବର କ୍ରାଇମ୍ ଫୋକସ୍‌ରେ ରହିବ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

୨୦୧୩ ବ୍ୟାଚ୍ ଆଇପିଏସ୍ ଜଗମୋହନ ମିନା ଭୁବନେଶ୍ୱର ଡିସିପି ପଦରୁ ଇସ୍ତଫା ଦେବା ପରେ ୨୦୧୫ ବ୍ୟାଚ୍ ଆଇପିଏସ୍ ସର୍ବଣା ବିବେକ ଏମ୍‌କୁ ଭୁବନେଶ୍ୱର ଡିସିପି ଭାବେ ନିଯୁକ୍ତି ଦେବା ପରେ ଶୁକ୍ରବାର ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଦାୟିତ୍ୱ ନେବା ଥାନା ଆଇଆଇସିଙ୍କ ସହ ୱାନ୍ ଟୁ ୱାନ ଆଲୋଚନା କରିବା ସହ କମ୍ୟୁନିଟି ପୋଲିସଙ୍କ ଉପରେ ଗୁରୁତ୍ୱ ଦେଇଛନ୍ତି । ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ଭିଭିଆଇପିଙ୍କ ସୁରକ୍ଷା ଉପରେ ଗୁରୁତ୍ୱରାପ କରିବା ସହ ସାଇବର କ୍ରାଇମ୍ ଫୋକସ୍‌ରେ ରହିବ ବୋଲି ମତ ଦେଇଛନ୍ତି ।

୧୯୮୫ ମସିହାରେ ତାମିଲନାଡୁରେ ଜନ୍ମ ଗ୍ରହଣ କରି ଶିକ୍ଷା ଅଧ୍ୟୟନ କରିବା ପରେ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଡାକ୍ତର ଭାବେ କାମ କରୁଥିଲେ । ପରେ ସିଭିଲ୍ ସର୍ଭିସ୍‌ରେ ଆଇପିଏସ୍ ପାଇଥିଲେ । ମାଓ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ପ୍ରଭୃତିରେ କାମ କରିବା ପରେ ଗଞ୍ଜାମ ଏସ୍‌ପି ଭାବେ ଅପରାଧ ଦମନରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିବାରୁ ଜଗମୋହନ ମିନାଙ୍କ ଇସ୍ତଫା ପରେ ଭୁବନେଶ୍ୱର ଡିସିପି ଭାବେ ତାଙ୍କୁ ସରକାର ନିଯୁକ୍ତି ଦେଲେ । କାର୍ଯ୍ୟ ଆରମ୍ଭ କରି ଭୁବନେଶ୍ୱର ଥାନା ଆଇଆଇସିମାନଙ୍କ ସହ କଥା ହୋଇ କମ୍ୟୁନିଟି ପୋଲିସିଂ ଉପରେ ଗୁରୁତ୍ୱାରୋପ କରିଛନ୍ତି ।



### ଖାଲଖମା ଭର୍ତ୍ତି ଗୁରୁଜଙ୍ଗ-ନୂଆଗାଁ ରାସ୍ତା, ବଢୁଛି ଦୁର୍ଘଟଣା ଆଶଙ୍କା

## ୧୫ରୁ ଊର୍ଦ୍ଧ୍ୱ ଗାଁର ଲୋକେ ହନ୍ତସନ୍ତ, ଦୁଇ ମାସରେ ୫୦ ଆହତ

ଖୋର୍ଦ୍ଧା, (ସବ୍ୟୁ): ଖାଲଖମାରେ ଭର୍ତ୍ତି ରାସ୍ତା, ଚାରିଆଡ଼େ ବର୍ଷାଜଳର ଆସ୍ତରଣ। କେଉଁଠି ରାସ୍ତାର ପିଚୁ ଉଠି ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି ତ ଆଉ କେଉଁଠି ଖାଲ ଭିତରେ ପାଣି ଜମି ରହିଛି। ଦୂରରୁ ରାସ୍ତା ଓ ଖାଲ ମଧ୍ୟରେ ପାର୍ଥକ୍ୟ ଜାଣିବା ମୁସ୍କିଲ। ଏଭଳି ବିପଜ୍ଜନକ ପରିସ୍ଥିତିରେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି ଶତାଧିକ ଲୋକ। ଦୀର୍ଘଦିନ ଧରି ରାସ୍ତାର ଏଭଳି ଦୁରବସ୍ଥା ଲାଗି ରହିଥିଲେ ମଧ୍ୟ ମରାମତି ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଫଳରେ ଯାତାୟାତ ଯନ୍ତ୍ରଣା ଦିନକୁ ଦିନ ଅସହ୍ୟ ହେବାରେ ଲାଗିଛି। ଏହା ହେଉଛି ଖୋର୍ଦ୍ଧା ପୌରପରିଷଦର ୧୮ ନମ୍ବର ୱାର୍ଡ ଅନ୍ତର୍ଗତ ଗୁରୁଜଙ୍ଗ ଟାଙ୍ଗୀ ସାହି-ନୂଆଗାଁ ମୁଖ୍ୟ ରାସ୍ତାର ଚିତ୍ର।ଏହି ରାସ୍ତା ଉପରେ ନିର୍ଭର କରୁଥିବା ୧୫ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଦୀର୍ଘଦିନ ଧରି ଯାତାୟାତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଦୁର୍ଘଟଣା ଆଶଙ୍କା ବଢୁଥିବାବେଳେ ଗତ ଦୁଇ ମାସ ମଧ୍ୟରେ ପ୍ରାୟ ୪୦ରୁ ୫୦ ଜଣ ଆହତ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ରାସ୍ତାର ନିର୍ମାଣ ଓ ମରାମତି ଦାୟିତ୍ୱ କେଉଁ ବିଭାଗ ଅଧୀନରେ ରହିଛି, ତାହା ସ୍ପଷ୍ଟ ହୋଇପାରୁନଥିବାରୁ ସମସ୍ୟାର ସମାଧାନ ବିଳମ୍ବିତ ହେଉଥିବା ଅଂଚଳବାସୀ କହିଛନ୍ତି।

ଗୁରୁଜଙ୍ଗ-ନୂଆଗାଁ ରାସ୍ତା କେବଳ ଏକ ଗ୍ରାମୀଣ ରାସ୍ତା ନୁହେଁ, ବରଂ ଏହା ଆଖପାଖର ଅନେକ ଗ୍ରାମକୁ ଖୋର୍ଦ୍ଧା ସହର ସହ ସଂଯୋଗ କରୁଥିବା ଏକ ପ୍ରମୁଖ ଯୋଗାଯୋଗ ମାଧ୍ୟମ। ନୂଆଗାଁ, ଅରାଙ୍ଗ, ମହୁଲ, ମଧୁପୁର, ମାଜଣା, ଅଙ୍ଗାରପଡ଼ା, ପଳାସପୁର, ବିନ୍ଧଗିରି, ଛତାବର, ମିନଟୀନ ପାଟଣା, ମେଣ୍ଢାଶାଳ ଓ ଅରିଶଳ ସମେତ ଆଖପାଖର ବିଭିନ୍ନ ଗ୍ରାମର ଲୋକେ ଏହି ରାସ୍ତା ଦେଇ ନିୟମିତ ଯାତାୟାତ କରୁଛନ୍ତି। ଖୋର୍ଦ୍ଧା ସହର ସହିତ ଭୁବନେଶ୍ୱର ଓ କଟକକୁ ଯାତାୟାତ କରୁଥିବା ଲୋକଙ୍କ ପାଇଁ ମଧ୍ୟ ଏହି ରାସ୍ତାର ଗୁରୁତ୍ୱ ରହିଛି। ପ୍ରତିଦିନ ଏହି ରାସ୍ତାରେ ଛୋଟବଡ଼ ଯାନବାହନ ଚଳାଚଳ କରୁଥିବାବେଳେ ରାସ୍ତାର ଦୁରବସ୍ଥା ଯୋଗୁଁ ଯାତ୍ରୀଙ୍କୁ ଅଯଥା ସମୟ ନଷ୍ଟ କରିବାକୁ ପଡୁଛି। ଖାଲଖମା ଯୋଗୁଁ ଯାନବାହନର କ୍ଷତି ହେବା ସହ ଯାତ୍ରୀଙ୍କ ଦୈନନ୍ଦିନ ଜୀବନ ମଧ୍ୟ ପ୍ରଭାବିତ ହେଉଛି।

ବିଶେଷକରି ଦୁଇଚକିଆ ଯାନ ଚାଳକଙ୍କ ପାଇଁ ରାସ୍ତାଟି ବିପଦପୂର୍ଣ୍ଣ ହୋଇଛି। ଖାଲଗୁଡ଼ିକୁ ଏଡ଼ାଇବାକୁ ଯାଇ ଚାଳକମାନେ ହଠାତ୍ ଗାଡ଼ିର ଦିଗ ପରିବର୍ତ୍ତନ କରୁଥିବାରୁ ଅନ୍ୟ ଯାନ ସହ ଧକ୍କା ହେବାର ଆଶଙ୍କା ରହୁଛି। ଅନେକ ସମୟରେ ଖାଲରେ ଚକ ପଡ଼ିଯିବାରୁ ଯାତ୍ରୀମାନେ ଭାରସାମ୍ୟ ହରାଇ ପଡ଼ିଯାଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ବର୍ଷାଦିନେ ସ୍ଥିତି ଆହୁରି ଜଟିଳ ହୋଇପଡୁଛି। ରାସ୍ତାର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ଖାଲର ଗଭୀରତା ଜଣାପଡୁନାହିଁ। ଫଳରେ ଯାତ୍ରୀମାନେ ଅଜାଣତରେ ଖାଲରେ ପଡ଼ି ଦୁର୍ଘଟଣାର ଶିକାର ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ଗତ ଦୁଇ ମାସ ମଧ୍ୟରେ ଏହି ରାସ୍ତାରେ ଦୁର୍ଘଟଣା ଯୋଗୁଁ ପ୍ରାୟ ୪୦ରୁ ୫୦ଜଣ ଆହତ ହୋଇ ଖୋର୍ଦ୍ଧା ମେଡିକାଲରେ ଚିକିତ୍ସିତ ହୋଇଛନ୍ତି। ରାସ୍ତାର କ୍ଷତିର କାରଣ ନିର୍ଦ୍ଧାରଣ ପାଇଁ ବୈଷୟିକ ଯାଂଚ କରାଯିବା ସହ ଆବଶ୍ୟକ ମରାମତି ଓ ଦାୟିତ୍ୱ ନିର୍ଦ୍ଧାରଣ କରାଯିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ନଚେତ୍ ରାସ୍ତାର ଦୁରବସ୍ଥାକୁ ନେଇ ଆଗାମୀ ଦିନରେ ଜନଆନ୍ଦୋଳନ ଗଢ଼ିଉଠିବ ବୋଲି ଅଂଚଳବାସୀ ଚେତାବନୀ ଦେଇଛନ୍ତି।



### କ୍ରିୟାଶୀଳ ହେଉଛି "ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ'

## ଭୁବନେଶ୍ୱରରେ ନିର୍ମାଣ ହେବ ମା' ସମଲେଶ୍ୱରୀଙ୍କ ମନ୍ଦିର

ଭୁବନେଶ୍ୱର(ସବ୍ୟୁ): ରାଜଧାନୀ ଭୁବନେଶ୍ୱର ଉପକଣ୍ଠରେ ମା' ସମଲେଶ୍ୱରୀଙ୍କର ଏକ ଭବ୍ୟ ମନ୍ଦିର ନିର୍ମାଣ କରାଯିବ । ଏହା କେବଳ ଏକ ମନ୍ଦିର ନୁହେଁ, ବରଂ ପଶ୍ଚିମ ଓଡ଼ିଶାର ଆସ୍ଥା, ପରମ୍ପରା, ସାଂସ୍କୃତିକ ପରିଚୟ ଓ ଭାବନାର ପ୍ରତୀକ ଭାବେ ବିକଶିତ ହେବ । ଏହି ପ୍ରକଳ୍ପ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛି ପଶ୍ଚିମ ଓଡ଼ିଶା ଅଗ୍ରଣୀ ସଂଗଠନ । ଲୋହିଆ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସଭାପତି ସଞ୍ଜୀବ କୁମାର ମିଶ୍ର ଏବଂ ମହାସଚିବ ଦୁଃଖିଶ୍ୟାମ ଭଞ୍ଜ କହିଥିଲେ, ୧୯୯୨ ମସିହାରୁ ଗଠିତ ଏହି ସଂଗଠନ ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସାମାଜିକ, ସାଂସ୍କୃତିକ ଓ ଜନହିତକର କାର୍ଯ୍ୟ କରିଆସୁଛି । ପଶ୍ଚିମ ଓଡ଼ିଶାର ଲୋକକଳା, ଲୋକନୃତ୍ୟ, ଲୋକଗୀତ, ହସ୍ତଶିଳ୍ପ ଓ ପରମ୍ପରାକୁ ରାଜ୍ୟସାରା ପ୍ରଚାର ପ୍ରସାର କରୁଛି । ଏହି ଅଭିଯାନକୁ ଅହୁରି କ୍ରୀଶୀଳ କରିବାକୁ ନୂତନ କର୍ମକର୍ତ୍ତା ସଙ୍କଳ୍ପ ନେଇଛନ୍ତି । ଯୁବପିଢ଼ିଙ୍କୁ ନିଜ ମାଟି, ଭାଷା ଓ ସଂସ୍କୃତି ସହ ଯୋଡ଼ିବା ସହ ସେମାନଙ୍କ ପ୍ରତିଭାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିବାର ଲକ୍ଷ୍ୟ ନିଆଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରାଯିବ । ବିବିଧତା ମଧ୍ୟରେ ଏକତାର ଭାବନାକୁ ନେଇ ସଂଗଠନ ଆଗାମୀ ଦିନରେ ଅଧିକ କାର୍ଯ୍ୟ କରିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଏହି ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଆଶୁତୋଷ ହୋତା, ସମ୍ପାଦକ ଅନିଲ ମହାପାତ୍ର ଓ ଶ୍ରୁତକୀର୍ତ୍ତି ତ୍ରିପାଠୀ, ନିତିନ ଆନନ୍ଦ, ପରିଷଦ କୋଷାଧ୍ୟକ୍ଷ ଲୋକେଶ କୁମାର ଜଗତ, ପ୍ରକଳ୍ପ ସଂଯୋଜକ ରାଜକୁମାର ଦାଶ ଏବଂ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ସଦାନନ୍ଦ ଭୋଇ, ଚନ୍ଦ୍ରଶେଖର ସାହୁ, ସ୍ମୃତିଶିକ୍ଷା ମହାପାତ୍ର, ସୂର୍ଯ୍ୟସ୍ନାତା ବହିଦାର ପ୍ରମୁଖ ଉପସ୍ଥିତ ଥିଲେ ।



## ୩ ଚୋରି ମାମଲାରେ ୭ ଗିରଫ

# ଟଙ୍କା ଓ ୪ ମୋବାଇଲ ଫୋନ୍ ଜବତ, ଜେଲ୍ ଗଲେ ଅଭିଯୁକ୍ତ

ପୁରୀ, (ସବ୍ୟୁ) : ପୁରୀ ଟାଉନ ଥାନା ପୋଲିସ ୩ଟି ପୃଥକ ଚୋରି ମାମଲାରେ ୭ ଜଣଙ୍କୁ ଗିରଫ କରିଛି। ଗିରଫ



ଅଭିଯୁକ୍ତଙ୍କଠାରୁ ଚୋରି ଟଙ୍କା ସହ ୪ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ମାଛ ମାର୍କେଟ ଗଳିରେ ଥିବା ଯୋଗେନ୍ଦ୍ର ପ୍ରମାଣିକଙ୍କ ପାନ ଦୋକାନରୁ ଗତ ଅଗଷ୍ଟ ୨୯ ତାରିଖ ରାତିରେ ଚୋରି ହୋଇଥିଲା। ଏହି ଘଟଣାରେ ପୁରୀ ଟାଉନ ଥାନା କେସ୍ ନଂ ୫୮୨/୨୦୨୬ରେ ସଦାମ ହୁସେନ (୨୬), ଆସିକ୍ ଅଲ୍ଲୀ (୨୦) ଓ ତହିଦ୍ ଶାହା (୧୯)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩ଟି ମୋବାଇଲ ଫୋନ୍ ଓ ୨,୧୦୦ ଟଙ୍କା ଜବତ ହୋଇଛି। ଅଭିଯୁକ୍ତମାନେ ଉତ୍ତରପ୍ରଦେଶର ଚିତ୍ରକୂଟ ଅଞ୍ଚଳର ବାସିନ୍ଦା ଏବଂ ପୁରୀ କୁମ୍ଭାରପଡ଼ା ଅଞ୍ଚଳରେ ଭଡ଼ାରେ ରହି ଫେରି କରୁଥିବା ପୋଲିସ କହିଛି।

ସେହିପରି ମାର୍କେଟ ଛକ ନିକଟରେ ପାର୍ବତୀ ଦାସଙ୍କ ଉଠା ଫଳ ଦୋକାନରୁ ଅଗଷ୍ଟ ୧୩ ତାରିଖ ରାତିରେ ଚୋରି ଘଟଣାରେ କେସ୍ ନଂ ୫୪୪/୨୦୨୬ରେ ଆଲୋକ ମହାପାତ୍ର (୨୨) ଓ ପ୍ରଦୀପ ଡାଙ୍ଗ (୨୬)ଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ଗୋଟିଏ ମୋବାଇଲ ଫୋନ୍ ଓ ୪,୨୦୦ ଟଙ୍କା ଜବତ ହୋଇଛି। ଅନ୍ୟପକ୍ଷରେ ସୁଗ୍ରୀବ ମହାବୀର ମନ୍ଦିର ନିକଟରେ ଚୋରି ଉଦ୍ୟମ କରୁଥିବା ବେଳେ ପୋଲିସ ପାଟ୍ରୋଲିଂ ସମୟରେ ଅରକ୍ଷିତ ଦାସ (୫୯) ଓ ଅଜିତ ବାରିକ (୨୮)ଙ୍କୁ ଧରିଛି। ଏହି ଘଟଣାରେ କେସ୍ ନଂ ୬୫୧/୨୦୨୬ ରୁଜୁ ହୋଇଛି। ଉଭୟଙ୍କ ବିରୋଧରେ ପୂର୍ବରୁ ଚୋରି ମାମଲା ଥିବା ପୋଲିସ ପକ୍ଷରୁ କୁହାଯାଇଛି। ଉଭୟେ ଜଗନ୍ନାଥ ବଲ୍ଲଭ ଅଞ୍ଚଳରେ ରହି ମୂଲିଆ କାମ କରୁଥିଲେ। ଗିରଫ ସମସ୍ତ ୭ ଅଭିଯୁକ୍ତଙ୍କୁ ପୋଲିସ ପକ୍ଷରୁ ଶୁକ୍ରବାର ପୁରୀ ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ପୁରୀ ଜିଲ୍ଲା ଜେଲକୁ ପଠାଯାଇଛି।

## ଦୁର୍ଗାପୂଜା ପାଇଁ ୨୮ ପୁଣି ଖୋଲିବ ସିଙ୍ଗଲ୍ ୱିଣ୍ଡୋ ସେଲ୍

କଟକ, (ସବ୍ୟୁ) ଆଗାମୀ ଦୁର୍ଗାପୂଜା ଅବସରରେ ପୂଜା କମିଟିଗୁଡ଼ିକୁ ଏନ୍ଓସି ପ୍ରଦାନ ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ପୂର୍ବରୁ କାର୍ଯ୍ୟକ୍ଷମ କରାଯାଇଥିବା ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ପୁଣିଥରେ ଖୋଲିବ। କଟକ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ, ବିଭିନ୍ନ ପୂଜା କମିଟିର ଅନୁରୋଧକୁ ବିଚାର କରି ୨୮ ସେପ୍ଟେମ୍ବର ୨୦୨୬ ଦିନ ସିଙ୍ଗଲ୍ ୱିଣ୍ଡୋ ସେଲ୍ ପୁଣିଥରେ କାର୍ଯ୍ୟ କରିବ। ଏହି ଦିନ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ ପରିସରରେ ପୂଜା କମିଟିଗୁଡ଼ିକର ଏନ୍ଓସି ପ୍ରଦାନ ସମ୍ପର୍କିତ ଆବଶ୍ୟକ ପ୍ରକ୍ରିୟା ସମ୍ପାଦନ କରାଯିବ। ଏପର୍ଯ୍ୟନ୍ତ ଆବେଦନ କରିନଥିବା ସମ୍ପୃକ୍ତ ପୂଜା କମିଟିଗୁଡ଼ିକ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଯାଇଛି। ବିଭିନ୍ନ ପୂଜା କମିଟିକୁ ପ୍ରୋଭିଜନାଲ୍/ ଫାଇନାଲ୍ ଏନ୍ଓସି ପ୍ରଦାନକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବରୁ ୧୮ ରୁ ୨୧ ସେପ୍ଟେମ୍ବର ପର୍ଯ୍ୟନ୍ତ ବାରବାଟୀ ପ୍ୟାଲେସ୍ ପରିସରରେ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା କାର୍ଯ୍ୟ କରିଥିଲା। ଏଥିରେ ୧୮୧ ପୂଜା କମିଟି ଫର୍ମ ନେଇଥିବାବେଳେ ୧୭୮ ଟି ପୂଜା କମିଟି ଆବେଦନ କରିଥିଲେ । ୨୮ ସେପ୍ଟେମ୍ବର ପରେ ଏହି ସୁବିଧା ପାଇଁ ଆଉ କୌଣସି ସମୟ ବୃଦ୍ଧି କରାଯିବ ନାହିଁ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଶ୍ରେଷ୍ଠ ଓଡ଼ିଆ ଫିଚର ଫିଲ୍ମ ଭାବେ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ଚଳଚ୍ଚିତ୍ର 'ଲହରି'ର ନିର୍ଦ୍ଦେଶକ ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟ ଓ ପ୍ରଯୋଜକ ଝିଲିକ୍ ଭଟ୍ଟାଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

## ଯଶୋଦା ହସ୍ପିଟାଲ୍, ହାଇଦ୍ରାବାଦରେ ଶିଶୁମାନଙ୍କ ପାଇଁ

# ଉନ୍ନତ ଏବଂ ବ୍ୟାପକ ସ୍ନାୟୁରୋଗ ଚିକିତ୍ସା ସମ୍ପର୍କରେ ସଚେତନତା

ଭୁବନେଶ୍ୱର (ସବ୍ୟୁ): ପେଡିଆଟ୍ରିକ୍ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ଡାକ୍ତର ଲୋକେଶଙ୍କ ନେତୃତ୍ୱରେ ଏହି ବିଭାଗ ସାଧାରଣ ତଥା ଜଟିଳ ସ୍ନାୟୁଗତ ସମସ୍ୟା ଥିବା ଶିଶୁମାନଙ୍କୁ



ବହୁବିଧ ବିଶେଷଜ୍ଞ ସେବା ଯୋଗାଇ ଦେଉଛି। ଏହି ଟିମ୍‌ରେ ତିନିଜଣ ପେଡିଆଟ୍ରିକ୍ ନ୍ୟୁରୋଲୋଜିଷ୍ଟ, ଜଣେ ଏପିଲେପ୍ଟୋଲୋଜିଷ୍ଟ ମୁଭମେଣ୍ଟ ଡିସଅର୍ଡର ବିଶେଷଜ୍ଞ, ପେଡିଆଟ୍ରିକ୍ ନ୍ୟୁରୋସର୍ଜରୀ, ଜେନେଟିକ୍ସ ଏବଂ ନ୍ୟୁରୋ-ରିହାବିଲିଟେସନ୍ (ପୁନର୍ବାସ) ଟିମ୍ ସାମିଲ ଅଛନ୍ତି, ଯାହାଦ୍ୱାରା ଜଟିଳ ରୋଗୀମାନଙ୍କୁ ଗୋଟିଏ ସମନ୍ୱିତ ବ୍ୟବସ୍ଥା ଅଧୀନରେ ଚିକିତ୍ସା କରାଯାଇପାରିବ। ହସ୍ପିଟାଲରେ ସ୍ନାୟୁଗତ ନିଦାନ ଏବଂ ଚିକିତ୍ସା ପାଇଁ ଭିଡିଓ ଇମେଜିଂ ଏବଂ ପେଡିଆଟ୍ରିକ୍ ଷ୍ଟ୍ରୋକ୍ ପ୍ରୋଟୋକଲ୍ ସମେତ ସ୍ୱତନ୍ତ୍ର ଗଜଓ ପ୍ରୋଟୋକଲ୍ ଭଳି ଉନ୍ନତ ସୁବିଧା ରହିଛି। ଔଷଧ ଦ୍ୱାରା ନିୟନ୍ତ୍ରଣ ହେଉନଥିବା ମୃଗୀ ରୋଗ ଥିବା ଶିଶୁମାନଙ୍କର ସମ୍ପୂର୍ଣ୍ଣ ଆକଳନ କରାଯାଇପାରିବ ଏବଂ ଆବଶ୍ୟକ ସ୍ଥଳେ ସର୍ଜରୀ ପାଇଁ ବିଚାର କରାଯାଇପାରିବ। ଏହି କେନ୍ଦ୍ର ଶିଶୁ ଷ୍ଟ୍ରୋକ୍ ଏବଂ ମୋୟାମୋୟା ରୋଗରେ ପୀଡ଼ିତ ଶିଶୁମାନଙ୍କୁ ବହୁବିଧ ଚିକିତ୍ସା ସେବା ଯୋଗାଇଥାଏ, ଯେଉଁଥିରେ ଆବଶ୍ୟକ ପଡ଼ିଲେ ରିଭାସ୍କୁଲାରାଇଜେସନ୍ ପ୍ରକ୍ରିୟା ପାଇଁ ନ୍ୟୁରୋସର୍ଜରୀ ଦଳ ସହିତ ସମନ୍ୱୟ ରକ୍ଷା କରାଯାଏ। ନ୍ୟୁରୋମସ୍କୁଲାର୍ ସମସ୍ୟା ଥିବା ଶିଶୁମାନଙ୍କ ପାଇଁ ସମର୍ପିତ ସେବା ମାଧ୍ୟମରେ ନିଦାନ ଏବଂ ନିରନ୍ତର ପରିଚାଳନା ଯୋଗାଇ ଦିଆଯାଏ, ଯେଉଁଥିରେ ରୋଗ-ନିର୍ଦ୍ଦିଷ୍ଟ ଥେରାପି ଏବଂ ପୁନର୍ବାସର ସୁବିଧା ଅନ୍ତର୍ଭୁକ୍ତ। ବଂଶାନୁକ୍ରମିକ ସ୍ନାୟୁଗତ ରୋଗର ସନ୍ଦେହ ଥିବା ଶିଶୁମାନଙ୍କ ପାଇଁ ଜେନେଟିକ୍ ଏବଂ ମେଟାବୋଲିକ୍ ପରୀକ୍ଷାକୁ ଚିକିତ୍ସା ସହିତ ଯୋଡ଼ାଯାଇଛି।

## ବେଦାନ୍ତ ଆଲୁମିନିୟମ ଭାରତରେ ନିଜର ଉତ୍ପାଦନ କ୍ଷେତ୍ରକୁ

# ସୁଦୃଢ଼ କରିବା ସହ ବିଶ୍ୱ ନିର୍ମାଣରେ ନେତା ଭାବେ ଉଭା ହୋଇଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ଉତ୍ପାଦନ କ୍ଷେତ୍ର ଏବେ ଅଭିବୃଦ୍ଧିର ଏକ ନୂଆ ପର୍ଯ୍ୟାୟରେ ପ୍ରବେଶ କରୁଛି। ବିସ୍ତାରିତ ଭିତ୍ତିଭୂମି, ପରିବେଶ ଅନୁକୂଳ ଯାତାୟାତ, ଅକ୍ଷୟ ଶକ୍ତି, ନଗରୀକରଣ ଏବଂ ଉନ୍ନତ ଉତ୍ପାଦନ କ୍ଷେତ୍ରର ବିକାଶ ଏହି ପରିବର୍ତ୍ତନକୁ ଗତି ଦେଉଛି। ଏହା ସହିତ ହାଲୁକା, ଦୀର୍ଘସ୍ଥାୟୀ, ପୁନଃଚକ୍ରଣଯୋଗ୍ୟ ଏବଂ ବହୁମୁଖୀ ବ୍ୟବହାର ଯୋଗ୍ୟ ସାମଗ୍ରୀର ଚାହିଦା ମଧ୍ୟ ବଢ଼ୁଛି। ଏହି ପରିବର୍ତ୍ତନର କେନ୍ଦ୍ରରେ ରହିଛି ଆଲୁମିନିୟମ। ଅଟୋମୋବାଇଲ, ବିଦ୍ୟୁତ ପରିବହନ, ନିର୍ମାଣ, ରେଳ, ବିମାନ ଚଳାଚଳ, ପ୍ରତିରକ୍ଷା ଏବଂ ନୂଆ ପିଢ଼ିର ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତି ଭଳି କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର ହେଉଛି। ତେଣୁ ଅଧିକ ଆଲୁମିନିୟମ ଉତ୍ପାଦନ କରିବା ସହିତ ଉଚ୍ଚମାନର ଏବଂ ଅଧିକ ବିଶେଷୀକୃତ ଉତ୍ପାଦ ପ୍ରସ୍ତୁତ କରିପାରୁଥିବା ଏକ ସୁଦୃଢ଼ ଦେଶୀୟ ମୂଲ୍ୟ ଶୃଙ୍ଖଳ ଗଠନ ଉପରେ ମଧ୍ୟ



ଗୁରୁତ୍ୱ ବଢ଼ିଛି। ଏହା ଭାରତର ବଢ଼ୁଥିବା ଉତ୍ପାଦନ ଆବଶ୍ୟକତା ପୂରଣ ସହ ବିଶ୍ୱ ଯୋଗାଣ ଶୃଙ୍ଖଳରେ ଦେଶର ପ୍ରତିସ୍ପର୍ଦ୍ଧୀତାକୁ ମଧ୍ୟ ସୁଦୃଢ଼ କରିବ।

ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ମେଟାଲ ଲିମିଟେଡ୍ (ଭିଏଏମ୍‌ଏଲ) ବୃହତ୍ ଉତ୍ପାଦନ କ୍ଷମତା, ସମନ୍ୱିତ ଉତ୍ପାଦନ ବ୍ୟବସ୍ଥା ଏବଂ ଅଧିକ ମୂଲ୍ୟଯୋଗ ମାଧ୍ୟମରେ ଏହି ସୁଯୋଗକୁ ଉପଯୋଗ କରୁଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଭିଏଏମ୍‌ଏଲ୍ ୨.୪୫ ନିୟୁତ ଟନ୍ ଆଲୁମିନିୟମ ଉତ୍ପାଦନ କରିଛି। ଏହା ଭାରତର ମୋଟ ଆଲୁମିନିୟମ ଉତ୍ପାଦନର ଅର୍ଦ୍ଧାଧିକ। ଓଡ଼ିଶା ଓ ଛତିଶଗଡ଼ରେ ଥିବା କମ୍ପାନୀର ସମନ୍ୱିତ ଉତ୍ପାଦନ ଭିତ୍ତିଭୂମି ଏହି ଉତ୍ପାଦନକୁ ସମର୍ଥନ କରୁଛି। ଏହି ସମନ୍ୱିତ ବ୍ୟବସ୍ଥାରେ ଲାଞ୍ଜିଗଡ଼ର ୫ ଏମ୍‌ଟିପିଏ କ୍ଷମତାର ଆଲୁମିନା ବିଶୋଧନାଗାର, ଚୀନ ବାହାରେ ବିଶ୍ୱର ସର୍ବବୃହତ ଏକକ-ସ୍ଥାନୀୟ ଆଲୁମିନିୟମ ଗଳନ କାରଖାନା ଝାରସୁଗୁଡ଼ା ସ୍ମେଲ୍ଟର ଏବଂ ଛତିଶଗଡ଼ରେ ବାଲ୍‌କୋର ୦.୫୮ ଏମ୍‌ଟିପିଏ କ୍ଷମତାର ଆଲୁମିନିୟମ କାର୍ଯ୍ୟକଳାପ ସାମିଲ ରହିଛି। ଏହା ଫଳରେ କଞ୍ଚାମାଲ ଓ ବିଶୋଧନଠାରୁ ଆରମ୍ଭ କରି ଗଳନ ଏବଂ ଉନ୍ନତ ଆଲୁମିନିୟମ ଉତ୍ପାଦ ପର୍ଯ୍ୟନ୍ତ ଏକ ସମନ୍ୱିତ ମୂଲ୍ୟ ଶୃଙ୍ଖଳ ଗଠିତ ହୋଇଛି। ଭାରତର ଉତ୍ପାଦନ କ୍ଷମତା ସୁଦୃଢ଼ କରିବାରେ କମ୍ପାନୀର ଭୂମିକା ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, "ଭାରତର ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ଆଲୁମିନିୟମ ପାଇଁ ବିଶେଷକରି ଗତିଶୀଳତା, ଭିତ୍ତିଭୂମି, ଶକ୍ତି ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରରେ ବଡ଼ ସୁଯୋଗ ସୃଷ୍ଟି କରୁଛି। ବେଦାନ୍ତ ଆଲୁମିନିୟମରେ ଆମର ଗୁରୁତ୍ୱ ବୃହତ୍ ଉତ୍ପାଦନ, ମୂଲ୍ୟଯୋଗ, ନବସୃଜନ ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନ ମାଧ୍ୟମରେ ଦେଶୀୟ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ଉପରେ ରହିଛି। ଆମେ ଆମର କ୍ଷମତା ବଢ଼ାଇବା ସହ ଭାରତରେ ନିର୍ମିତ ଆଲୁମିନିୟମ ସମାଧାନକୁ ବିଶ୍ୱର ବିଭିନ୍ନ ଗ୍ରାହକଙ୍କ ପାଖରେ ପହଞ୍ଚାଇବା ଜାରି ରଖିବୁ। ଏଥିସହ ଭାରତକୁ ଏକ ବିଶ୍ୱସ୍ତରୀୟ ପ୍ରତିସ୍ପର୍ଦ୍ଧୀ ଉତ୍ପାଦନ କେନ୍ଦ୍ର ଭାବେ ଗଢ଼ି ତୋଳିବାରେ ଆମର ପ୍ରତିବଦ୍ଧତା ଜାରି ରହିବ।

## କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ମାମଲା

# ଶୁଣାଣି ପାଇଁ ପ୍ରସଙ୍ଗ ଧାର୍ଯ୍ୟ କଲେ ହାଇକୋର୍ଟ

କଟକ,(ସବ୍ୟୁ): ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନୀ ମାମଲାରେ ହାଇକୋର୍ଟ ଇସ୍ୟୁ ଫ୍ରେମ୍ କରିଛନ୍ତି। ଅର୍ଥାତ କେଉଁ କେଉଁ ପ୍ରସଙ୍ଗ ଉପରେ ଏହି ନିର୍ବାଚନୀ ମାମଲାର ଶୁଣାଣି ହେବ ହାଇକୋର୍ଟ ତାହା ସ୍ଥିର କରିଛନ୍ତି । ୧୨ଟି ପ୍ରସଙ୍ଗ ଉପରେ ମାମଲାର ଶୁଣାଣି ହେବ ହେବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ବାଚନମଣ୍ଡଳୀର ଜଣେ ନାଗରିକ ଗିରିରାଜ ସିଂ ମାଝୀଙ୍କ ପକ୍ଷରୁ ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ବିରୋଧରେ ରୁଜୁ ମାମଲାରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ରାଧାକୃଷ୍ଣ ପଟ୍ଟନାୟକ ଏହି ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି ଅକ୍ଟୋବର ୯ କୁ ଶୁଣାଣି ପାଇଁ ସମୟ ଧାର୍ଯ୍ୟ ହୋଇଛି। ପ୍ରଥମେ ଏହି ନିର୍ବାଚନୀ ମାମଲା ବିଚାର ପାଇଁ ଗ୍ରହଣୀୟ କି' ନୁହେଁ ତାହା ଉପରେ ଶୁଣାଣି ହେବ । ଏହି ନିର୍ବାଚନୀ ମାମଲା ଖାରଜ ପାଇଁ ଯୋଗ୍ୟ କି' ନୁହେଁ, ନିୟମ ଅନୁଯାୟୀ ପ୍ରତିପକ୍ଷ ତଥା ବିଧାୟକ ତାଙ୍କ ନାମାଙ୍କନପତ୍ର ଦାଖଲ ବେଳେ ସତ୍ୟପାଠ ଦାଖଲ କରିଛନ୍ତି କି' ନାହିଁ, ନାମାଙ୍କନପତ୍ର ସହ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ତାହା ଗ୍ରହଣୀୟ ନା ଖାରଜ ହେବ, ନାମାଙ୍କନପତ୍ର ସହ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ସେଥିରେ ଦିଆଯାଇଥିବା ତଥ୍ୟ ମିଥ୍ୟା କି, ସେ ନିଜ ସମ୍ପର୍କରେ ଯେଉଁ ଘୋଷଣାନାମା ଦେଇଛନ୍ତି ତାହା ମିଛ କି', ତାଙ୍କ ବିରୋଧରେ ଥିବା ବିଭିନ୍ନ ଫୌଜଦାରୀ ମାମଲା ତଥ୍ୟକୁ ଲୁଚାଯାଇଛି କି', ସେହି ଫର୍ମ-୨୬ରେ ନିଜ ସମ୍ପତ୍ତି ସମ୍ପର୍କରେ ଯେଉଁ ତଥ୍ୟ ଦେଇଛନ୍ତି ତାହା ମିଥ୍ୟା କି', ତାଙ୍କ ପତ୍ନୀଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଭୁଲ୍ କି' ଠିକ୍, ନିର୍ବାଚନୀ ଖର୍ଚ୍ଚ ପାଇଁ ପୃଥକ ଆକାଉଣ୍ଟ ଖୋଲାଯାଇଥିଲା କି ନାହିଁ, ସେ ନିଜ ଶିକ୍ଷାଗତ ଯୋଗ୍ୟତା ସମ୍ପର୍କରେ ସଠିକ୍ ତଥ୍ୟ ଦେଇଛନ୍ତି କି' ନାହିଁ, ଭୁଲ୍ ସତ୍ୟପାଠ ପାଇଁ ଏହି ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯିବା ଉଚିତ୍ କି' ଏବଂ ଏହି ପିଟିସନ୍ ଖାରଜ ହେବା ଆବଶ୍ୟକ କି' ଆଦି ଉପରେ ଅଦାଲତ ଇସ୍ୟୁ ଫ୍ରେମ୍ କରିଛନ୍ତି।

# ସମବାୟ ସଦସ୍ୟତା ମହାଅଭିଯାନ ସମ୍ବନ୍ଧର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ପୁରୀ, (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ପୁରୀ ଜିଲ୍ଲା ପ୍ରଶାସନ ସମବାୟ ବିଭାଗ ପକ୍ଷରୁ ସମବାୟ ସଦସ୍ୟତା ମହାଅଭିଯାନ' ସମ୍ବନ୍ଧ 'ର ଶୁଭାରମ୍ଭ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ



ଡିଜିଟାଇଜେସନ 'ସମ୍ବନ୍ଧ' ଆପ ର ଶୁଭାରମ୍ଭ କରାଯାଇଥିଲା। ପୁରୀ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ସମବାୟ ଏକ ଆନ୍ଦୋଳନ ଯାହା ପରିବାର କୁ ଆର୍ଥିକ ସମୃଦ୍ଧି ପଥରେ ନେବା ରେ ସହାୟକ ହୋଇଥାଏ ବୋଲି କହିଥିଲେ। ଗୁଜରାଟ ର ଅମୂଲ ଓ ମହାରାଷ୍ଟ୍ରର ଆଖୁ ସମବାୟ ଶିଳ୍ପ ର ଉଦାହରଣ ଦେଇ ଆମ ରାଜ୍ୟ ରେ ମଧ୍ୟ ସମବାୟ ଏକ ପୁରାତନ ସଂସ୍ଥା ।ଆସ୍କା,ନୟାଗଡ଼, ବଡମ୍ବା ର ଚିନି କଳ ଏହାର ଉଦାହରଣ। ପୁନଶ୍ଚ ଏହାର ପୁନରୁଦ୍ଧାର ଓ ଆଧୁନିକିକରଣ ପାଇଁ ପଦକ୍ଷେପ ନିଆଯାଉଛି। ପୁରୀ ଜିଲ୍ଲାରେ ୨୪୭ ଟି ସମବାୟ ସମିତି ରହିଥିବା ବେଳେ ୩ ଲକ୍ଷ ରୁ ଉର୍ଦ୍ଧ୍ୱ ସଦସ୍ୟ ରହିଛନ୍ତି।ସମ୍ବନ୍ଧ ଆପ ମାଧ୍ୟମରେ ଅତିଶୀଘ୍ର ଆଉ ଏକ ଲକ୍ଷ ସଦସ୍ୟ ଙ୍କୁ ସାମିଲ କରାଯିବ ବୋଲି ଡା ପାତ୍ର କହିଥିଲେ।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଏଥିରେ ଯୋଗ ଦେଇ ସମବାୟ, ସଂଗଠନ କୁ ସମୃଦ୍ଧ ଓ ସଂଗଠିତ କରିବା ସହ ଆର୍ଥିକ ସମୃଦ୍ଧି କୁ ସୁନିଶ୍ଚିତ କରିବା ସମ୍ବନ୍ଧର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ସମବାୟ ସମିତିର ନିବନ୍ଧକ ସରୋଜିନୀ ଜେନା ସମସ୍ତଙ୍କୁ ସ୍ୱାଗତ ସହ ଜିଲ୍ଲାରେ ସମବାୟ ର ସ୍ଥିତି, ଆଗାମୀ କାର୍ଯ୍ୟ ସୂଚୀ ସମ୍ପର୍କରେ ଆଲୋକପାତ କରିଥିଲେ।ଏହି ଅବସରରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ସାତପଡାଗଡ କୃଷି ସମବାୟ ସମିତିର ଗୋଦାମ ଗୃହ, ଗଡ ମୃଗୁଣିରା କୃଷି ସମବାୟ ସମିତିର ଧାନ ବିକ୍ରୟ କେନ୍ଦ୍ର ର ଭିତ୍ତିଭୂମି ବିକାଶ ଓ ମାଲୁଦ କୃଷି ସମବାୟ ସମିତିର କାର୍ଯ୍ୟାଳୟ ର ଶୁଭ ଉଦଘାଟନ ଓ ମହୁରା ମଡେଲ ମଣ୍ଡିର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।ଏହି ଅବସରରେ ଚାରି ଗୋଟି ଲାଭାନ୍ୱିତ ପ୍ୟାକ୍ସ ର ୧୨ ଜଣ ଚାଷିମାନଙ୍କୁ ଲାଭାଂଶ ଅର୍ଥ ର ଚେକ ସାଂସଦ ଡା ପାତ୍ର ପ୍ରଦାନ କରିଥିଲେ।ସମବାୟ ସମିତିର ଆସିଷ୍ଟାଣ୍ଟ ଅଡିଟ ଜେନେରାଲ ସନ୍ତୋଷ କୁମାର ଜାଲି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପୁରୀ ନିମାପଡା ୟୁନାଇଟେଡ କୋଅପରେଟିଭ ସୋସାଇଟିର ସିଇଓ ତପତୀ ପଟ୍ଟନାୟକ, ସହକାରୀ ନିବନ୍ଧକ ସନାତନ ବେହେରା ପ୍ରମୁଖ ଯୋଗ ଦେଇଥିଲେ।


## କ୍ରମ୍ପଟନର ଗାଲାକ୍ସି ଫେଷ୍ଟିଭ ଲାଇଟସ ସମ୍ଭାର

ଭୁବନେଶ୍ୱର, (ସବ୍ୟୁ) : ପର୍ବପର୍ବାଣୀ ସମୟରେ ଘରକୁ ଆକର୍ଷଣୀୟ କରିବା ସହ ଏହାର ସାଜସଜ୍ଜାରେ ରଙ୍ଗ, ଉଷ୍ମତା ଏବଂ ସୁନ୍ଦରତା ଭରିବାରେ ରଙ୍ଗୀନ ଆଲୋକ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସୁନ୍ଦରତା ଏବଂ ଉତ୍ସବର ଆନନ୍ଦକୁ ଦ୍ୱିଗୁଣିତ କରିବାରେ ଏହାର ଆବଶ୍ୟକତାକୁ ଦୃଷ୍ଟିରେ ରଖି କ୍ରମ୍ପଟନ ଗ୍ରୀଭସ କଞ୍ଜୁମର ଇଲେକ୍ଟ୍ରିକାଲ ଲିମିଟେଡ୍ ତାର ନୂଆ ଗାଲାକ୍ସି ଫେଷ୍ଟିଭ ଲାଇଟସ ସମ୍ଭାରର ବଜାର ପ୍ରବେଶ କରିଛି, ଯାହା ବିଭିନ୍ନ ପର୍ବପର୍ବାଣୀ ଏବଂ ଉତ୍ସବ ପାଇଁ ଆକର୍ଷଣୀୟ ଆଲୋକର ସମାଧାନ ଯୋଗାଇଦେବ। ଆଜିକାଲି ଗ୍ରାହକମାନେ ଆଲୋକକୁ କେବଳ ସାଧାରଣ ଲାଇଟ ଭାବେ ନ ଦେଖି ଘରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା, କମ୍ ବିଜୁଳି ଖର୍ଚ୍ଚହେବା, ସହଜରେ ଲଗାଯାଇ ପାରୁଥିବା ଏବଂ ଉତ୍ସବର ପରିବେଶକୁ ଅଧିକ ଜୀବନ୍ତ କରୁଥିବା ଆଲୋକକୁ ପସନ୍ଦ କରୁଛନ୍ତି। ପର୍ବପର୍ବାଣୀର ସାଜସଜ୍ଜା ନିଜର ପସନ୍ଦ ଏବଂ ଶୈଳୀକୁ ଦର୍ଶାଇବାର ଏକ ମାଧ୍ୟମ ହୋଇଥିବାରୁ, ଗାଲାକ୍ସି ଫେଷ୍ଟିଭ ଲାଇଟ ସମ୍ଭାର ଉଚ୍ଚମାନର, ଶୈଳୀପୂର୍ଣ୍ଣ ଡ଼ିଜାଇନ, ଉଜ୍ଜ୍ୱଳ ଆଲୋକ ଏବଂ ବିଶ୍ୱସନୀୟ କାର୍ଯ୍ୟଦକ୍ଷତା ସହିତ ଅନେକ ବିକଳ୍ପ ଆଣିଦେଇଛି।


## ଫାର୍ମାସିଷ୍ଟଙ୍କ ସଶକ୍ତୀକରଣ ନିମନ୍ତେ ଉନ୍ନତମାନର

# ଶିକ୍ଷା, ଗବେଷଣା ଓ ନବସୃଜନର ଆବଶ୍ୟକତା ରହିଛି: ସୋଆ ଉପସଭାପତି

ଭୁବନେଶ୍ୱର, (ସବ୍ୟୁ): ଫାର୍ମାସିଷ୍ଟମାନେ ସ୍ୱାସ୍ଥ୍ୟସେବାର ପ୍ରମୁଖ ଅଂଗ। ତେଣୁ ସେମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ଉନ୍ନତ ମାନର ଶିକ୍ଷା, ଗବେଷଣା ଓ ନବସୃଜନର ସୁଯୋଗ ପ୍ରଦାନ



କରିବାର ଆବଶ୍ୟକତା ରହିଛି ବୋଲି ମତ ରଖିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଉପସଭାପତି ଶ୍ରୀମତି ଶାଶ୍ୱତୀ ଦାସ। ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍ -୧ପକ୍ଷରୁ ଶୁକ୍ରବାର ଆୟୋଜିତ ବିଶ୍ୱ ଫାର୍ମାସିଷ୍ଟସ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସୋଆ ଉପସଭାପତି କହିଥିଲେ ଯେ ବହୁ ବିଭାଗୀୟ ରୋଗୀ ସେବାରେ ଅଧିକ ଅଂଶ ଗ୍ରହଣ ଓ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଫାର୍ମାସିଷ୍ଟ ମାନଙ୍କର ଅବଦାନର ଯଥୋଚିତ ସ୍ୱୀକୃତିର ଆବଶ୍ୟକତା ରହିଛି।

ଚଳିତ ବର୍ଷ ବିଶ୍ୱ ଫାର୍ମାସିଷ୍ଟ ଦିବସର ବିଷୟବସ୍ତୁ "ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟମାନଙ୍କୁ ସଶକ୍ତ କରିବା" ପ୍ରସଙ୍ଗରେ ମତ ରଖି ଶ୍ରୀମତି ଦାସ କହିଥିଲେ ଏହା ସମସ୍ତଙ୍କ ପାଇଁ ବିଶେଷ ମହତ୍ୱ ରଖେ। ଗୋଟିଏ ବିଶ୍ୱବିଦ୍ୟାଳୟ ଭାବେ କେବଳ ଯୋଗ୍ୟ ପେସାଦାର ଫାର୍ମାସିଷ୍ଟ ସୃଷ୍ଟି କରିବାରେ ସୀମିତ ନ ରହି ସେମାନଙ୍କୁ ଦକ୍ଷ, ନୈତିକ ଓ ପ୍ରମାଣ ଭିତ୍ତିକ ଜ୍ଞାନରେ ସମୃଦ୍ଧ ଓ ପରିବର୍ତ୍ତନଶୀଳ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ପୂରଣ ପାଇଁ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି ବୋଲି ଶ୍ରୀମତି ଦାସ କହିଥିଲେ। ଏହି ଅବସରରେ ଓଡ଼ିଶା ରାଜ୍ୟ ଔଷଧ ନିୟନ୍ତ୍ରକ ଶ୍ରୀମତି ମାମିନା ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଫାର୍ମାସୀ ବିଭାଗର ମୁଖ୍ୟ ଡକ୍ଟର ଯସ୍ମିନ୍ ପଣ୍ଡା ପରିଚାଳନା କରିବା ସହ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଫାର୍ମାସିଷ୍ଟ ମାନଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗୀୟ ମୁଖ୍ୟ, ଡାକ୍ତର, ଫାର୍ମାସିଷ୍ଟ ଓ ନର୍ସଂ ଷ୍ଟାଫମାନେ ଉପସ୍ଥିତ ଥିଲେ।

## ନନ୍ଦନକାନନରେ ଘଡ଼ିଆଳ କୁମ୍ଭୀର ଛୁଆର ସନ୍ଦେହଜନକ ମୃତ୍ୟୁ

ବାରଙ୍ଗ, (ସବ୍ୟୁ): ନନ୍ଦନକାନନରେ ଗୋଟିଏ ଘଡ଼ିଆଳ କୁମ୍ଭୀର ଛୁଆର ସନ୍ଦେହଜନ ମୃତ୍ୟୁ ଘଟିଛି । ଫଳରେ ଏହି ମୃତ୍ୟୁ ନେଇ ଏବେ ଉଠିଛି ଅନେକ ପ୍ରଶ୍ନ । ତେବେ ମୃତ୍ୟୁର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ । ବ୍ୟବଚ୍ଛେଦ ପରେ ମୃତଦେହର ନମୁନା ପରୀକ୍ଷାକୁ ପଠାଯିବା ସହ ରିପୋର୍ଟ ଆସିଲେ ହିଁ ଘଡ଼ିଆଳ ଛୁଆର ମୃତ୍ୟୁ ପଛର ପ୍ରକୃତ କାରଣ ସ୍ପଷ୍ଟ ହେବ । ଗତ କିଛି ଦିନ ଧରି ନନ୍ଦନକାନନର କିଛି ବନ୍ୟଜନ୍ତୁଙ୍କ ସଓ୍ୱାସ୍ଥ୍ୟ ଓ ମୃତ୍ୟୁକୁ ନେଇ ଚର୍ଚ୍ଚା ଜୋର ଧରିଛି । ଭାନତାରାରୁ ଆସିଥିବା ମିରକାଟ୍ସମାନଙ୍କ ମଧ୍ୟରୁ ଦୁଇଟିର ମୃତ୍ୟୁ ଘଟିଥିବା ବେଳେ ଜେବ୍ରା ଆଘାତ ପାଇ ଅସୁସ୍ଥ ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା ।

## ଏସ୍‌ଆଇଆର୍ ପ୍ରସଙ୍ଗରେ

# ବୟାନବାଜି କରି ଜନମତକୁ ବିଭ୍ରାନ୍ତ କରୁଛି ବିଜେଡି ଓ କଂଗ୍ରେସ : ବିରଞ୍ଚି

ଭୁବନେଶ୍ୱର, (ସବ୍ୟୁ): ମତଦାତା ତାଲିକାର ଶୁଦ୍ଧିକରଣ କରିବା ପାଇଁ ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ଅଛି। ସେ ବ୍ୟବସ୍ଥା ହେଉଛି ମତଦାତା ସୂଚୀର ସ୍ୱତନ୍ତ୍ର ସଘନ ସଂଶୋଧନ। ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ନିର୍ବାଚନ କମିଶନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା କରାଯିବା ପାଇଁ ବ୍ୟବସ୍ଥା ରହିଛି।୧୯୫୨ ମସିହା ପରଠାରୁ ଦେଶରେ ୧୦ ଥର ଏପରି ସଂଶୋଧନ ହୋଇସାରିଛି। ପାଖାପାଖି ବର୍ଷେ ହେଲା ପର୍ଯ୍ୟାୟକ୍ରମେ ବିଭିନ୍ନ ରାଜ୍ୟରେ ଏ ପ୍ରକାର ଏସଆଇଆର୍ କାମ ନିର୍ବାଚନ କମିଶନରଙ୍କ ଦ୍ୱାରା ଆରମ୍ଭ ହେଇ ପ୍ରାୟ ସମାପ୍ତ ହେବା ସ୍ଥିତିରେ ପହଁଚିଯାଇଛି। ଏଭଳି ସ୍ଥିତିରେ କୌଣସି ତଥ୍ୟ ନ ଥାଇ ବିଜେଡି, କଂଗ୍ରେସ ବିଳିବିଳି ହେଉଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଜ୍ୟ ସାଧାରଣ ସମ୍ପାଦକ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି। ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଏହି ଏସ୍‌ଆଇଆର୍‌କୁ ନେଇ ବିଭିନ୍ନ ସମୟରେ ବିଭିନ୍ନ ବ୍ୟକ୍ତିଙ୍କଠାରୁ ଆରମ୍ଭ କରି କିଛି ରାଜନୈତିକ ଦଳ



ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ପାଖକୁ ଯାଇଥିଲେ ଏବଂ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଏସ୍‌ଆଇଆରର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରୂପରେ ବୈଧ ବୋଲି ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗ ପରି କିଛି ରାଜ୍ୟରେ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ନିଜର ତଦାରଖରେ ଏ ପ୍ରକ୍ରିୟାକୁ ସମାପ୍ତ କରିଛନ୍ତି। ସେ ସମୟରେ ଓଡ଼ିଶାରୁ ଅନେକ ବିଚାରପତି ମଧ୍ୟ ଏହି ପ୍ରକ୍ରିୟା ତଦାରଖ ପାଇଁ ଓଡ଼ିଶାରୁ ପଶ୍ଚିମବଙ୍ଗକୁ ଯାଇଥିଲେ। ଓଡ଼ିଶାରେ ଏ ପ୍ରକ୍ରିୟା କିଛିଦିନ ତଳୁ ସମାପ୍ତ ହୋଇସାରିଛି। ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ବିଭିନ୍ନ ସମୟରେ ସାମ୍ବାଦିକ ସମ୍ମିଳନୀ କରି ବର୍ତ୍ତମାନ ଓଡ଼ିଶାରେ କେତେ ମତଦାତା ହେଲେ, କେତେ କଟିଲେ, କେଉଁ କାରଣରୁ ମତଦାତା କଟିଲେ ଏବଂ କେତେ ନୂଆ ଯୋଡ଼ିହେଲେ, ବିସ୍ତୃତ ଭାବେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। କିନ୍ତୁ ଆଶ୍ଚର୍ଯ୍ୟ ଲାଗୁଛି ଗୋଟେ ଖବରକାଗଜର ଲେଖାକୁ ନେଇ ଉଭୟେ କଂଗ୍ରେସ ଏବଂ ବିଜେଡି ବୟାନବାଜି କରିବା ଆରମ୍ଭ କରି ଦେଇଛନ୍ତି। ଯଦି କିଛି ତଥ୍ୟ ଅଛି ତାହେଲେ ତଥ୍ୟ ସହ ସମ୍ପୃକ୍ତ ରାଜନୈତିକ ଦଳ ଇଲେକ୍ସନ କମିଶନର କିମ୍ବା ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ସମ୍ମୁଖରେ ଫେରାଦ ହୁଅନ୍ତୁ। ଯଦି ତଥ୍ୟ ଅଛି, ତେବେ ମାନ୍ୟବର କୋର୍ଟ ଓ ନିର୍ବାଚନ କମିଶନଙ୍କ ଦ୍ୱାରସ୍ଥ ହୁଅନ୍ତୁ। ଯଥୋଚିତ ପଦକ୍ଷେପ ନ ନେଇ ନାଟକ ବାଜି କରିବା ଓ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟ ଘେରାଉ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି।

# ବାହ୍ୟ ଜଗତରୁ ବିଚ୍ଛିନ୍ନ ଗଣ୍ଡାନାଳୀ ଅନୁସୂଚିତ ଜାତି ସାହି



ରାସୋଳ, (ସବ୍ୟୁ) : ଆଜିବି ଅନେକ ଗାଁ ରହିଛି ଯେଉଁଠିକି ବିକାଶର ବାସ୍ନା ପହଂଚି ପାରିନାହିଁ । ଏପରି ଏକ ଗାଁ ହେଉଛି ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଗଣ୍ଡାନାଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗଣ୍ଡାନାଳୀ ଗ୍ରାମର ଅନୁସୂଚିତ ଜାତିସାହି । ଅନୁସୂଚିତ ଜାତି ସଂପ୍ରଦାୟର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ଏଠାରେ ବସବାସ କରନ୍ତି । କିନ୍ତୁ ସାମାନ୍ୟତମ ବର୍ଷାହେଲେ ତାଙ୍କ ଦୁର୍ଦ୍ଦଶା କହିଲେ ନସରେ । ଟିକିଏ ବର୍ଷାହେଲେ ପଦାକୁ ବାହାରିବା ସମ୍ଭବ ହୁଏନାହିଁ । ଖାଇବା ସଉଦା ପାଇଁ ହେଉ ବା ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ଶିକ୍ଷା ପାଇଁ ହେଉ ଯିବା ଅସମ୍ଭବ ହୋଇପଡ଼େ । ତେଣୁ ବର୍ଷାହେଲେ ବାଧହୋଇ ଛାତ୍ରଛାତ୍ରୀ ସ୍କୁଲ କଲେଜକୁ ଯିବା ବନ୍ଦ ହୋଇ ଯାଏ । ସବୁଠାରୁ ଦୁଃଖର ବିଷୟ କି ଲୋକମାନଙ୍କୁ ଭୋକ ଉପାସରେ ରହିବାକୁ ପଡ଼େ ।

ଏଠାରେ ବସବାସ କରୁଥିବା ଲୋକମାନେ ଦିନ ମଜୁରିଆ ଶ୍ରମିକ ଶ୍ରେଣୀର ହୋଇଥିବାରୁ ବର୍ଷାହେଲେ ସେମାନେ ବାହାରକୁ କାମଧନ୍ଦା କରିବାକୁ ଯାଇପାରନ୍ତିନାହିଁ । ଫଳରେ ପେଟରେ ଓଦାକନା ପକାଇ ଶୋଇବା ବ୍ୟତୀତ ଅନ୍ୟକୌଣସି ଉପାୟ ନଥାଏ। ବର୍ଷା ଯେତେଦିନ ପର୍ଯ୍ୟନ୍ତ ଲାଗିରହେ ସେତେଦିନ ପର୍ଯ୍ୟନ୍ତ ଏମିତି ଅନୁସୂଚିତ ଜାତିସାହି ଲୋକଙ୍କର ଦୁଃଖଦୁର୍ଦ୍ଦଶା ବଢ଼ିଚାଲେ । ବର୍ଷା ଛାଡ଼ିବାପରେ ସ୍ଥିତି ସ୍ୱାଭାବିକ ହୋଇଥାଏ ।

କାହିଁ କେତେକାଳରୁ ଏହି ସାହି କୁ ଯିବା ଆସିବା ପାଇଁ ଖଣ୍ଡା ଧୂଆଁ ନାଳ ଉପରେ ଗୋଟିଏ ଛୋଟିଆ ବ୍ରିଜନିର୍ମାଣ ହୋଇଥିଲା । ଟିକିଏ ବର୍ଷାହେଲେ ସେ ବ୍ରିଜ ଉପରେ ୩ ଫୁଟରୁ ଅଧିକ ପାଣି ଯାଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥାକି ସେ ବ୍ରିଜ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ । ତେଣୁ ସେହି ବ୍ରିଜ ଉପରେ ଲୋକମାନେ ଚଳାଚଳ କରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି । ଏ ସଂପର୍କରେ ସ୍ଥାନୀୟ ବିଧାୟିକାଙ୍କ ଠାରୁ ଆରମ୍ଭ କରି ସରପଞ୍ଚ, ସାଂସଦ ଓ ବିଡ଼ିଓଙ୍କୁ ଲୋକମାନେ ଜଣାଇଥିଲେ ମଧ୍ୟ ଫଳଶୂନ୍ । ତେଣୁ ଭଗବାନଙ୍କ ଭରସାରେ ଗ୍ରାମବାସୀ ଜୀବନ କାଟୁଛନ୍ତି ।

ପ୍ରଶାସନ ଏହାକୁ ଗୁରୁତର ସହ ନେଇ ଉଚ୍ଚ ବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । ଯଦି ପ୍ରଶାସନ ଏଥିପ୍ରତି ତ୍ୱରିତ ପଦକ୍ଷେପ ନ ନିଏ ତେବେ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଗ୍ରାମବାସୀ ସମୂହ ବର୍ଜନ କରିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଗ୍ରାମବାସୀ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କେନାଲରେ ପଡି ଛୁଆ ଦନ୍ତା ହାତୀ ମୃତ



ଢେଙ୍କାନାଳ/ ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନବିଭାଗ ସବୁବେଳେ ଚର୍ଚ୍ଚାରେ। ହାତୀ ଆକ୍ରମଣରେ ମଣିଷ ମୃତ୍ୟୁ ସହିତ ବିଭିନ୍ନ କାରଣ ପାଇଁ ହାତୀ ମୃତ୍ୟୁ ଥମିବାରେ ଲାଗୁନି କିଛି ଦିନ ଭିତରେ ବିଭନ୍ନ କାରଣ ପାଇଁ ଅନେକ ହାତୀ ମୃତ୍ୟୁ ବରଣ କରିଥିବା ବେଳେ ପୁଣି ଗୋଟିଏ ହାତୀର ମୃତ୍ୟୁ ଜଙ୍ଗଲ ପଶୁ ପ୍ରେମୀଙ୍କ ଭିତରେ ନୈରାଶ୍ୟ ଖେଳାଇ ଦେଇଛି।

ଖବରରୁ ପ୍ରକାଶ ଯେ ଢେଙ୍କାନାଳ ବନଖଣ୍ଡ ଅଧୀନ ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ୍ ଅନ୍ତର୍ଗତ ନୂଆକୂଟ ଜଙ୍ଗଲରେ ଏକ ୫ ବର୍ଷୀୟ ଦନ୍ତା ହାତୀ ଅସୁସ୍ଥ ଥିବାରୁ ହିନ୍ଦୋଳ ବନବିଭାଗ ପକ୍ଷରୁ ତାହାର ଚିକିତ୍ସା ଜାରି ରହିଥିଲା। ମାତ୍ର ଗତକାଲି ସଂଧ୍ୟାରେ ହାତୀଟି ନୂଆକୁଟ ଗ୍ରାମ ନିକଟରେ ଯାଇଥିବା କେନାଲ ଦିଗକୁ ଆସି କେନାଲରେ ପଡି ଯାଇଥିଲା ଏବଂ ଘଟଣା ସ୍ଥଳରେ ହାତୀଟି ମୃତ୍ୟୁ ବରଣ କରିଥିଲା।

ତେବେ ଖବରପାଇ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର , ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀ ବନବିଭାଗ କର୍ମଚାରୀଙ୍କ ସହିତ ପହଞ୍ଚି ମୃତ ଦେହ ଉଦ୍ଧାର କରିବା ସହ ଡାକ୍ତରୀ ଟିମ୍ ଦ୍ୱାରା ଶବ ବ୍ୟବଚ୍ଛେଦ କରିବାପରେ ହାତୀଟିକୁ ପୋତି ଦେଇଥିଲେ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ହାତୀ ମୃତ୍ୟୁର କାରଣ ଜଣାପଡିବ ବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ବିଶେଷ ସୂତ୍ରରୁ ଖବର ଯେ ହାତୀଟି ଅନୁଗୁଳ ସଂରକ୍ଷିତ ଜଙ୍ଗଲରୁ ଢେଙ୍କାନାଳକୁ ପଶି ଆସିଥିବାରୁ ଏଠାରେ ଜଙ୍ଗଲ ବିଭାଗ ପକ୍ଷରୁ ତା ପ୍ରତି ନଜର ରଖିବାରୁ ବାଟବଣା ହୋଇ କେନାଲରେ ଗଳିପଡି ମୃତ୍ୟୁ ବରଣ କରିଛି। ଏଥି ପ୍ରତି ବିଭାଗ ତରଫରୁ କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାହା ବର୍ତ୍ତମାନ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି। ଏ ସଂକ୍ରାନ୍ତରେ ଡିଏଫ୍ଓ ଲଳିତ କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ସେ କୁହନ୍ତି ଯେ ହାତୀଟି ଅସୁସ୍ଥ ଥିବା ସହିତ ତା ପାଟିରେ ସଂକ୍ରମଣ ହୋଇଥିବାରୁ ସେ ଅଧିକ ଅସୁସ୍ଥ ହୋଇ ପଡିବା ଯୋଗୁଁ ହାତୀଟି ମୃତ୍ୟୁ ବରଣ କରିଥିବା ସେ ପ୍ରକାଶ କରିଛନ୍ତି।

# ହତ୍ୟା ମାମଲାରେ ୧୦ ଜଣଙ୍କୁ ଆଜୀବନ କାରାଦଣ୍ଡ

ଅନୁଗୋଳ,(ସବ୍ୟୁ) :ଏକ ସେନ୍ସେସନାଲ ହତ୍ୟା ମାମଲାରେ ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ କୋର୍ଟ ଆଜି ଏକ ବଡ଼ ରାୟ ଶୁଣାଇଛନ୍ତି । ଡେରଜଙ୍ଗ ଡ୍ୟାମର ଜଗୁଆଳି ଜଗନ୍ନାଥ ସେନାପତି ଓରଫ ଜଗନଙ୍କୁ ନିର୍ମମ ଭାବେ ହତ୍ୟା କରିବା ଅଭିଯୋଗରେ କୋର୍ଟ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି । ଅନୁଗୋଳ ସଦର ଥାନା ପୋଲିସର ସଠିକ ତଦନ୍ତ ଓ ଦୃଢ ପ୍ରମାଣ ଆଧାରରେ କୋର୍ଟ ଏହି ଦଣ୍ଡାଦେଶ ଶୁଣାଇଛନ୍ତି । ଭୋଜି ବାହାନାରେ ଡାକି ନେଇ କରିଥିଲେ ହତ୍ୟା।

ଘଟଣାରୁ ପ୍ରକାଶ ଯେ, ମୃତ ଜଗନ୍ନାଥଙ୍କ ସହ ଜଣେ ଅଭିଯୁକ୍ତଙ୍କର ପୂର୍ବରୁ ଶତ୍ରୁତା ରହିଥିଲା । ଏହି ବିବାଦକୁ କେନ୍ଦ୍ର କରି ଗତ ୧୮.୦୯.୨୦୨୧ ରିଖ ରାତି ପ୍ରାୟ ୮:୩୦ ସମୟରେ ଅଭିଯୁକ୍ତମାନେ ଏକ ଭୋଜିର ଆୟୋଜନ ବିଷୟରେ ଆଲୋଚନା କରିବା ବାହାନାରେ ଜଗନ୍ନାଥଙ୍କୁ ବାଇକରେ ବସାଇ ରନ୍ତଲେଇ ଗ୍ରାମ ପାଶ୍ୱର୍ ଡେରଜଙ୍ଗ ଡ୍ୟାମର ପୂର୍ବ ପାଶ୍ୱର୍ ବନ୍ଧ ରାସ୍ତାକୁ ନେଇଯାଇଥିଲେ । ସେଠାରେ ପୂର୍ବ ପ୍ରସ୍ତୁତି ମୁତାବକ ଅନ୍ୟ ଅଭିଯୁକ୍ତମାନେ ମାରାତ୍ମକ ଅସ୍ତ୍ରଶସ୍ତ୍ର ଯଥା ଲାଠି, ଖଣ୍ଡା ଓ ଭୁଜାଲି ସହ ଜଗନ୍ନାଥଙ୍କୁ ଅଟକାଇଥିଲେ ଏବଂ ଅତର୍କିତ ଆକ୍ରମଣ କରିଥିଲେ । ଆକ୍ରମଣ ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଜଗନ୍ନାଥଙ୍କର ମୃତ୍ୟୁ ଘଟିଥିଲା ।

ଏହି ସଂଘାତିକ ହତ୍ୟାକାଣ୍ଡ ପରେ ଅନୁଗୋଳ ସଦର ଥାନା ପୋଲିସ କେସ ନମ୍ବର ୫କୋଚ୬୮/୨୦୨୧ ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ସଦର ଥାନାର ସବ-ଇନ୍ସପେକଟର ଶ୍ରୀନିବାସ ସେଠୀ ମାମଲାର ଗୁରୁତ୍ୱକୁ ବୁଝି ଅତି ସନ୍ତର୍ପଣର ସହ ସମସ୍ତ ବୈଜ୍ଞାନିକ ଓ ପ୍ରତ୍ୟକ୍ଷ ପ୍ରମାଣ ସଂଗ୍ରହ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ । କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ମାମଲାର ବିଚାର କରିବା ସହ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି ।

# ନିଖୋଜ ବ୍ୟକ୍ତିଙ୍କ ଗଳିତ ଶବ ଉଦ୍ଧାର

କଣିହାଁ, (ସବ୍ୟୁ) : ୧୮ ଦିନ ଧରି ନିଖୋଜ ହୋଇଥିବା ଦୈତାରି ସାହୁ (୫୨) ଙ୍କ ଗଳିତ ଶବ ଏନଟିପିସି ଥାନା ଅନ୍ତର୍ଗତ ଲୋଧାବନ୍ଧ ଗ୍ରାମ ପଛ ପାଖରେ ଥିବା ଏକ ଆମ୍ବଗଛ ତଳୁ ଉଦ୍ଧାର କରାଯାଇଛି ।

ଗୁରୁବାର ଦିନ ଅପରାହ୍ନରେ ମୁଣ୍ଡ ଗଣ୍ଡି ଅଲଗା ଥିବା କଙ୍କାଳ ଉଦ୍ଧାର କରାଯାଇଛି । ଏନଟିପିସି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶୁକ୍ରବାର ଶବ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତ ୬.୯.୨୦୨୬ ରିଖ ରାତିରେ କଣିହାଁ ଥାନା ତେଲସିଂହା ଗ୍ରାମର ବର୍ତ୍ତମାନ ଏନଟିପିସି ଥାନା ଲୋଧାବନ୍ଧ ଗ୍ରାମରେ ରହୁଥିବା ଦୈତାରି ସାହୁ ଘରୁ ବାହାରକୁ ଆସି ଆଉ ଫେରି ନାଥିଲେ ।

ପରିବାର ବହୁ ଖୋଜା ଖୋଜି ପରେ ନପାଇବାରୁ ନିଖୋଜ ନେଇ କଣିହାଁ ଥାନାରେ ଅଭିଯୋଗ କରିଥିଲେ । ଦୈତାରି ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି ।

# ଉପଖଣ୍ଡସ୍ତରୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ବୈଠକ

ପାଲଲହଡ଼ା, (ସବ୍ୟୁ) : ଆଜି ପୂର୍ବାହ୍ନରେ ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ସ୍ଥାନୀୟ ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ସ୍ଥାନୀୟ ପର୍ଯ୍ୟଟନ ପ୍ରୋତ୍ସାହନ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ତହସିଲଦାର ଆକାଂକ୍ଷା ମହାପାତ୍ର, ଡେପୁଟି କଲେକଟର ଇଂ. ବିଦ୍ୟୁସ୍ମିତା ସାହୁ ଓ ସୌମ୍ୟା ଶ୍ରୀ ପରିଡ଼ା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶୋଭିତ କୁମାର ବିଶି, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ ହେମକାନ୍ତ ବେହେରା ପ୍ରମୁଖ ଉଚ୍ଚ ପଦବୀଧାରୀ ସରକାରୀ କର୍ମଚାରୀଙ୍କ ସମେତ ଜାତୀୟ ରାଜପଥ-୪୯ ଓ ୧୪୯ ରାସ୍ତା ପାଶ୍ୱର୍ରେ ମୋଟେଲ ଏବଂ ପଥପ୍ରାନ୍ତ ସୁବିଧା କେନ୍ଦ୍ର (ୱେ୍ୱ-ସାଇଡ ଆମେନିଟି ସେଣ୍ଟର) ଖୋଲିବା ପାଇଁ ଆଗ୍ରହୀ ବିନିଯୋଗକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ଓଡ଼ିଶା ସରକାରଙ୍କ ନୂତନ ପର୍ଯ୍ୟଟନ ନୀତି ବିଷୟରେ ଏବଂ ଘରୋଇ ବିନିଯୋଗକାରୀଙ୍କୁ ମିଳୁଥିବା ରିହାତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଆଗ୍ରହୀ ବିନିଯୋଗକାରୀମାନେ ନିର୍ଦ୍ଧାରିତ ଫର୍ମରେ ଆବେଦନ କରି ପରିଷଦ ନିକଟରେ ଦାଖଲ କରିବାକୁ ସେ ପରାମର୍ଶ ଦେଇଥିଲେ, ଯାହାକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯିବ । ଏଥିସହ ଉପଜିଲ୍ଲାପାଳ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କ ପାଇଁ ମୌଳିକ ସୁବିଧା ସୁଯୋଗରେ ଉନ୍ନତି ଆଣିବା ଏବଂ ସ୍ଥାନୀୟ ପର୍ଯ୍ୟଟନର ବିକାଶ ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରିଥିଲେ ।

# ଓଡ଼ାପଡ଼ାରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବଳରାମପ୍ରସାଦ ଗ୍ରାମ କୁଶେଳଶ୍ୱର ଶିବ ମନ୍ଦିର ପରିସର ମଧ୍ୟରେ ଓଡ଼ାପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ସେବା ସଂକଳ୍ପ ଅଭିଯାନ ମାଧ୍ୟମରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ମା ପାଇଁ ଗଛଟିଏ ଏକ ପେଡ ମା କେ ନାମ ୩ - ୦ କାର୍ଯ୍ୟକ୍ରମ ଜରିଆରେ ମନ୍ଦିର ପରିସର ମଧ୍ୟରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।

ଓଡ଼ାପଡ଼ା ବ୍ଲକସ୍ତରୀୟ ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା ବ୍ଲକ ଉପାଧକ୍ଷ ଅମିତାଭ ସ୍ୱାଇଁ, ବିଜେପି ନେତା ସହଦେବ ପୃଷ୍ଟି, ସନ୍ତୋଷ କୁମାର ନାଏକ,ତପନ କୁମାର ମହାପାତ୍ର, ଓଡ଼ାପଡ଼ା ବ୍ଲକ ବ୍ଲକ ପ୍ରଶାସନ, ବଳରାମପ୍ରସାଦ ସରପଞ୍ଚ ଶ୍ରୀମତୀ କାଞ୍ଚନବାଳା ରାଉତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଙ୍ଗନବାଡି କର୍ମୀ,ଆଶା କର୍ମୀ, ମହିଳା ସଞ୍ଚୟ ସହାୟକ ଗୋଷ୍ଠୀ, ବନ ସୁରକ୍ଷା ସମିତି,ପନେଇଲୋ ବୃକ୍ଷ ଉତ୍ପାଦକ ସମବାୟ ସମିତି ସଦସ୍ୟମାନେ ଓ ବଳରାମପ୍ରସାଦ ଗ୍ରାମବାସୀ ଯୋଗ ଦେଇଥିଲେ ଅବସରପ୍ରାପ୍ତ ସୈନିକ ସଂଘର ସଭାପତି ମନୋଜ କୁମାର ପରିଡା ଓ ସାଥି ମାନେ ମନ୍ଦିର ପରିସରରେ ୧୨ ଗୋଟି ଗୁଆ ଗଛ ରୋପଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ୩୦ ଟ୍ରିପ୍ ମୋରମ ପକାଇ ରାସ୍ତାକାମ ସାରିଦେଲେ

ରେଙ୍ଗାଳ, (ସବ୍ୟୁ): ସରକାରୀ ଯୋଜନାରେ ଶ୍ରମିକଙ୍କୁ ରୋଜଗାର ଯୋଗାଇବା ପାଇଁ ଅର୍ଥ ବ୍ୟୟ ହେଉଥିବା ବେଳେ କଣିହାଁ ବ୍ଲକ ଶୁଣୁବା ପଞ୍ଚାୟତର କଦଳୀପାଳ ଅଞ୍ଚଳରେ ମେସିନ ବ୍ୟବହାର କରି ରାସ୍ତା କାମ କରାଯାଇଥିବା ଅଭିଯୋଗ ଉଠିଛି । ସୂଚନା ଅନୁସାରେ, ଉକ୍ତ ରାସ୍ତା ନିର୍ମାଣ ପାଇଁ ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶନ (ଗ୍ରାମୀଣ) ପାଣ୍ଠିରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି । ତେବେ ପ୍ରାୟ ୧୫ ଦିନ ପୂର୍ବରୁ ମେସିନ ମାଧ୍ୟମରେ ପ୍ରାୟ ୩୦ ଟ୍ରିପ ମୋରମ ପକାଇ ରାସ୍ତା କାମ ସାରି ଦିଆଯାଇଥିବା ଅଭିଯୋଗ ହୋଇଛି । ଏହା ସହିତ ଜେସିବି ବ୍ୟବହାର କରିବା ସମୟରେ ବହୁ ଗଛ ଉପାଡ଼ି ଦିଆଯାଇଥିବା ମଧ୍ୟ ଅଭିଯୋଗ ରହିଛି ।

ଏନେଇ ବନ ବିଭାଗ ପକ୍ଷରୁ ଗଛ ଜବତ କରିବା ସହ ଜମି ମାଲିକଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ସୂଚନା ମିଳିଛି । ସରକାରୀ ଯୋଜନାରେ ଶ୍ରମିକଙ୍କ ବଦଳରେ ମେସିନ ବ୍ୟବହାର ହୋଇଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ପାଇଁ ଯୋଗାଯୋଗ ଉଦ୍ୟମ ହୋଇଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନଥିବା ଜଣାପଡ଼ିଛି। ଘଟଣାର ନିରପେକ୍ଷ ତଦନ୍ତ କରି କାମର ଅନୁମୋଦନ, ବ୍ୟୟ ହୋଇଥିବା ଅର୍ଥ, ମୋରମ ପରିମାଣ, ମେସିନ ବ୍ୟବହାର ଓ ଗଛ ଉପୁଡ଼ା ଘଟଣାର ଯାଞ୍ଚ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଟ୍ରେନ ଧକ୍କାରେ ୧୫ରୁ ଅଧିକ ଗୋରୁ ମୃତ, ୨୦ରୁ ଉର୍ଦ୍ଧ୍ୱ ଗୁରୁତର

କାମାକ୍ଷାନଗର, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କନ୍ତାରିପାଟ ଗ୍ରାମରେ ଅଘଟଣ ଘଟି ରେଳଧାରଣା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ୧୫ରୁ ଉର୍ଦ୍ଧ୍ୱ ଗୋରୁଙ୍କର ମୃତ୍ୟୁ ଘଟିଥିବାର ଜଣାପଡିଛି । ବୁଢାପଙ୍କ - ଡୁବୁରୀ ରେଳଲାଇନର କନ୍ତାରିପାଟ ଗ୍ରାମରେ ଏହି ଘଟଣା ଘଟିଥିବାର ଜଣାପଡିଛି ।

ସୂଚନା ଅନୁସାରେ ସବୁଦିନ ପରି ଗ୍ରାମର ଗୋରୁ ଚରାଳି ଆଜି ସକାଳୁ ପ୍ରାୟ ଶହେରୁ ଉର୍ଦ୍ଧ ଗୋରୁଙ୍କୁ ରେଳଧାରଣା ପାର କରାଇ ଆରପଟେ ଥିବା ଜମିକୁ ଚରାଇବାକୁ ନେଉଥିଲେ। ସେହି ସମୟରେ ଏକ ମାଲବାହୀ ଟ୍ରେନ ହଠାତ ରେଳଧାରଣାରେ ଦ୍ରୁତଗତିରେ ଆସିବାରୁ ଗୋରୁ ଗୁଡିକୁ ଧକ୍କା ଦେଇଥିଲା ,ଫଳରେ ଘଟଣା ସ୍ଥଳରେ ପନ୍ଦରରୁ ଉର୍ଦ୍ଧ୍ୱ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ କୋଡିଏରୁ ଉର୍ଦ୍ଧ୍ୱ ଗୋରୁ ଗୁରୁତର ହୋଇଛନ୍ତି । ତେବେ ଏହି ରେଳଧାରଣା ପାର ହୋଇ ପ୍ରତ୍ୟେକ ଦିନ ଗ୍ରାମବାସୀ ରେଳଧାରଣା ସେପଟେ ଥିବା ବିଲକୁ ଯାଉଥିବା ବେଳେ ଅନେକ ସମୟରେ ଏଠାରେ ଦୁର୍ଘଟଣା ହେଉଛି ।ପୂର୍ବରୁ ମଧ୍ୟ ଏଠାରେ ରେଳ ଦୁର୍ଘଟଣା ଯୋଗୁ ଅନେକ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ଏକାକୀଳିନ ବହୁ ସଂଖ୍ୟକ ଗୋରୁ ମୃତାହତ ହୋଇଛନ୍ତି ।

ପୂର୍ବରୁ ଗ୍ରାମବାସୀ ମାନେ ଏଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ଦାବି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନାହିଁ । ତେଣୁ ଗୋରୁ ମୃତ୍ୟୁକୁ ନେଇ ସରକାରୀ ସହାୟତା ପ୍ରଦାନ ଓ ଓଭରବ୍ରିଜ ନିର୍ମାଣ ଦାବିରେ ଗ୍ରାମବାସୀ ମାନେ ରେଳଧାରଣା ଉପରେ ରେଳରୋକ କରିଛନ୍ତି ।

# ସମ୍ଭାବ୍ୟ ଚକଡା ପୋକ ପ୍ରାଦୁର୍ଭାବ ପାଇଁ ସଚେତନତା

ଆଠମଲ୍ଲିକ, (ସବ୍ୟୁ): ରାଜ୍ୟର ସାମ୍ପ୍ରତିକ ପାଣିପାଗ କୁ ଦେଖିଲେ ଧାନ ଫସଲରେ ମାଟିଆ ଗୁଣ୍ଡି ପୋକ ବା ଚକଡା ପୋକ ଲାଗିବାର ସମ୍ଭାବନା ଅଛି । ତେଣୁ କୃଷି ବିଭାଗର ନିର୍ଦ୍ଦେଶକ୍ରମେ ଏହି ପୋକ ପ୍ରାଦୁର୍ଭାବ ଗୁରୁତର ହେବା ପୂର୍ବରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚି । ଏହିକ୍ରମରେ ଗତ ବୁଧବାର ଏବଂ ଗୁରୁବାର ଦୁଇଦିନ ଧରି ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଲୁହାସିଂହା ଗ୍ରାମପଞ୍ଚାୟତର କେନ୍ଦୁପାଟି, ନ ଅ ଗାଁ ଗ୍ରାମପଞ୍ଚାୟତର ଲିପିଲୋଇ, ଠାକୁରଗଡ଼ ଗ୍ରାମପଞ୍ଚାୟତର ଦିନବନ୍ଧୁପୁର ଗ୍ରାମ ରେ ଚକଡା ପୋକ ପରିଚାଳନା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି ।

ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଅନୁଗୋଳ ଏବଂ କୃଷି ଜିଲ୍ଲା ଅଧିକାରୀ, ଆଠମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ କୃଷି ଅଧିକାରୀ ଜଗନ୍ନାଥ ବାରିକ ଏହି କାର୍ଯ୍ୟକ୍ରମ ଗୁଡ଼ିକୁ ଆୟୋଜିତ କରିଥିଲେ । ଏହି ସଚେତନତା ଶିବିର ଗୁଡିକରେ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ ଦେବାଶିଷ ମିଶ୍ର ଯୋଗଦେଇ କୃଷକମାନଙ୍କୁ ଧାନ ଫସଲକୁ ଆକ୍ରାନ୍ତ କରୁଥିବା ଚକଡା ପୋକ ଏବଂ ଅନ୍ୟାନ୍ୟ ରୋଗ ପୋକ ଗୁଡ଼ିକର ଲକ୍ଷଣ ତଥା ସଫଳ ପରିଚାଳନା ବିଧି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଚକଡା ପୋକ ପରିଚାଳନା ବିଧି ଉପରେ ଲିଖିତ ଏକ କରପତ୍ର ମଧ୍ୟ କୃଷକ ମାନଙ୍କୁ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଗୁଡ଼ିକରେ ପ୍ରାୟ ୨୦୦ ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀ ମାନଙ୍କୁ ସଚେତନ କରାଯାଇଥିଲା । ଆଠମଲ୍ଲିକ ବ୍ଲକର ଏଟିଏମ ତଥା ବିଭିନ୍ନ ପଞ୍ଚାୟତର ଭିଏଡବ୍ଲ୍ୟୁମାନେ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ । ଆଗାମୀ ଦିନରେ ଏହିଭଳି ଆହୁରି ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ବାରିକ କହିଛନ୍ତି ।

# ଦେଶୀ ବନ୍ଧୁକ ଜବତ, ଯୁବକ ଗିରଫ



ଠାକୁରଗଡ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପୋଲିସ ପକ୍ଷରୁ ଗୁରୁବାର ଦିନ ମଇମୁରା ପଞ୍ଚାୟତ ଅନ୍ତର୍ଗତ ରଏଡ଼ା ଗ୍ରାମରେ ଚଢଉ କରାଯାଇ ଦୈତାରୀ ଭୋଇଙ୍କ ଘରୁ ଏକ ଦେଶୀ ବନ୍ଧୁକ ଜବତ କରାଯାଇଛି । ଏଥିସହ ଦୈତାରୀଙ୍କୁ ଗିରଫ କରାଯାଇଛି । ପୋଲିସ କହିଛି ଯେ , ଦୈତାରୀଙ୍କ ଘରେ ଅବୈଧ ଅସ୍ତ୍ର ରଖି ଜଙ୍ଗଲ ରୁ ଜନ୍ତୁ ଶିକାର କରିବା ସହ ଅନେକ ସମୟରେ ବିଭିନ୍ନ ବ୍ୟକ୍ତିଙ୍କୁ ଧମକ ଦେଉଥିଲା । ଏ ନେଇ ଖବର ପାଇ ଠାକୁରଗଡ଼ ଥାନା ପୋଲିସ ପକ୍ଷରୁ ରଏଡ଼ା ଗ୍ରାମରେ ଚଢ଼ଉ କରାଯାଇଥିଲା । ପରେ ତାଙ୍କ ଘର ଯାଞ୍ଚ କରାଯାଇଥିଲା। ଯାଞ୍ଚ ସମୟରେ ତାଙ୍କ ଘରୁ ଏକ ଦେଶୀ ବନ୍ଧୁକ ମିଳିଥିଲା । ପୋଲିସ ବନ୍ଧୁକଟିକୁ ଜବତ କରିବା ସହ ଦୈତାରୀଙ୍କୁ ଗିରଫ କରିଛି । ଏନେଇ ଠାକୁରଗଡ଼ ଥାନାରେ ନମ୍ବର ୧୭୮/୨୬ ରେ ଏକ ମାମଲା ରୁଜୁ କରାଯାଇଛି । ଜବତ ବନ୍ଧୁକ କେଉଁଠାରୁ ଆସିଲା ଏବଂ ଏହା ପଛରେ ଆଉ କାହାର ସମ୍ପୃକ୍ତି ରହିଛି, ସେ ନେଇ ପୁଲିସ ଖୋଳତାଡ଼ ଜାରି ରଖିଛି ।

## ପୋଖରୀରୁ ଶବ ଉଦ୍ଧାର

ଠାକୁରଗଡ଼ ,(ସବ୍ୟୁ) : ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ବର ଡିପ ଗ୍ରାମ ପୋଖରୀ ରୁ ଶୁକ୍ରବାର ଦିନ ପୋଲିସ ଏକ ଶବ ଉଦ୍ଧାର କରିଛି । ତାଙ୍କ ନାମ ଜୀବନ ବେହେରା (୫୫), ସେ ଦୁଇ ଦିନ ତଳୁ ନିଖୋଜ ଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିଥିଲେ ମଧ୍ୟ ପାଇ ନଥିଲେ ।ଶୁକ୍ରବାର ଦିନ ଗ୍ରାମ ପୋଖରୀରେ ତାଙ୍କର ମୃତଦେହ ଭାସୁ ଥିବା ଅଞ୍ଚଳବାସି ଦେଖି ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇଁ ଠାକୁରଗଡ଼ ପୋଲିସ ତାଙ୍କ ଶବ କୁ ପୋଖରୀ ରୁ ଆଠମଲ୍ଲିକ ଅଗ୍ନିଶମ ବିଭଗ କର୍ମଚାରୀ ଙ୍କ ସହାୟତାରେ ଉଦ୍ଧାର କରିଛି ।

## ୪ ଟନ୍ ଶହେ କେଜିର ଆଙ୍କାଲଡୁ ଓ ଆଙ୍କାମାଳ ନିଲାମ

# ୧୭ ଲକ୍ଷରେ ଲଡୁ ଓ ଆଙ୍କାମାଳ ହାତେଇଲେ ଡାଇମଣ୍ଡ ଗ୍ରୁପ୍




ତାଳଚେର, (ସବ୍ୟୁ): ଦୀର୍ଘବର୍ଷ ବ୍ୟାପି ତାଳଚେର ପରମ୍ପରା ଓ ଐତିହ୍ୟକୁ ବଜାୟ ରଖି କେନ୍ଦ୍ରୀୟ ଗଣେଶପୂଜା ପକ୍ଷରୁ ଭସାଣୀ ଶୋଭାଯାତ୍ରା ଦିନକ ପୂର୍ବରୁ ଗଣେଶଙ୍କ ୪ଟନ୍ ଶହେ କେଜିର ଲଡୁ ଓଜନର ଆଙ୍କାମାଳ ସର୍ବସମ୍ମୁଖରେ ବଡ଼ଦାଣ୍ଡ ସାହି ସ୍ଥିତ ମେଳଣପଡ଼ିଆରେ ନିଲାମ ହୋଇଛି। କେନ୍ଦ୍ରୀୟ ଗଣେଶପୂଜା କମିଟି ସଭାପତି ତଥା ତାଳଚେର ଉପଜିଲ୍ଲାପାଳ ପ୍ରଜ୍ଞାନ ନନ୍ଦ ଗିରିଙ୍କ ସହ କମିଟିର ସମସ୍ତ ସଦସ୍ୟ ଏବଂ ଗଣେଶପୂଜା ମଣ୍ଡପ ଗୁଡ଼ିକର କର୍ମକର୍ତାମାନେ ଉପସ୍ଥିତ ଥିଲେ ।

ଏହି ବିରାଟକାୟ ଆଙ୍କାଲଡୁକୁ ଚିତ୍ରକୂଟ ସ୍ଥିତ ଗଣେଶଙ୍କ ମନ୍ଦିରରେ ପୂଜା ପାଠ କରାଯାଇ ଏକ ବିରାଟ ଶୋଭାଯାତ୍ରା କରି ମେଳଣ ପଡ଼ିଆକୁ ଅଣାଯାଇଥିଲା ଓ ଅଂଚଳଟି ଲୋକାରଣ୍ୟ ହୋଇପଡ଼ିଥିଲା । ଏଥିପାଇଁ ପୋଲିସକୁ ନାକେଦମ ହେବା ସହ ସେହି ସମୟରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିଲା । ଏହି ଲଡୁରେ ଯେଉଁମାନେ ଅଂଶଗ୍ରହଣ କରିଥିଲେ ସେମାନେ ୧୦ହଜାର ଟଙ୍କା ପୈଠ କରିଥିଲେ ଓ ଏହା ପରେ ନିଲାମ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଲାଲବାଗ ରାଜା ଓ ଡ଼ାଇମଣ୍ଡ ଗ୍ରୁପ୍ ଦୁଇପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କଡ଼ା ଟକ୍କର ହେବା ଫଳରେ ଶେଷରେ ବାଜି ମାରିଲା ଡ଼ାଇମଣ୍ଡ ଗ୍ରୁପ୍ ଏବଂ ୧୭ଲକ୍ଷଟଙ୍କାରେ ଆଙ୍କାମାଳ ଓ ଲଡୁ ହାତେଇ ଥିଲେ ।

ତେବେ କଥା ଆସୁଛି ଆସୁଛି ବିଗତବର୍ଷ ଗୁଡ଼ିକରେ ଯେଉଁ ବିବାଦୀୟ ବ୍ୟକ୍ତିବିଶେଷ ମାନେ ଥିଲେ ସେମାନଙ୍କୁ ଚଳିତବର୍ଷ କୌଣସି କାର୍ଯ୍ୟରେ ଅଂଶଗ୍ରହଣ କରିବେ ନାହିଁ ବୋଲି ତାର ବିଧିବଦ୍ଧ ଭାବେ ନିଷ୍ପତି ନିଆଯିବା ପରେ ମଧ୍ୟ ଆଜି ତାର ଓଲଟା ଚିତ୍ର ଦେଖିବାକୁ ମିଳିଛି । ସେହି ବ୍ୟକ୍ତିମାନେ ପୁନର୍ବାର ମଂଚ ଉପରେ ବସି ସକ୍ରିୟ ଅଂଶଗ୍ରହଣ କରିଥିବା ଘଟଣାକୁ ନେଇ ଦର୍ଶକମାନଙ୍କ ମହଲରେ ଚର୍ଚ୍ଚା ଯୋର ଧରିଛି ।

# ଘୋଷ ମାର୍କେଟରେ ବ୍ୟବସାୟୀ ସଂଘର ରକ୍ତଦାନ ଶିବିର



ବାଲେଶ୍ୱର ,(ସବ୍ୟୁ): ଗୁରୁବାର ପୂର୍ବାହ୍ନରେ ମୋତିଗଞ୍ଜ ଘୋଷ ମାର୍କେଟର ବିପଣୀ ଉନ୍ନୟନ କମିଟି ପକ୍ଷରୁ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ବ୍ୟବସାୟୀମାନଙ୍କ ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ୧୩ତମ ରକ୍ତଦାନ ଶିବିରକୁ ଆନୁଷ୍ଠାନିକ ଭାବରେ ବାଲେଶ୍ୱର ପୌରଅଧକ୍ଷା ଶ୍ରୀମତୀ ସବିତା ସାହୁ ଉଦ୍ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ବ୍ୟବସାୟୀ ମହାସଂଘର ସାଧାରଣ ସମ୍ପାଦକ ରଂଜନ ବାଗ ଏବଂ ବିଧାୟକଙ୍କ ପ୍ରତିନିଧି ଗୌରାଙ୍ଗ ଦାସ ଅନ୍ୟତମ ଅତିଥିଭାବରେ ଯୋଗଦେଇ ବ୍ୟବସାୟୀଙ୍କ ଏହି ମହତ କାର୍ଯ୍ୟକୁ ପ୍ରଶଂସା କରିବା ସହ ସମସ୍ତଙ୍କୁ ଧନ୍ୟବାଦ କରୁଥିଲେ । ଏହି କାର୍ଯ୍ୟକ୍ରମକୁ କମିଟିର ସମ୍ପାଦକ ଚନ୍ଦନ ଭୂୟାଁ ସଂଚାଳନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟ ଉମେଶ ବେହେରା, ଶରତ କୁମାର ନାୟକ, ଭାଗିରଥି ବେହେରା, ହରେକୃଷ୍ଣ ଦାସ, କମଳାକାନ୍ତ ନାୟକ, ପଦ୍ମଲୋଚନ ଦାସ, ରାଜକୁମାର ପିରୀ, ଅରୁଣ କୁମାର ଦାସ, କମଳାକାନ୍ତ ଜେନା, ଗଙ୍ଗାଧର ବେହେରା, ସୂର୍ଯ୍ୟକାନ୍ତ ପ୍ରଧାନ, ରବିନ୍ଦ୍ର ମାଝୀ, କରୁଣାକର ପଣ୍ଡା, କାର୍ତ୍ତିକ ଓଝା, ଦେବେନ୍ଦ୍ର ପାତ୍ର, ମହେଶ୍ୱର ଜେନା, କାଶିକାନ୍ତ ବର୍ଦ୍ଧନ, ଡମ୍ବରୁଧର ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତେବେ ଲଗାଣ ବର୍ଷା ସତ୍ତ୍ୱେ ୭୩ ୟୁନିଟ ରକ୍ତ ସଂଗ୍ରହ ହୋଇଥିବାରୁ କମିଟି ତରଫରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ରକ୍ତଭଣ୍ଡାର ଅଧିକାରୀ ଡା. ବସନ୍ତ ଉପାଧ୍ୟାୟ ଓ ତାଙ୍କ ଟିମ୍ ରକ୍ତଗ୍ରହଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ ।

# ବୁଢ଼ାବଳଙ୍ଗରେ ବନ୍ୟାଜଳ ବୃଦ୍ଧି, ବିପଦ ସଂକେତ ଉପରେ ପ୍ରବାହିତ



ବେତନଟୀ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଏବଂ ବଡ଼ସାହି ବ୍ଲକ ଅଧୀନରେ ଲଗାଣ ବର୍ଷା ଯୋଗୁଁ ବାରମ୍ବାର ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି । ଶୁକ୍ରବାର ଦିନ ସାରା ବେତନଟୀ ବ୍ଲକ ଅଞ୍ଚଳରେ ତୁହା କୁ ତୁହା ବର୍ଷା ଲାଗି ରହିଛି । ଶିମିଳିପାଳ ସମେତ ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ତଥା ଉପରମୁଣ୍ଡରେ ଅତ୍ୟଧିକ ବର୍ଷା ପାଇଁ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଦେଖାଦେଇଛି । ବୃଷ୍ଟିପାତ ଜୋର ହୋଇଥିବା ବେଳେ ଶୁକ୍ରବାର ସୁଦ୍ଧା ବୁଢାବଳଙ୍ଗରେ ବନ୍ୟାଜଳ ବୃଦ୍ଧି ପାଇ ଅପରାହ୍ନ ସୁଦ୍ଧା ବଡ଼ସାହି ସମେତ ବେତନଟୀ ବ୍ଲକର ନଦୀ ପାର୍ଶ ବିଭିନ୍ନ ଗ୍ରାମ ମାନଙ୍କରେ ବନ୍ୟାଜଳ ଧୀରେ ଧୀରେ ପଶୁଥିବାର ଦେଖାଯାଇଛି । ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ବେତନଟୀ ଏବଂ ବଡ଼ସାହି ବ୍ଲକର ନାଖରା, ପାଟକିପୁରା, ଶାଳଗାଁ, ଦାରିହା, କାଠପାଳ, ସିଂଲାମୁଣ୍ଡକି ଭଳି ବିଭିନ୍ନ ତଳିଆ ଅଞ୍ଚଳରେ ଅଧିକ ପରିମାଣରେ ପ୍ରଭାବିତ ହେବା ନେଇ ଆଶଙ୍କା ରଖା ଯାଇଛି । ବେତନଟୀ ବ୍ଲକ ଅଧୀନ ବୈଶିଙ୍ଗା - ମାଣତ୍ରୀ ରାସ୍ତାର ନାଖରା ସେତୁ କୁ ସ୍ପର୍ଶ କରି ବନ୍ୟାଜଳ ପ୍ରବାହିତ ହେଉଛି । ବନ୍ୟାଜଳ ର ସ୍ତର ଧୀରେ ଧୀରେ ବୃଦ୍ଧି ପାଉଥିବା ବେଳେ ରାତି ସୁଦ୍ଧା ସେତୁ ଉପରି ଭାଗରେ ପ୍ରବାହିତ ହେବ ବୋଲି ଆଶଙ୍କା କରାଯାଉଛି । ସେହିପରି ଗଙ୍ଗାହାରର ଜଳସ୍ତର ବୃଦ୍ଧି ପାଇ ମାଣତ୍ରୀ-ଭୀମଦା ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ମଧ୍ୟ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଆଜି ଶୁକ୍ରବା ପାଣିପାଗକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲ୍ଲାପାଳ ଜିଲ୍ଲାର ସମସ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ । ଆଜି ରାତି ସୁଦ୍ଧା ବନ୍ୟାର ପ୍ରକୋପ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଲୋକେ ସମ୍ପୂର୍ଣ୍ଣ ଭୟଭୀତ ଥିବାର ଦେଖାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀ କୂଳିଆ ଅଞ୍ଚଳ ମାନଙ୍କରୁ ଲୋକଙ୍କୁ ଆଣି ବେଲାଣ ପୁରା ଓ ଶାଳଗାଁ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଉଥିବାର ଦେଖିବାକୁ ମିଳିଛି । ବୈଶିଙ୍ଗା ପୁଲିସ ପକ୍ଷରୁ ସେତୁର ଦୁଇ ପାର୍ଶ୍ୱରେ ପୁଲିସ ମୁତୟନ ମଧ୍ୟ କରାଯାଇଛି। ଏନେଇ ମୟୂରଭଞ୍ଜ ଉପ ଜିଲ୍ଲାପାଳ ଈଶର ଚନ୍ଦ୍ର ନାଏକ, ତହସିଲଦାର ଚନ୍ଦ୍ରଜିତ ବେହେରା , ଅତିରିକ୍ତ ବିଡିଓ ଗଗନ ବେହେରା, ଅତିରିକ୍ତ ତହସିଲଦାର ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ବନ୍ୟା ସ୍ଥିତି ସମୀକ୍ଷା କରିବା ସହ ସମସ୍ତ ପ୍ରଶାସନ ସଜାଗ ଥିବାର ଦେଖାଯାଇଛି । ରାତି ବଢ଼ିବା ବେଳକୁ ବୁଢ଼ାବଳଙ୍ଗ ଏବଂ ଗଙ୍ଗାହାର ନଦୀର ଜଳସ୍ତର ମଧ୍ୟ ଦ୍ରୁତଗତିରେ ବଢୁଥିବାର ଦେଖାଯାଇଛି ।

# ଅଧା ରାସ୍ତାରେ ଅଟକିଲା ସିଏମ୍ ବସ୍
## ବର୍ଷାରେ ଭିଜି ଘରକୁ ଗଲେ ଯାତ୍ରୀଙ୍କ ସହ କଲେଜ ଛାତ୍ରଛାତ୍ରୀ

ବେତନଟୀ, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଅଧୀନରେ ବେତନଟୀରୁ ସମସ୍ତ ପଞ୍ଚାୟତକୁ ବ୍ଲକର ମୂଖ୍ୟାଳୟ ସହିତ ସଂଯୋଗ ପାଇଁ ୩ଟି ରୁଟରେ ୩ଟି ଲକ୍ଷ୍ମୀବସ ଚଳାଚଳ କରୁଥିବା ବେଳେ ଦାୟୀତ୍ୱରେ ଥିବା ଚାଟାର୍ ସ୍ୱିଡ଼ ଲିମିଟେଡ଼ (ସିଏସଏଲ)ପକ୍ଷରୁ ବେତନଟୀରେ ଭଲ ଅବସ୍ଥାରେ ଥିବା ବସ ଗୁଡ଼ିକୁ ବାରିପଦା ଏବଂ କପ୍ତିପଦା ପଠାଇଦେଇ ସେଠାରୁ ଚାଲୁଥିବା ଖରାପ ବସ ଗୁଡ଼ିକୁ ବେତନଟୀକୁ ଦେଇଥିଲେ । ଏହି ଖରାପ ବସ ଗୁଡ଼ିକ ବେତନଟୀ ରୁଟରେ ଚଳାଚଳ କରି ଗୁରୁବାର ଅପରାହ୍ନରେ ୧୮ନଂ ଜାତୀୟରାଜପଥ ପଦ୍ମନାଭ ଟୋଲଗେଟ ପରେପରେ ଅଧା ରାସ୍ତାରେ ଖରାପହୋଇ ପଡି ରହିବାରୁ ବାଧ ହୋଇ ଗଡ଼ଦେଉଳିଆ ଏବଂ କଳମା ଯାତ୍ରୀଙ୍କ ସମେତ କଲେଜ ଛାତ୍ରଛାତ୍ରୀ ମାନେ ବର୍ଷାରେ ଭିଜିଭିଜି ଘରକୁ ଯିବାକୁ ବାଧ ହୋଇଛନ୍ତି । ସୂଚନା ମୁତାବକ ବେତନଟୀ ବ୍ଲକ ହେଡ଼କାଟର ସହିତ ୩ଟି ରୁଟରେ ଗ୍ରାମାଞ୍ଚଳକୁ ସଂଯୋଗ କରିବାକୁ ୩ଟି ବସ ଚଳାଚଳ କରୁଛି । ତେବେ ବେତନଟୀରୁ କଳମା-କାଛି ଭାୟା ଆଗ୍ରିଆ, ନଡପୁର, ପାଟଳିପୁରା, ନାଖରା, ବୈଶିଙ୍ଗା, ଗଡ଼ଦେଉଳିଆ ହୋଇ ଚଳାଚଳ କରୁଥିବା ଭଲ ବସଟିକୁ କପ୍ତିପଦା ପଠାଇ ଦେଇଥିବା ବେଳେ ସେଠାରୁ ଓଡି-୧୧ଏଇ- ୩୩୧୦ ନମ୍ବର ବିଶିଷ୍ଟ ବସକୁ ଆଣି ଉକ୍ତ ରୁଟରେ ଚଳାଚଳ ଆରମ୍ଭ କରିଥିଲେ । ଗୁରୁବାର ଉକ୍ତ ବସଟି ନିଜର ଧାର୍ଯ୍ୟ ସମୟସାରଣୀ ମୁତାବକ ଦିତୀୟଥର କଳମା-କାଛି ଅଭିମୁଖେ ଯାଉଥିବା ବେଳେ ପୂର୍ବାହ୍ନ ସାଢେ ଏଗାରଟା ପାଖାପାଖି ସମୟରେ ପଦ୍ମନାଭପୁର ଟୋଲଗେଟ ଅତିକ୍ରମ କରିବାର କିଛିବାଟ ପରେ ରାସ୍ତା ପାର୍ଶରେ ଯାନ୍ତ୍ରିକ ତୃଟି ପାଇଁ ଅଟକି ରହିଥିଲା । ଘଣ୍ଟା ଘଣ୍ଟା ଧରି ବସ ଅଟକି ରହିଥିବା ବେଳେ ଅପରାହ୍ନ ସାଢେ ତିନିଟା ପାଖାପାଖିରେ ମେକାନିକ ପହଞ୍ଚି ମରାମତି କରିବାପରେ ବସ ଗନ୍ତବ୍ୟସ୍ଥଳକୁ ଯାତ୍ରା କରିଥିଲେ । ଇତି ମଧ୍ୟରେ ବସରେ ଥିବା ଯାତ୍ରୀ ଏବଂ କଲେଜଛାତ୍ରଛାତ୍ରୀ ମାନେ ବର୍ଷାରେ ଭିଜିଭିଜି ଚାଲିଚାଲି ଘରକୁ ଯିବାକୁ ବାଧ ହୋଇଥିଲେ ।

# ହୃଦଘାତରେ ଘରୋଇ ଶିକ୍ଷକଙ୍କ ପରଲୋକ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ କୋଟସିରା ଗ୍ରାମର ଘରୋଇ ଶିକ୍ଷକ ରବିନାରାୟଣ ଦତ୍ତଙ୍କ(୮୨)ର ଗତ ମଙ୍ଗଳବାର ହୃଦଘାତରେ ପରଲୋକ ହୋଇଯାଇଛି। ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅନ୍ତର୍ଗତ ଗୋତୁଡିହା ଗ୍ରାମର ବାସିନ୍ଦା ରବିସାର କୋଟସିରା ଗ୍ରାମରେ ଦୀର୍ଘ ୬୦ ବର୍ଷ ହେବ ଟ୍ୟୁସନ କରୁଥିଲେ ଓ ଗ୍ରାମ ଗୋଷ୍ଠୀକେନ୍ଦ୍ରରେ ବସବାସ କରୁଥିଲେ। କୋଟସିରା ଗ୍ରାମର ଜନୈକ ପରିବାରରେ ସେ ଦୈନିକ ଭୋଜନ କରୁଥିଲେ। ମଙ୍ଗଳବାର ମଧ୍ୟାହ୍ନଭୋଜନ ପାଇଁ ସଂପୃକ୍ତ ପରିବାରକୁ ଯାଇନଥିଲେ। ଅନ୍ୟତ୍ର ଭୋଜିଭାତ କରିଥାଇ ପାରନ୍ତି ଭାବି ପରିବାର ଲୋକେ ରବିସାରଙ୍କ ମଧ୍ୟାହ୍ନ ଭୋଜନ ଅନୁପସ୍ଥିତିକୁ ଗୁରୁତ୍ୱ ଦେଇନଥିଲେ। ରବିସାର ବସବାସ କରୁଥିବା ଗୋଷ୍ଠୀକେନ୍ଦ୍ରରେ ଅନ୍ୟଜଣେ ସାର ପିଲାମାନଙ୍କୁ ଦୈନିକ ସନ୍ଧ୍ୟାରେ ଟ୍ୟୁସନ ପାଇଁ ଆସି ଭିତରୁ କବାଟ ବନ୍ଦ ଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀମାନେ ଗୋଷ୍ଠୀକେନ୍ଦ୍ର ସ୍କାଇଲାଇଟ ବାଟେ ରବିସାର ଶୋଇଥିବା ଦେଖିଥିଲେ। ଅଘଟଣ ସନ୍ଦେହ କରି ରବିସାରଙ୍କ ପରିବାରକୁ ଖବର ଦେବା ସହ ପୁଲିସକୁ ଜଣାଇଥିଲେ। ରାତ୍ର ୮ଟା ବେଳେ ପୁଲିସ ଉପସ୍ଥିତିରେ ଗୋଷ୍ଠୀକେନ୍ଦ୍ର କବାଟ ଭଙ୍ଗାଯାଇ ରବିସାରଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। କୋଟସିରା ଗ୍ରାମବାସୀଙ୍କ ସହ ପରିବାର ଲୋକେ ରବିସାରଙ୍କ ମୃତଦେହ ବିଳମ୍ବିତ ରାତ୍ରରେ ବାଲେଶ୍ୱର ଜିଲ୍ଲା ପୈତୃକ ଗ୍ରାମକୁ ନେଇ ଅନ୍ତିମ ସଂସ୍କାର କରିଥିଲେ। ରବିସାରଙ୍କ ମୃତ୍ୟୁରେ ଗ୍ରାମରେ ଶୋକ ପ୍ରକାଶ ପାଇଛି।

# କାଦପାଣିରେ ନାବାଳିକାର ଆତ୍ମହତ୍ୟା

ଠାକୁରମୁଣ୍ଡା,(ସବ୍ୟୁ) :ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ଗ୍ରାମପଞ୍ଚାୟତ କାଦପାଣି ଗାଁରେ ଏକ ଦୁଃଖଦ ଘଟଣାଘଟିଛି । ଜନୈକା ନାବାଳିକା ଆତ୍ମହତ୍ୟା କରିଥିବା ଜଣାପଡିଛି । ପ୍ରଫୁଲ୍ଲ ମହାକୁଡ଼ ଓ ନାଗି ମହାକୁଡ଼ଙ୍କ ତୃତୀୟ ଝିଅ ଗୁରୁବାରୀ (୧୭) ଗତ ୨୪ ତାରିଖରେ ମୁଣ୍ଡ ଦୋଷରୁ ଘରୁ ଚାଲିଯିବା ପରେ ଖୋଜି ପାଇନଥିଲେ । ଦିନ ୩ ଟା ବେଳେ ଆମ୍ବ ଗଛରେ ଆତ୍ମହତ୍ୟା କରିଥିବା ଜଣାପଡିଥିଲା । ପରିବାର ଲୋକଙ୍କ କହିବା ଅନୁସାରେ ସେ ମାନସିକ ଅସୁସ୍ଥତାରେ ପୀଡିତ ଥିଲା ।ଏନେଇ ମା ନାଗି ମହାକୁଡ଼ ଠାକୁରମୁଣ୍ଡା ଥାନାରେ ଏତଲା ଦେଇଛନ୍ତି। ପୋଲିସ ଏକ ଅପମୃତ୍ୟୁ ମାମଲା ଦାଏର କରି ଶବକୁ ବ୍ୟବଚ୍ଛେଦ ପାଇଁ କରଞ୍ଜିଆ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ଲଗାଣ ବର୍ଷା, ବନ୍ୟାରେ ଅସ୍ତବ୍ୟସ୍ତ ଖଇରା ବ୍ଲକ୍

ଖଇରା,(ସବ୍ୟୁ): ଗତ ୨ଦିନ ଧରି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ବାଲେଶ୍ୱର ଜିଲା ଖଇରା ବ୍ଲକର ଅଧିକାଂଶ ଅଞ୍ଚଳ ଜଳମଗ୍ନ ହୋଇ ପଡିଛି । ଶୁକ୍ରବାର ସକାଳ ସୁଦ୍ଧା ୧୨୨ମିମି ବର୍ଷା ରେକର୍ଡ କରାଯାଇଥିବା ବେଳେ ଶୁକ୍ରବାର ଦିନତମାମ ମଧ୍ୟ ବର୍ଷା ଲାଗିରହିଛି । ଖଇରା ବଜାର ମୁଖ୍ୟ ରାସ୍ତାରେ ପାଖାପାଖି ୩ଫୁଟ ଉଚ୍ଚର ଜଳପ୍ରବାହିତ ହେବା ସହିତ ଦୋକାନ ଗୁଡିକରେ ପାଣି ପଶିବା କାରଣରୁ ଅଧିକାଂଶ ବ୍ୟବସାୟୀଙ୍କର ଲକ୍ଷ ଲକ୍ଷ ଟଙ୍କାର ଜିନିଷପତ୍ର ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି । ସେହିଭଳି ତହସିଲରାସ୍ତାରେ ୫ଫୁଟ ଉଚ୍ଚତାରେ ଜଳ ପ୍ରବାହିତ ହେଉଥିବା ଯୋଗୁଁ ବିଷ୍ଣୁପୁର ଗ୍ରାମବାସୀଙ୍କୁ ଘରୁ ବାହାରିବା ମୁସ୍କିଲ ହୋଇ ପଡିଛି । ଖଇରା- ନଟାପଡା ରାସ୍ତା ପାଣିରେ ବୁଡି ରହିଥିବାରୁ ୫ଖଣ୍ଡ ଗ୍ରାମକୁ ଯୋଗାଯୋଗ ବିଛିନ୍ନ ହୋଇ ପଡିଛି । ପାହାଡ ଧସି ପାଣି ମାଡି ଆସିବା,ସୋର-କୁପାରୀ ରାସ୍ତାର ୨ ପାର୍ଶ୍ୱ ଡ୍ରେନକୁ ପରିଷ୍କାର କରାନଯିବା,କୋଚିଆକୋଇଲି ଠାରୁ ବଣପାରିଆ ପର୍ଯ୍ୟନ୍ତ ରାସ୍ତାରେ ଅଧିକାଂଶ କଲଭର୍ଟର ମୁହଁକୁ ବନ୍ଦ କରିଦିଆଯିବା ଭଳି କାରଣ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ନେଇ ଖଇରାର ବ୍ୟବସାୟୀ ମାନେ ଅଭିଯୋଗ କରିଛନ୍ତି । କେବଳ ଦୋକାନୀମାନେ କ୍ଷତିଗ୍ରସ୍ତ ହୋଇ ନାହାଁନ୍ତି ବ୍ଲକ,ଜଳସେଚନ,ତହସିଲ କାର୍ଯ୍ୟାଳୟ, ଜଳବନ୍ଦି ଭିତରେ ଦୀର୍ଘ ସମୟ ଧରି ରହିବା କାରଣରୁ ଅଫିସ କାର୍ଯ୍ୟ ପ୍ରଭାବିତ ହୋଇଛି । ଖଇରା ହାଇସ୍କୁଲ,ଆଦର୍ଶ ବିଦ୍ୟାଳୟ,ଶିଶୁ ମନ୍ଦିର,ଶିଶୁ ବିଦ୍ୟାମନ୍ଦିର ବନ୍ଦ ରହିଛି । ସେହିଭଳି ମହତୀପୁର ନିକଟରେ ପୂର୍ତ୍ତ ବିଭାଗ ଦ୍ୱାରା ତୃଟିପୂର୍ଣ୍ଣ ଡ୍ରେନ ନିର୍ମାଣ ର କୁପରିଣାମ ନିକଟସ୍ଥ ପଦ୍ମଲୋଚନ ବିଦ୍ୟାମନ୍ଦିର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଭୋଗିବାକୁ ପଡିଛି । ବିଦ୍ୟାଳୟ ଭିତରକୁ ଡ୍ରେନ ଜଳ ମାଡିଯିବା କାରଣରୁ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ବିଦ୍ୟାଳୟକୁ ବନ୍ଦ ରଖାଯାଇଛି । ଏହାଛଡା ବର୍ତ୍ତନା-ବଗଦିଆ ରାସ୍ତାରେ କିଛି ବ୍ୟକ୍ତି ଘରତିଆରି ଆଳରେ ସୁଠ ମୁହଁକୁ ବନ୍ଦକରି ଦେଇଥିବାରୁ ଏହାର କୁଫଳ ସମଗ୍ର ବଗଦିଆ,ରତିଣା ଗ୍ରାମବାସୀଙ୍କୁ ଭୋଗିବାକୁ ପଡିଛି । ଚାଷଜମି ଜଳମଗ୍ନ ହେବା ସହ ଅଧିକାଂଶ ପରିବାର ପାଣିଘେରରେ ରହିଥିବା ନେଇ ଅଭିଯୋଗ ହୋଇଛି । ସେହିଭଳି କୁରୁଣ୍ଟା ପଞ୍ଚାୟତର ମିରିପୁର ଖଇରା,ଆଦିବାସୀ ସାହି,ରାଇକୁଳା ଶାସନ ରାସ୍ତାରେ ଜଳସ୍ରୋତ ପ୍ରବାହିତ କାରଣରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡିଛି । ପ୍ରବଳ ବର୍ଷା ପ୍ରଭାବରେ ବାଲେଶ୍ୱର-ମୟୁରଭଞ୍ଜକୁ ଯୋଗାଯୋଗ କରୁଥିବା କୁପାରୀ-ଶାରିଶୁଆ ଘାଟିରାସ୍ତା ରାସ୍ତା ଧୋଇ ଯାଇଛି । ପାଣି ସୁଅରେ ପଡି ଖଇରା ଥାନା ମାଖନପୁର ଗ୍ରାମ ପଞ୍ଚାୟତ ଅଧୀନ ଟିପସଗଡିଆ ଗ୍ରାମର ଅଭିମନ୍ୟୁ ମହାନ୍ତି(୬୪) ଙ୍କର ମୃତ୍ୟୁବରଣ କରିଛନ୍ତି । ଶୁକ୍ରବାର ଅପରାହ୍ନରେ ବିଲକୁ ଚାଷକାମ ଦେଖିବାକୁ ଯାଇଥିବା ବେଳେ ସୁଅରେ ସେ ଭାସି ଯାଇଥିଲେ । ଖଇରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଭିକା ସିଂର ମୃତ୍ୟୁ, ଭୋଜି ମହୋତ୍ସବରେ ମିଳିବନି ଦେଖା

ନୀଳଗିରି ,(ସବ୍ୟୁ): ପଟା ରିକ୍ସା ହିଁ ତା ଜୀବନର ସବୁ କିଛି। ଦିନ ସାରା ରିକ୍ସା କୁ ଧରି ଯାହା ରୋଜଗାର କରେ ମୁହଁ ଅନ୍ଧାର ହେଲେ ନିଳଗିରି ସହରରେ ଆରମ୍ଭ ହୁଏ ତାର ରାଜ। ନିଜେ ଗୀତ ଗାଇ ଗାଇ ସମସ୍ତଙ୍କୁ ହସାଉ ଥାଏ। କାହାରିକୁ ଅସମ୍ମାନ କରେ ନାହିଁ। ପରିବାରରେ ସମସ୍ତେ ଅଛନ୍ତି ମାତ୍ର କେହି ନାହାନ୍ତି। ରିକ୍ସା ଟାଣି ଯାହା ରୋଜଗାର କରେ ସେଥିରେ ସେ ଚଳେ। ଏପରି ଏକ ନିଆରା ମଣିଷ ହେଲେ ଭିକା ସିଂ। ନୀଳଗିରୀ ଏନ୍ଏସି ଅନ୍ତର୍ଗତ ଶଳବନ୍ଧ ଗ୍ରାମରେ ଜନ୍ମ ହୋଇଥିବା ବେଳେ ଅନେକ ବର୍ଷ ଧରି ଗାଁ ଛାଡି ନିଳଗିରି ଚିମିନିଭାଟି ଅଂଚଳରେ ରହି ଆସୁଥିଲା। ଯାହାର ବାହାଘର ହେଉ କି ମହୋତ୍ସବ ହେଉ ସବୁପ୍ରକାର ଭୋଜିରେ ଖୋଜା ପଡ଼େ ଭିକା ଭାଇ। ଖାଇବା ପତ୍ର ଗୋଟାଇବା ପାଇଁ ସମସ୍ତଙ୍କର ଆଶା ଭରଷା ପାଲଟି ଥାଏ ଭିକା ଭାଇଙ୍କୁ। ଆଜି ଦୁନିଆରେ ଭିକା ଭାଇ ନାହାନ୍ତି ସତ, ହେଲେ ଝୁରୁଛନ୍ତି ଲୋକେ। ପାଖା ପାଖି ୭୦ବର୍ଷ ବୟସରେ ତାଙ୍କର ମୃତ୍ୟୁ ଘଟିଛି। ଖବର ପାଇ ସମାଜସେବୀ ତାଙ୍କର ଶେଷକୃତ୍ୟ ସଂପନ୍ନ କରିଛନ୍ତି ।

# ଦୁଇ ବାଲି ବୋଝେଇ ଟ୍ରାକ୍ଟର ଜବତ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ଆମ୍ବଯୋଡ଼ା ଏବଂ ଲିଟାସାହିରେ ପୃଥକ ଭାବେ ଚଢ଼ାଉକରି ଦୁଇଟି ଚୋରା ବାଲିବୋଝେଇ ଟ୍ରାକ୍ଟର ଜବତ ଘଟଣାରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କଲା ପୁଲିସ । ସୂଚନା ମୁତାବକ ଖବରପାଇ ବେତନଟୀ ଥାନାରେ କାର୍ଯ୍ୟରତ ଏଏସଆଇ ସୁଧୀର ହେମ୍ବ୍ରମ ଆମ୍ବଯୋଡ଼ା ଏବଂ ଲିଟାସାହିରେ ପୃଥକ ଭାବେ ଚଢ଼ାଉ କରିଥିଲେ । ଚଢ଼ାଉ ସମୟରେ ଆମ୍ବଯୋଡ଼ା ଠାରେ ଓଡି-୧୧ଏଇ-୭୩୬୨ ନମ୍ବର ବିଶିଷ୍ଟ ଚୋରା ବାଲିବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଚାଳକ ବୈଶିଙ୍ଗା ଥାନା ଅଧୀନ ଦୁର୍ଗାପୁର ଗ୍ରାମର ଉଦୟ ସିଂର ପୁଅ ବାବୁଲା ସିଂ(୨୫)କୁ ଅଟକ ରଖିବା ସହ ଲିଟାସାହି ଗ୍ରାମରେ ଚଢ଼ାଉ କରି ଓଡି-୧୧କେ-୭୨୬୧ ନମ୍ବର ବିଶିଷ୍ଟ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରିବା ସହିତ ଚାଳକ ବୈଶିଙ୍ଗା ଥାନା ଅଧୀନ ସର୍ବଣା ଗ୍ରାମର ହୁଲିଆ ଦେହୁରୀଙ୍କ ପୁଅ କଟିଆ ଦେହୁରୀ (୨୪)ଙ୍କୁ ଅଟକ ରଖିଥିଲେ । ଏନେଇ ବେତନଟୀ ଥାନାରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଥିବା ବେଳେ ଅଟକ ଉଭୟ ଟ୍ରାକ୍ଟର ଚାଳକଙ୍କୁ ସର୍ତ୍ତମୂଳକ ନୋଟିସରେ ଛଡା ଯାଇଛି ।

# ଘରେ ପଶିଲା ବର୍ଷାପାଣି

ଆଗରପଡ଼ା,(ସବ୍ୟୁ) :ଲଘୁଚାପ ଜନିତ ଲଗାଣ ବର୍ଷାରେ ଆଗରପଡ଼ା ତଥା ଏହାର ଆଖପାଖ ଅଂଚଳରେ ଥିବା ବହୁ ଗାଁ ବର୍ଷାପାଣିରେ ଉବୁଟୁବୁ ହେଉଛି। ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ଚାଲିଛି। ଅନେକ କଚ୍ଚାଘର ଭାଙ୍ଗି ଯାଇଥିବାର ସୂଚନା ମିଳିଛି। ବିଟିପୁର ସ୍ଥିତ ୭ନମ୍ବର ୱାର୍ଡ ଧୋବାସାହୀ କିଛି ଲୋକଙ୍କ ମାଟି କାନ୍ଥ ଭୁଷୁଡ଼ି ପଡ଼ିବା ସହ ଘର ମଧ୍ୟକୁ ପାଣି ପଶିଯାଇ ଜିନିଷପତ୍ର ନଷ୍ଟ ହୋଇଛି। ରାସ୍ତାରେ ପାଣି ଚାଲିଛି। ପୁରୁଷଣ୍ଡ ସ୍ଥିତ ବଣିଆସାହୀରେ ଲୋକଙ୍କ ଘରକୁ ପାଣି ପଶିଛି। ଗୋପିନାଥପୁରସ୍ଥିତ କଲ୍ୟାଣମଣ୍ଡପ ସଂଲଗ୍ନ ଦାସ ସାହୀ,ଯେନା ସାହୀ,ତୁଡ଼ିପଦା,ସାନ ସାହୁପଡ଼ା,ତେଲନଟୀ,ତାଜିପୁର ଆଦି ସ୍ଥାନରେ ମୁଖ୍ୟରାସ୍ତାରେ ପାଣିର ସୁଅ ଛୁଟିଛି। କଲେଜ ଦମଦମା ପଡ଼ିଆ ଜଳାର୍ଣ୍ଣବ ହୋଇପଡ଼ିଛି। ଭଗାରାମରେ ବିରାଟକାୟ ଗଛ ଉପୁଡ଼ି ଗଂଗାଧର ଦାସଙ୍କ କୋଠା ଗୃହ ଉପରେ ପଡ଼ିଛି। ସାଳନ୍ଦୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ନଦୀ କୂଳିଆ ଗାଁ ଲୋକମାନଙ୍କ ନିଦ ହଜି ଯାଇଛି। ବେଆଇନ ଭାବେ ନିୟମିତ ବାଲି ଖନନ ଯୋଗୁଁ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗାଁ ଆଡ଼କୁ ନଦୀ ମାଡ଼ି ଆସିଛି। କୌଣସି ମୂହୁର୍ତ୍ତରେ ବନ୍ୟାଜଳ ଗାଁ ମଧ୍ୟକୁ ପଶି ଆସିପାରେ ବୋଲି ଲୋକେ ଆଶଙ୍କାରେ ରହିଛନ୍ତି।

# ରାସ୍ତା ପାଇଁ ରାସ୍ତାରୋକ ପାଣିରେ ବସି ପ୍ରତିବାଦ

ଭଦ୍ରକ,(ସବ୍ୟୁ):ରାସ୍ତା ନିର୍ମାଣ କାମ ଶେଷ ହେଉନଥିବା ପ୍ରତିବାଦରେ ରାସ୍ତାରୋକ କରିଛନ୍ତି ଅଂଚଳବାସୀ। ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ଦିଗଛିଆ-ଇଟୁଆ ଘୁସୁରା ନିକଟରେ ଏଭଳି ଅଭିନବ ଢଙ୍ଗରେ ପ୍ରତିବାଦ କରିଛନ୍ତି ସ୍ଥାନୀୟ ଲୋକେ। ରାସ୍ତା ଉପରେ ଜମିଥିବା ପାଣିରେ ବସି ରାସ୍ତାର ସ୍ଥାୟୀ ମରାମତି ଓ ନିର୍ମାଣ କାମ ଶୀଘ୍ର ଶେଷ କରିବାକୁ ଦାବି କରିଛନ୍ତି ଆନ୍ଦୋଳନକାରୀ। ସୂଚନା ଅନୁସାରେ,ଭଦ୍ରକ-ଚାନ୍ଦବାଲି ମୁଖ୍ୟରାସ୍ତାର ଦିଗଛିଆଠାରୁ ଧାମରା ପର୍ଯ୍ୟନ୍ତ ପ୍ରାୟ ୧୦କିଲୋମିଟର ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କାମ ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ଅବଧି ଶେଷ ହୋଇଥିଲେ ମଧ୍ୟ ଦୀର୍ଘ ୫ବର୍ଷ ଧରି ନିର୍ମାଣ କାମ ଚାଲିଛି। ହେଲେ ଏଯାଏଁ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଧାମରା ବନ୍ଦରକୁ ସିଧାସଳଖ ସଂଯୋଗ କରୁଥିବା ଏହି ରାସ୍ତା ଉପରେ ପ୍ରତିଦିନ ହଜାର ହଜାର ଗାଡ଼ି ଯାତାୟାତ କରୁଛି। ତେବେ ରାସ୍ତାର ଅବସ୍ଥା ଦୟନୀୟ ହୋଇପଡ଼ିଥିବାରୁ ଯାତାୟାତରେ ସାଧାରଣ ଲୋକଙ୍କ ସମେତ ଭାରୀଯାନ ଚାଳକମାନେ ମଧ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବର୍ଷ ବର୍ଷ ଧରି ରାସ୍ତା କାମ ଶେଷ ହେଉନଥିବାରୁ ଅସନ୍ତୋଷ ପ୍ରକାଶ କରି ଶେଷରେ ରାସ୍ତାକୁ ଓହ୍ଲାଇଛନ୍ତି ଅଂଚଳବାସୀ। ସମସ୍ୟାର ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

# ବୈତରଣୀ, ରେବରେ ଅଷ୍ଟମ ବନ୍ୟା: କଣ୍ଟିଘାଇରେ ବନ୍ୟାଜଳ ପ୍ରବାହିତ

ଭଦ୍ରକ/ଭଣ୍ଡାରିପୋଖରୀ, (ସବ୍ୟୁ) : ଉପର ମୁଣ୍ଡରେ ଭାରୀ ବର୍ଷା ଯୋଗୁଁ ଚଳିତ ମୌସୁମୀ ଋତୁରେ ବୈତରଣୀ ନଦୀରେ ଅଷ୍ଟମ ଥର ବନ୍ୟା ଆସିଛି। ଶୁକ୍ରବାର ଭୋର ୫.୪୦ମି. ସମୟରେ ନଦୀର ଜଳସ୍ତର ଆଖୁଆପଦାରେ ବିପଦସଙ୍କେତ ସ୍ତର ୧୮.୩୩ମିଟର ଅତିକ୍ରମ କରି ଅପରାହ୍ନ ୫ଟା ସୁଦ୍ଧା ୧୮.୮୬ମିଟରରେ ପ୍ରବାହିତ ହେଉଛି। ଜଳସ୍ତର ଘଣ୍ଟାପ୍ରତି ୩ ମି.ମି. ବେଗରେ ବୃଦ୍ଧି ପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ନଦୀର ଉପରମୁଣ୍ଡ କେଉଁଝରରେ ସର୍ବାଧିକ ୧୨୩.୨ମି.ମି., ସ୍ୱାମୀପାଟଣାରେ ୨୬.୨ମି.ମି., ଚମ୍ପୁଆରେ ୪୭.୪ମି.ମି., ଆନନ୍ଦପୁରରେ ୬୯.୨ମି.ମି. ଓ ଆଖୁଆପଦାରେ ୭୭.୬ମି.ମି. ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ଲଗାଣ ବର୍ଷା ଲାଗିରହିଥିବାରୁ ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ରିପୋର୍ଟ ପ୍ରସ୍ତୁତ ସମୟ ପର୍ଯ୍ୟନ୍ତ କଣ୍ଟିଘାଇ ଦେଇ ୨ ମିଟର ଉଚ୍ଚତାର ବନ୍ୟାଜଳ ପ୍ରବାହିତ ହୋଇ ବ୍ୟାପକ ଅଞ୍ଚଳ ଜଳମଗ୍ନ ହୋଇଛି। ସେହିପରି ରେବ ନଦୀରେ ବଡବନ୍ୟା ଆସିଛି। ଜଳମଣ୍ଡୁଆ ପଞ୍ଚାୟତ ଭଗିବିନ୍ଧା, ତଳସିଠା, କରଞ୍ଜିଗୁଣ୍ଡୁପୁର, ସରିଫପୁର ଆଦି ଗ୍ରାମଗୁଡିକ ଜଳବନ୍ଦୀ ହୋଇଛି। ଏହି ଗ୍ରାମର ରାସ୍ତାରେ ୬ଫୁଟ ପାଣି ପ୍ରବାହିତ ହେଉଛି।

# ବେଆଇନ ମୋରମ ଉତ୍ତୋଳନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ

ଖଇରା,(ସବ୍ୟୁ): ବାଲେଶ୍ୱର ଜିଲ୍ଲାପାଳ କେ ସୂର୍ଯ୍ୟବଂଶୀ ମୟୁରବିକାଶ ବୁଧବାର ଖଇରା ବ୍ଲକ ଗସ୍ତକରି କୁପାରୀ ରାଜସ୍ୱ କ୍ଷେତ୍ର ଅଧିନରେ କୁପାରୀ ଓ ଗଡପୋଖରୀ ମୌଜାରେ ଇଡକୋ ପକ୍ଷରୁ ଚାଲିଥିବା ଜମି ଅଧିଗ୍ରହଣ ପ୍ରକ୍ରିୟା ସାଙ୍ଗକୁ ଏମଏସଏମଇ ପାର୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି । ଏଥିସହ ଅଧିଗ୍ରହଣ ଭୁକ୍ତ ଜମିରେ ଚାଲିଥିବା ବେଆଇନ ମୋରମ ଉତ୍ତୋଳନ ଉପରେ ନଜର ରଖିବାକୁ ଖଣି ଅଧିକାରୀ ଜଗନ ବେହେରା ଓ ଖଇରା ତହସିଲଦାର ଅନୁପ କୁମାର ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ତହସିଲଦାର ଗଦାଧର ସେଠୀ,ରାଜେଶ ପ୍ରିୟଦର୍ଶୀ ଓ ପ୍ରିୟାଂଶୁ ପଣ୍ଡା,କୁପାରୀ ରାଜସ୍ୱ ନିରିକ୍ଷକ ସୌଭାଗ୍ୟ ଶିଅଳ ପ୍ରମୁଖ ଉପସ୍ଥିତ ଥିଲେ । ବୁଧବାର ବିଭିନ୍ନ ଗଣମାଧ୍ୟମରେ ଇଡକୋ ପକ୍ଷରୁ ଅଧିଗ୍ରହଣ ଭୁକ୍ତ ଜମିରେ ରାତି ଅଧିଆ ବେଆଇନ ମୋରମ ଉତ୍ତୋଳନ କରାଯାଉଥିବା ନେଇ ପ୍ରକାଶ ପାଇବା ପରେ ଜିଲାପାଳଙ୍କ ତୋଫାନୀ ଗସ୍ତକୁ ନେଇ ମୋରମ ବ୍ୟବସାୟୀଙ୍କ ମଧ୍ୟରେ କୋକୁଆଭୟ ସୃଷ୍ଟି ହୋଇଛି ।

# ଉନ୍ନୟନ ଓ ସୁରକ୍ଷା ମଞ୍ଚର ବିକ୍ଷୋଭ

ବାଲେଶ୍ୱର,(ସବ୍ୟୁ): ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ଗାଁ ମାନଙ୍କରେ ପାନୀୟ ଜଳଯୋଗାଣରେ ଅନେକ ସମୟରେ ଅଚଳାଅବସ୍ଥାର ସମସ୍ୟା ଓ ଗଠନ ମୂଳକ କାମ ବିଷୟ ନେଇ ସରପଞ୍ଚଙ୍କ କାର୍ଯ୍ୟାଳୟରେ ଉନ୍ନୟନ ଓ ସୁରକ୍ଷା ମଞ୍ଚ ସୁଗୋ ଶାଖା ତରଫରୁ ନେତୃତ୍ୱମାନେ ସରପଞ୍ଚଙ୍କୁ ଜଣାଇବା ସହିତ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ୱଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରକୁ ଗ୍ରହଣ କରି ସରପଞ୍ଚ ଶ୍ରୀମତୀ ଜୟନ୍ତୀ ପରିଡ଼ା ପ୍ରତିକ୍ରିୟା ରଖିଛନ୍ତି କି ପଞ୍ଚାୟତକୁ ଆସୁଥିବା ମୋଟ ପାଣ୍ଠିର ୩୦% ଅର୍ଥ ପାଣିପାଇଁ, ବିଦ୍ୟୁତ ବିଲ ଦେବାର ସରକାରୀ ନିର୍ଦ୍ଦେଶନାମା ରହୁଛି । ମାତ୍ର ପଞ୍ଚାୟତରେ ପାଣିପାଇଁ ବିଦ୍ୟୁତ ବାବଦରେ ଦେୟ ୩୦% ରୁ ଅଧିକ ହେଉଥିବାରୁ ଅତିରିକ୍ତ ଦେୟର ବ୍ୟବସ୍ଥାଗତ ଅସୁବିଧା ସୃଷ୍ଟି ହେବରେ ସମସ୍ୟା ହେବା ଯୋଗୁଁ ରାସ୍ତା, ଘାଟ, ପୋଲ, ଆଦି ଉନ୍ନୟନମୂଳକ କାମକୁ କରିବାରେ ପ୍ରଭାବିତ କରିବ ପଞ୍ଚାୟତକୁ ଆସିଥିବା ଅର୍ଥ ସହ ସ୍ୱତନ୍ତ୍ର ଏମ୍.ଏଲ୍.ଏ. ଓ ଚେୟାରମ୍ୟାନ୍‌ଙ୍କ ପାଣ୍ଠିରୁ ଆଣିଥିବା ଅର୍ଥକୁ ବିଭିନ୍ନ କ୍ଷେତ୍ରରେ କରିଥିବା ଖର୍ଚ୍ଚକୁ ଉପସ୍ଥାପନା କରିଥିଲେ। ଦାବିପତ୍ର ପ୍ରଦାନରେ ମଞ୍ଚର ନେତୃତ୍ୱ ପ୍ରତିନିଧି ଭାବେ ପଲଟୁ ଦାସ, ସମାଜସେବୀ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଧିର କୁମାର ଜେନା,ବିନୟ ମହାନ୍ତି, ସୁରଞ୍ଜନ ଆଚାର୍ଯ୍ୟ, ଶ୍ରୀକାନ୍ତ ଦାସ, ମଦନ ମାହାଲି, ପରମେଶ୍ୱର ପଲାଇ, ଅଜିତ୍ ଦାସ, କୁନା ଟୁଡୁ, ରୁହୟା ଟୁଡୁ, ଗଣେଶ ଜେନା, କରୁଣାକର ଦାସ, ସବିତା ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ।

# ଇତିହାସର ଅମ୍ଳାନ ସ୍ୱାକ୍ଷର ଜଗନ୍ନାଥ ପଟ୍ଟନାୟକ

ଭଦ୍ରକ,(ସବ୍ୟୁ):ଐତିହାସିକ ଜଗନ୍ନାଥ ପଟ୍ଟନାୟକ ଜୀବଦ୍ଦଶାରେ ନିଜକୁ ଇତିହାସ ଭିତ୍ତିକ ରଚନା ସୃଷ୍ଟିରେ ନିୟୋଜିତ କରି ଚିର ନମସ୍ୟ ହୋଇଛନ୍ତି। ତାଙ୍କ ପାଇଁ ଇତିହାସ ରଚନା କେବଳ ଏକ ବୃତ୍ତି ନଥିଲା,ଏହା ଥିଲା ତାଙ୍କ ଜୀବନର ଅଭିନ୍ନ ଅଂଶ। ଗବେଷଣା ଓ ଶିକ୍ଷାଦାନ ମାଧ୍ୟମରେ ସେ ଅନେକ ପିଢ଼ିଙ୍କୁ ଇତିହାସ ପ୍ରତି ଆକୃଷ୍ଟ କରିଥିଲେ ବୋଲି ୨୪ତମ ସ୍ମୃତିସନ୍ଧ୍ୟାରେ ଯୋଗଦେଇ ଐତିହାସିକ ଓ ଗବେଷକମାନେ ମତ ପ୍ରକାଶ କରିଛନ୍ତି। ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼.ଗୋଲକ ବିହାରୀ ସାହୁଙ୍କ ପୌରୋହିତ୍ୟରେ ଶୁଭମ ନର୍ସିଙ୍ଗ କଲେଜ ପରିସରରେ ଆୟୋଜିତ ଏହି ସ୍ମୃତି ସନ୍ଧ୍ୟାରେ ଅବସରପ୍ରାପ୍ତ ଅଧ୍ୟାପକ ରତିକାନ୍ତ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଜଗନ୍ନାଥ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱ,ଐତିହାସିକ ଦୃଷ୍ଟିକୋଣ ଓ ସମାଜ ପ୍ରତି ତାଙ୍କ ଅବଦାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଡାକ୍ତର ପ୍ରଦୀପ ନାୟକ ସମ୍ମାନିତବକ୍ତା ଭାବେ ଯୋଗଦେଇ ତାଙ୍କ ସ୍ମୃତିଚାରଣ କରିବା ସହ ଜଗନ୍ନାଥ ପଟ୍ଟନାୟକଙ୍କ ଜୀବନାଦର୍ଶର ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଏହି ଅବସରରେ ଉତ୍ତର ଓଡିଶା ଇତିହାସ କଂଗ୍ରେସ ସଭାପତି ତଥା ଗବେଷକ ଡ଼.ଭାଗବତ ତ୍ରିପାଠୀଙ୍କୁ ସ୍ମୃତି ସମ୍ମାନ ୨୦୨୫ ଓ ଅବସରପ୍ରାପ୍ତ ଅଧ୍ୟାପକ ତଥା ଅଧ୍ୟକ୍ଷ ଡ଼.ପ୍ରଭାତ ମହାନ୍ତିଙ୍କୁ ସ୍ମୃତି ସମ୍ମାନ ୨୦୨୬ ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ ଅନୁଷ୍ଠାନର ସହ ସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଅତିଥି ପରିଚୟ ଓ ମଂଚ ଆମନ୍ତ୍ରଣ କରିଥିବାବେଳେ,ସମ୍ପାଦକ ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ଓ ଦୁଃଶାସନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟସ୍ତରୀୟ କୁଡୁମାଲୀ ଦେଶ କରମ ପର୍ବ ସୁରେଇଡିହି ଉଦ୍ଯାପିତ

ବେତନଟୀ,(ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅନ୍ତର୍ଗତ ସୁରେଇଡିହି ଠାରେ କୁଡୁମାଲି ଦେଶ କରମ ପରିଚାଳନା କମିଟି ତରଫରୁ ସୁରେଇଡିହି କରମ ପଡିଆରେ ରାଜ୍ୟ ସ୍ତରୀୟ କୁଡୁମାଲି ଦେଶ କରମ ପରବ - ୨୦୨୬ ଓ କରମ ପୂଜା ପାଳିତ ହୋଇଯାଇଛି। କୁଡୁମି ସମ୍ପ୍ରଦାୟର କରମ ପୂଜା ପାଳନ ଏକ ପ୍ରମୁଖ ପରମ୍ପରା। ତେଣୁ ମଙ୍ଗଳବାର ଦିନ ବିଭିନ୍ନ କୁଡୁମି ଗ୍ରାମ ଗୁଡିକରେ ଏହି କରମ ପୂଜା ପାଳନ କରାଯାଇଥିବାବେଳେ ସୁରେଇଡିହି ଠାରେ ବହୁ ଆୟୋଜନରେ କରମପୂଜା ଓ ଉତ୍ସବ ପାଳିତ ହୋଇଯାଇଛି । ମଙ୍ଗଳବାର ସନ୍ଧ୍ୟାରେ ସୁରେଇଡିହି ବସଷ୍ଟପ ଛକ ନିକଟରେ ଥିବା କରମ ଗଛକୁ ପୂଜାର୍ଚ୍ଚନା କରିବା ସହିତ କର୍ତ୍ତା ଭାବରେ ସିଲୁ ମହାନ୍ତ କରମ ଡାଳ କାନ୍ଧରେ ନେଇ ଏକ ବିରାଟ ଶୋଭାଯାତ୍ରାରେ କରମ ପଡିଆକୁ ଆସି ସେଠାରେ କରମ ଡାଳ ସ୍ଥାପନ କରାଯାଇ କରମ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ଗୋସେଇଁ ଠାକୁର ଜେଠମଲ ମହାନ୍ତ କର୍ମୁ,ଧର୍ମୁ ଓ କରମ ଠାକୁରଙ୍କ କାହାଣୀ ସମସ୍ତଙ୍କୁ ଶୁଣାଇଥିଲେ । ଏହା ପରେ କୁଡୁମାଲୀ ଦେଶକରମ ପରିଚାଳନା କମିଟି ସୁରେଇଡିହିର ସଭାପତି ଡାକ୍ତର ସୁକାନ୍ତ କୁମାର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ଜାଓ୍ୱା କମିଟିର ସଭାପତି ମମତା ମହାନ୍ତ, ମୁଖ୍ୟ ବକ୍ତା ଭାବରେ ମୁଖ୍ୟ ଉପଦେଷ୍ଟା ଛୋଟେଲାଲ ମହାନ୍ତ, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟାପକ ତଥା କମିଟିର କୋଷାଧ୍ୟକ୍ଷ ଶତ୍ରୁଘ୍ନ ମହାନ୍ତ, ଉପଦେଷ୍ଟା ଅବସରପ୍ରାପ୍ତ ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତ ଓ ଜାଓ୍ୱା କମିଟିର ଉପସଭାନେତ୍ରୀ କ୍ଷଣପ୍ରଭା ମହାନ୍ତ ପ୍ରମୁଖ ମଞ୍ଚାସୀନ ହୋଇ କୁଡୁମାଲି ସଂସ୍କୃତି ଓ ପରମ୍ପରା ବିଷୟରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ରାତିସାରା ସାଂସ୍କୃତିକ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୁଧବାର ସକାଳେ କରମ ଠାକୁରଙ୍କୁ ନିକଟସ୍ଥ ଜଳାଶୟକୁ ନେଇ ବିସର୍ଜନ କରାଯାଇଥିଲା । କୁଡୁମାଲି ଦେଶ କରମ ପରିଚାଳନା କମିଟି ସୁରେଇଡିହିର ସମ୍ପାଦକ ରବୀନ୍ଦ୍ର ମହାନ୍ତ, ଜାଓ୍ୱା କମିଟିର ସମ୍ପାଦିକା ଶିବାନୀ ମହାନ୍ତ, ସଦସ୍ୟା ସୁଲୋଚନା ମହାନ୍ତ, ସଦସ୍ୟ ରଞ୍ଜନ ମହାନ୍ତ, ବୁଲୁ ମହାନ୍ତ, ଦେବେନ୍ଦ୍ର ନାଥ ମହାନ୍ତ, ନବୀନ କୁମାର ମହାନ୍ତ, ଅମର କୁମାର ମହାନ୍ତ, ମୁକେଶ ମହାନ୍ତ, ଜଗନ୍ନାଥ ମହାନ୍ତ, ଡମ୍ବରୁଧର ମହାନ୍ତ, ରାଜେନ୍ଦ୍ର ମହାନ୍ତ, ବଳରାମ ମହାନ୍ତ, ବିନୋଦ ଚନ୍ଦ୍ର ମହାନ୍ତ, ପ୍ରଦୀପ କୁମାର ମହାନ୍ତ ଓ କୈବଲ୍ୟ ମହାନ୍ତ ପ୍ରମୁଖ ବିଭିନ୍ନ କାର୍ଯ୍ୟ ପରିଚାଳନା କରିଥିଲେ ।

# ‘ସମନ୍ୱୟ’ର ଜିଲ୍ଲାସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ



କେନ୍ଦୁଝର,(ଜିପ୍ର): ରାଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ମହାଅଭିଯାନ ‘ସମନ୍ୱୟ’ର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ଜିଲ୍ଲାପାଳ ବିଶାଲ ସିଂହ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ,ବିଭିନ୍ନ ବ୍ଲକ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଭଦର୍ଶୀ ଯୋଶୀ ପଂଚାୟତରୁ କୃଷି ଭାଇ ଓ ଭଉଣୀ ଏବଂ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତି ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆଭାସୀ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଉନ୍ମୋଚନ ସହ ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଉଦ୍ଘାଟନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଥିଲା ।ଏହି ଅବସରରେ ଆପ୍ଲିକେସନ୍ର ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ସମବାୟ ସଂସ୍ଥାଗୁଡ଼ିକର କମ୍ପ୍ୟୁଟରୀକରଣ କେବଳ ଫାଇଲ କାମ ନୁହେଁ, ବରଂ ’ରିଏଲ ଟାଇମ ସେଟଲମେଣ୍ଟ’ ଏବଂ ସ୍ୱଚ୍ଛତା ଆଣିବା ପାଇଁ ସମସ୍ତ ପ୍ରାଥମିକ କୃଷି ସମବାୟ ସମିତି ଓ ବୃହଦାକାର ବହୁମୁଖୀ ସମବାୟ ସମିତିଗୁଡ଼ିକୁ କୋର୍ ବ୍ୟାଙ୍କିଂ ସହ ଯୋଡ଼ାଯିବ। ଯାହାଦ୍ୱାରା ଅଡିଟ ପ୍ରକ୍ରିୟାକୁ ସୁଦୃଢ଼ କରାଯାଉଛି, ଯାହାଦ୍ୱାରା କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆସିପାରିବ।ଗ୍ରାମୀଣ ଅର୍ଥନୀତିର ସଶକ୍ତୀକରଣ ଓ ପ୍ରତ୍ୟେକ ପରିବାରକୁ ସମବାୟ କ୍ଷେତ୍ର ସହ ଯୋଡ଼ିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲାରେ ଆଗାମୀ ୨ ମାସ ପର୍ଯ୍ୟନ୍ତ ଏହି ବ୍ୟାପକ ସଦସ୍ୟତା ଗ୍ରହଣ କାର୍ଯ୍ୟକ୍ରମ ଚାଲିବ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାର ପ୍ରତ୍ୟେକ ଘରୁ ଅନ୍ତତଃ ଜଣେ ଲେଖାଏଁ ବ୍ୟକ୍ତିଙ୍କୁ ସମିତି ସଦସ୍ୟ ଏବଂ ’ସମବାୟ ସାଥି’ ଭାବେ ଅନ୍ତର୍ଭୁକ୍ତ କରାଯିବ। ଗ୍ରାମାଞ୍ଚଳର ସାଧାରଣ ନାଗରିକ ଓ ଚାଷୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହାସହ ରୂପାନ୍ତରିତ ମଣ୍ଡି, ଆଦର୍ଶ ମଣ୍ଡିର ଭିତ୍ତିପ୍ରସ୍ତର, ଶସ୍ୟ ଗୋଦାମ ଓ କଷ୍ଟମ ହାୟାରିଂ ସେଣ୍ଟର ଭଳି ବ୍ୟାପକ ଭିତ୍ତିଭୂମିର ଲୋକାର୍ପଣ ସହିତ ଚାଷୀ-ସଦସ୍ୟମାନଙ୍କୁ ଲାଭାଂଶ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଚାଷୀଭାଇମାନଙ୍କ ସ୍ୱାର୍ଥରକ୍ଷା ଓ ଆୟ ବୃଦ୍ଧି ପାଇଁ ଆଖୁ ଚାଷୀଙ୍କ ନିମନ୍ତେ ଏକ ନୂତନ ‘ଇନପୁଟ ସବସିଡି ପ୍ରୋତ୍ସାହନ ଯୋଜନା’ର ଶୁଭାରମ୍ଭ ହେବା ସହ ନବନିଯୁକ୍ତ ସମବାୟ ନିରୀକ୍ଷକ ତଥା ପଣ୍ୟାଗାର କର୍ମଚାରୀମାନଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି।

# ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଆଲୋଚନାଚକ୍ର




ବାଲେଶ୍ୱର ,(ସବ୍ୟୁ): ଫକୀର ମୋହନ (ଏଫଏମ)ବିଶ୍ୱବିଦ୍ୟାଳୟରେ ପୂର୍ବସୂରି ବକ୍ତୃତାମାଳା କାର୍ଯ୍ୟକ୍ରମ ଅବସରରେ ଭାରତରେ ସମାବେଶୀ ସାମାଜିକ କଲ୍ୟାଣ ଶୀର୍ଷକରେ ଏକ ବିଶେଷ ବ୍ୟାଖ୍ୟାନ (ଆଲୋଚନାଚକ୍ର) ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଷଡ଼ଙ୍ଗୀ ନିଜ ବିସ୍ତୃତ ଉପସ୍ଥାପନାରେ ଭାରତରେ ସାମାଜିକ କଲ୍ୟାଣର ଅର୍ଥ, ଗୁରୁତ୍ୱ ଓ ପରିବର୍ତ୍ତିତ ରୂପ ବିଷୟରେ ସମ୍ୟକ୍ ଆଲୋଚନା କରିଥିଲେ। ପ୍ରଫେସର ଷଡ଼ଙ୍ଗୀ କହିଥିଲେ ଯେ, ପରିବର୍ତ୍ତିତ ସାମାଜିକ, ଆର୍ଥିକ ଓ ବିକାଶମୂଳକ ପରିସ୍ଥିତି ପାରମ୍ପରିକ ଦୁର୍ବଳତା ତଥା ଅସୁରକ୍ଷିତତା ର ଧାରଣାକୁ ନୂଆ ଆହ୍ୱାନ ଦେଉଛି। ସେ ଛାତ୍ରଛାତ୍ରୀଙ୍କୁ ସାମାଜିକ କଲ୍ୟାଣକୁ କେବଳ ସୁବିଧା ବଣ୍ଟନରେ ସୀମିତ ନରଖି ସମାବେଶ, ମର୍ଯ୍ୟାଦା, ଅଂଶଗ୍ରହଣ, ସାମାଜିକ ସୁରକ୍ଷା ଓ ନ୍ୟାୟର ବ୍ୟାପକ ପରିସରରେ ବୁଝିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, ସାମାଜିକ ଅସୁରକ୍ଷିତତା କୁ ଦେଖିବାର ଦୃଷ୍ଟିକୋଣରେ ବଡ଼ ପରିବର୍ତ୍ତନ ଆସିଛି। ସମାଜର ବିଭିନ୍ନ ବର୍ଗ ସମ୍ମୁଖୀନ ହେଉଥିବା ନୂତନ ଆହ୍ୱାନକୁ ବୁଝିବା ପାଇଁ ବ୍ୟାପକ ଦୃଷ୍ଟିଭଙ୍ଗୀ ଆବଶ୍ୟକ ବୋଲି ସେ ମତ ରଖିଥିଲେ। ବ୍ୟାଖ୍ୟାନ ପରେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଫେସର ଦେବାଶିଷ ପାତ୍ର ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସମ୍ପାଦକୀୟ

# ରାଜ୍ୟରେ ବର୍ଷା ବିଭୀଷିକା, ଲୋକଙ୍କ ଦୁର୍ଦ୍ଦଶା

ଆମ ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଆମର ପିଛା ଛାଡୁନାହିଁ । ଖାଲି ବର୍ଷା ଆଉ ବର୍ଷା । ପବନ ଆଉ ବର୍ଷା । ଗାଁ ବା ସହର, ବଜାର ସବୁ ଏଥିଯୋଗୁଁ ଜଳପ୍ଲାବିତ । କେବଳ ସରକାର ଏପରି ଜଟିଳ ପରିସ୍ଥିତିରେ ତତ୍ପର ନୁହନ୍ତି, ଆମର କର୍ତ୍ତବ୍ୟ ମଧ୍ୟ ରହିଛି ଦୁର୍ଦ୍ଦଶାଗ୍ରସ୍ତଙ୍କ ଦୁଃଖ ମୋଚନ ପାଇଁ । ରାଜ୍ୟରେ ଏତେ ସବୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରହିଛନ୍ତି । ସେମାନଙ୍କ ତତ୍ପରତା କାହିଁ ? ଖାଲି ଜାତୀୟ ସେମିନାର କରି ବକ୍ତୃତା ଦେଲେ ଏପରି ସମସ୍ୟାର ସମାଧାନ ହେବ ନାହିଁ । ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ଜରୁରୀ ପାଣି ସମସ୍ୟାର ସମାଧାନ ନ କରି ଏବେ ଖଣି ସମସ୍ୟା ପାଇଁ ମାତିଛନ୍ତି ଆଉ ବିଧାନସଭାକୁ ଅଚଳ କରି ରଖିଛନ୍ତି ।

ବଙ୍ଗୋପସାଗରରେ ପ୍ରବଳ ଅବପାତ ଅବଶ୍ୟ ଓଡ଼ିଶା ଆଡ଼କୁ ନ ମୁହାଁଇ ଆନ୍ଧ୍ର ପ୍ରଦେଶର କଳିଙ୍ଗପଟନମଠାରେ ସ୍ଥଳଭାଗ ସ୍ପର୍ଶ କରିବା ପରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ସାଙ୍ଗକୁ ଜୋରରେ ପବନ ବୋହିବାରୁ ଗଛବୃକ୍ଷ, ଘରଦ୍ୱାର, ରାସ୍ତାଘାଟ ଓ ପୋଲ ପ୍ରଭୃତି ଭୁଷୁଡି ପଡ଼ିଛି । ଭୂସ୍ଖଳନ ଆଶଙ୍କା ଯୋଗୁଁ କଳିଙ୍ଗା ଘାଟିକୁ ସରକାର ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲେ । ବର୍ଷା ପରେ ରାୟଗଡ଼ା ପ୍ରଭୃତି ଅଞ୍ଚଳରେ ରେଳ ଟନେଲ ଭିତରେ ପାଣି ପଶି ଯାଇଛି । ସମଗ୍ର ମାଲକାନଗିରି ଜିଲ୍ଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇ ପଡ଼ିଛି । ଛତିଶଗଡ଼ ଓ ଓଡ଼ିଶା ମଧ୍ୟରେ ସଡ଼କ ପଥ ମଧ୍ୟ ବନ୍ଦ ରହିଛି ।

**ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ଜରୁରୀ ପାଣି ସମସ୍ୟାର ସମାଧାନ ନ କରି ଏବେ ଖଣି ସମସ୍ୟା ପାଇଁ ମାତିଛନ୍ତି ଆଉ ବିଧାନସଭାକୁ ଅଚଳ କରି ରଖିଛନ୍ତି । ... ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଉତ୍ତର ରଖିଥିବାବେଳେ ପ୍ରକାଶ କରିଥିଲେ ଯେ ଗତ ବନ୍ୟାରେ ଯାଜପୁର ଜିଲ୍ଲାର ସର୍ବାଧିକ ୧୩ ଲକ୍ଷ ୨୪ ହଜାର ଲୋକେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହା ତଳକୁ ଭଦ୍ରକ ଜିଲ୍ଲାରେ ୮ ଲକ୍ଷ ୩ ହଜାର ଓ ତା' ତଳକୁ ବାଲେଶ୍ୱର ଜିଲ୍ଲାରେ ୬ ଲକ୍ଷ ୪୭ ହଜାର ଓ କେନ୍ଦ୍ରାପଡା ଜିଲ୍ଲାରେ ତା'ଠାରୁ କମ୍ ୫ ଲକ୍ଷ ୭ ହଜାର ଲୋକେ କ୍ଷତିଗ୍ରସ୍ତ ହୋଇଥିଲେ ।**

ଏପରି ଗମ୍ଭୀର ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ଅନ୍ୟାନ୍ୟ ଅଧିକାରୀମାନଙ୍କ ସହ ଦକ୍ଷିଣାଞ୍ଚଳର ବର୍ଷା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ପଠାଇଥିଲେ ।

ଏବେ ଶହ ଶହ ହେକ୍ଟର ଚାଷ ଜମି ବର୍ଷା ଜଳରେ ବୁଡ଼ି ରହିଛି । ଦକ୍ଷିଣ ଓଡ଼ିଶା ସମେତ ଉପକୂଳ ଖୋର୍ଦ୍ଧା, କଟକ, ବାଲେଶ୍ୱର ଅଞ୍ଚଳରେ ମଧ୍ୟ ଏହି ଦୁଇ ଦିନର ଲଗାଣ ବର୍ଷା ବେଶ ଦାଉ ସାଧିଛି । ଏହି ବର୍ଷାଜନିତ ପରିସ୍ଥିତିର ସମୀକ୍ଷା କରି ରାଜସ୍ୱ ଓ ବପର୍ଯ୍ୟୟ ପ୍ରଶମନ ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଲଗାଣ ବର୍ଷା କାରଣରୁ ରାଜ୍ୟର ୧୩୭ଟି ବ୍ଲକର ୨୭୩ ଗୋଟି ଗ୍ରାମ ପ୍ରଭାବିତ ହୋଇଛି । ଗଞ୍ଜାମ ଜିଲ୍ଲାର ୩୭ ଗୋଟି ବ୍ଲକ ମଧ୍ୟ ସେଥିରେ ଅନ୍ତର୍ଭୁକ୍ତ । ଏହି ବର୍ଷା ଯୋଗୁଁ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକ ମଧ୍ୟରେ ଗଜପତି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଓ ରାୟଗଡ଼ା ମଧ୍ୟ ଅତ୍ୟଧିକ ପ୍ରଭାବିତ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ ।

ସେ ମଧ୍ୟ କହିଥିଲେ ଯେ ଗତ ଦୁଇମାସ ତଳେ ବନ୍ୟାରେ ରାଜ୍ୟରେ ୨୬ଟି ଜିଲ୍ଲାରେ ୩୭ ଲକ୍ଷ ୪୪ ହଜାର ଲୋକ ପ୍ରଭାବିତ ହୋଇଥିଲେ ଏବଂ ଚାଷଜମି ନଷ୍ଟ ହୋଇଥିବାରୁ ୨ ଲକ୍ଷ ୧୨ ହଜାର ହେକ୍ଟର ଜମିରେ ଫସଲ ନଷ୍ଟ ହୋଇଥିଲା । ଗତ ସେପ୍ଟେମ୍ବର ୨୩ (୨୦୨୬)ର ବନ୍ୟା ପରିସ୍ଥିତି ସଂକ୍ରାନ୍ତୀୟ ରିପୋର୍ଟକୁ ଭିତ୍ତି କରି ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀ ବିଧାନସଭାରେ ଗତ ସେପ୍ଟେମ୍ବର ୨୪ (୨୦୨୬)ରେ ପ୍ରକାଶ କରିଥିଲେ ଯେ ରାଜ୍ୟବାସୀଙ୍କର ୧୮, ୦୬୭ଟି ଘର ଏହି ବନ୍ୟାରେ ଭାଙ୍ଗି ଯାଇଥିଲା । ୯୩ ଗୋଟି ଗୃହପାଳିତ ପଶୁ ଏଥି ଯୋଗୁଁ ପ୍ରାଣ ହରାଇଥିଲେ । ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ରାଜ୍ୟର ବନ୍ୟା ପରିସ୍ଥିତି ସଂକ୍ରାନ୍ତରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ଉତ୍ତର ରଖିଥିବାବେଳେ ପ୍ରକାଶ କରିଥିଲେ ଯେ ଗତ ବନ୍ୟାରେ ଯାଜପୁର ଜିଲ୍ଲାର ସର୍ବାଧିକ ୧୩ ଲକ୍ଷ ୨୪ ହଜାର ଲୋକେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏହା ତଳକୁ ଭଦ୍ରକ ଜିଲ୍ଲାରେ ୮ ଲକ୍ଷ ୩ ହଜାର ଓ ତା' ତଳକୁ ବାଲେଶ୍ୱର ଜିଲ୍ଲାରେ ୬ ଲକ୍ଷ ୪୭ ହଜାର ଓ କେନ୍ଦ୍ରାପଡା ଜିଲ୍ଲାରେ ତା'ଠାରୁ କମ୍ ୫ ଲକ୍ଷ ୭ ହଜାର ଲୋକେ କ୍ଷତିଗ୍ରସ୍ତ ହୋଇଥିଲେ ।

ଅବଶ୍ୟ ଗଭୀର ଅବପାତ ବଙ୍ଗୋପସାଗରରେ ସୃଷ୍ଟି ହୋଇ ଗତ ୨୩ ତାରିଖରେ ଆନ୍ଧ୍ରପ୍ରଦେଶର କଳିଙ୍ଗପଟନମ ସ୍ପର୍ଶ କରିଥିଲା ଏବଂ ଓଡ଼ିଶା ଆଡକୁ ମୁହାଁଇ ନଥିଲେ ମଧ୍ୟ ଦକ୍ଷିଣ ଓଡ଼ିଶାସମେତ ଉପକୂଳ ଓଡ଼ିଶାରେ ପ୍ରବଳ ବେଗରେ ପବନ ବୋହି ଜୋରରେ ବୃଷ୍ଟିପାତ ହୋଇଥିଲା । ତେଣୁ ଅଧିକାଂଶ ସ୍ଥାନରେ ଘରଦ୍ୱାର, ଗଛବୃକ୍ଷ, ରାସ୍ତାଘାଟ ଓ ପୋଲ ଭାଙ୍ଗିଯିବାଦ୍ୱାରା ଲୋକଙ୍କ ଜୀବନଯାତ୍ରା ବ୍ୟାହତ ହୋଇଛି । ଏପରି ବିପତ୍ତି ସମୟରେ ରାଜ୍ୟବାସୀ ଓ ସରକାର ମିଳିମିଶି ପରିସ୍ଥିତିର ମୁକାବିଲା କରି ପାରିଲେ ସ୍ୱାଭାବିକ ଅବସ୍ଥା ଶୀଘ୍ର ଫେରି ଆସିବ ବୋଲି ଆଶା କରାଯାଉଛି ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ବିଶ୍ୱ ଉଷ୍ମତା ବୃଦ୍ଧି ବିରୋଧରେ ଆମର ସଂଗ୍ରାମ-୨



ଡକ୍ଟର ଅରୁଣ କୁମାର ରଥ

୨୦୦୭ ମସିହାର ନୋବେଲ ଶାନ୍ତି ପୁରସ୍କାର ଜାତିସଂଘ ପ୍ରଯୋଜିତ ଆନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ପ୍ୟାନେଲ୍ (ଆଇ ପି ସି ସି ) ଏବଂ ଆଲୋଗରଙ୍କୁ ଯୁଗ୍ମ ଭାବରେ ପ୍ରଦାନ କରାଯାଇଥିଲା । ଗ୍ରୀନ ହାଉସ ଗ୍ୟାସଗୁଡ଼ିକ ପୃଥିବୀର ବାୟୁମଣ୍ଡଳରେ ଉତ୍ତାପକୁ ଅଟକାଇ ରଖି ଗ୍ରୀନହାଉସ ପ୍ରଭାବକୁ ଅଧିକ ତୀବ୍ର କରିଥାଏ, ଯାହାଫଳରେ ବିଶ୍ୱତାପନରେ ବୃଦ୍ଧି ହୁଏ । ସେଥିପାଇଁ ଆନ୍ତଃସରକାରୀ ଜଳବାୟୁ ପରିବର୍ତ୍ତନ ପ୍ୟାନେଲ୍ ଦ୍ୱାରା ୨୦୨୨ ମସିହାର ରିପୋର୍ଟରେ ସତର୍କ କରା ଯାଇଥିଲା ଯେ, ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱର ତାପମାତ୍ରା ୧.୫ ସେଲସିୟସ ସ୍ତରରେ ପହଞ୍ଚିଯିବ ।

**ମାନବଜାତି ପାଇଁ ଲାଲ୍ ସଙ୍କେତ**

ମିଳିତ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଉକ୍ତ ପ୍ୟାନେଲର ରିପୋର୍ଟକୁ ମାନବୀୟ ଦୁଃଖର ଏକ ଜୀବନ୍ତ ମାନଚିତ୍ର ଏବଂ ବିଫଳ ଜଳବାୟୁ ନେତୃତ୍ୱ ବିରୋଧରେ ଏକ କଠୋର ଅଭିଯୋଗପତ୍ର ବୋଲି ଅଭିହିତ କରିଥିଲେ । ସେ ଦୃଢ଼ କଣ୍ଠରେ ଘୋଷଣା କରିଥିଲେ, ଏହା ମାନବଜାତି ପାଇଁ ଏକ ଲାଲ୍ ସଙ୍କେତ ।

୨୦ ସେପ୍ଟେମ୍ବର ୨୦୨୨ରେ ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ, ୟୁନିଲିଭରର ବିଶ୍ୱ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଲାନ୍ ଜୋପ୍ ଚେତାବନୀ ଦେଇଥିଲେ ଯେ, ବଢୁଥିବା ତାପମାତ୍ରା ଯୋଗୁଁ ୨୦୨୬ ସୁଦ୍ଧା ବୈଶ୍ୱିକ କମ୍ପାନୀଗୁଡ଼ିକର ୧.୩ ଟ୍ରିଲିୟନ ଆମେରିକୀୟ ଡଲାରର କ୍ଷତି ହେବ ଏବଂ ୮ କୋଟି ଚାକିରି ସମାପ୍ତ ହେବ । ଏହା ଏକ ଭୟାବହ ସ୍ଥିତି ।

କାର୍ବନ ଡାଇଅକ୍ସାଇଡ୍ (ଅଙ୍ଗାରକାମ୍ଳ ବାଷ୍ପ) ଏବଂ ଅନ୍ୟାନ୍ୟ ଗ୍ରୀନହାଉସ୍ ଗ୍ୟାସ୍ ଯୋଗୁଁ ବିଶ୍ୱତାପନ ସୃଷ୍ଟି ହୋଇଥାଏ । ଶକ୍ତି, ପରିବହନ, ବିମାନ ଚଳାଚଳ, ଶିଳ୍ପ , କୃଷି, ଉତ୍ପାଦନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପରୁ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗତ ହୁଏ । **ଚୀନ୍, ଯୁକ୍ତରାଷ୍ଟ୍ର ଆମେରିକା, ଭାରତ, ୟୁରୋପୀୟ ସଂଘ, ରୁଷିଆ ଏବଂ ଇଣ୍ଡୋନେସିଆ ହେଉଛନ୍ତି ସର୍ବାଧିକ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନକାରୀ ଦେଶ, ଯେଉଁମାନେ ବିଶ୍ୱର ମୋଟ ନିର୍ଗମନର ୭୦ ପ୍ରତିଶତରୁ ଅଧିକ ଅଂଶ ପାଇଁ ଦାୟୀ ।**

**ବିଶ୍ୱତାପନ ବୃଦ୍ଧିର କୁ-ପ୍ରଭାବ**

ବଶ୍ୱ ଜଳବାୟୁ ପରିବର୍ତ୍ତନର ପରିଣାମ ସ୍ୱରୂପ ବନ୍ୟା, ମରୁଡ଼ି ଏବଂ ଜଙ୍ଗଲ ନିଆଁ ପରି ଚରମ ପାଣିପାଗ ପରିସ୍ଥିତି ସୃଷ୍ଟି ହେଉଛି । ସମୁଦ୍ରର ଜଳପତନ ବୃଦ୍ଧି ଯୋଗୁଁ ଉପକୂଳବର୍ତ୍ତୀ ଅଞ୍ଚଳ ବିପଦରେ ପଡୁଛି । ଲୋକମାନଙ୍କର ପାନୀୟ ଜଳ ଓ ଖାଦ୍ୟ ସୁରକ୍ଷା ଗୁରୁତର ଭାବେ ପ୍ରଭାବିତ ହେଉଛି । ମେରୁ ବରଫର ଦ୍ରୁତ ବିଲୟ, ଜୈବ ବିବିଧତା ହ୍ରାସ ଏବଂ ପରିବେଶ ବ୍ୟବସ୍ଥାର ବିନାଶ ଯୋଗୁଁ ବିଶାଳ ଅର୍ଥନୈତିକ ଅସ୍ଥିରତା ଏବଂ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି ହେବା ସୁନିଶ୍ଚିତ । ତେଣୁ ଏହାର ପ୍ରତିକାର ପାଇଁ ତୁରନ୍ତ ଆନ୍ତର୍ଜାତୀୟ ସ୍ତରରେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ।

**ବିଶ୍ୱତାପନର କୁପ୍ରଭାବ ବିଶେଷ କରି ଗରିବ ଦେଶଗୁଡ଼ିକର କୋଟି କୋଟି ଲୋକ, ଆଦିବାସୀ ସମ୍ପ୍ରଦାୟ, ମହିଳା ଏବଂ ଶିଶୁମାନଙ୍କ ଉପରେ ପଡୁଛି । ୧୯୯୫ରୁ ୨୦୨୪ ମଧ୍ୟରେ ଚରମ ପାଣିପାଗ ଘଟଣା ଯୋଗୁଁ ୮ ଲକ୍ଷ ୩୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ପ୍ରାୟ ୪.୫ ଟ୍ରିଲିୟନ୍ ଆମେରିକୀୟ ଡଲାରର ଅର୍ଥନୈତିକ କ୍ଷତି ହୋଇଛି ।**

ବିଶ୍ୱତାପନର କୁପ୍ରଭାବ ବିଶେଷ କରି ଗରିବ ଦେଶଗୁଡ଼ିକର କୋଟି କୋଟି ଲୋକ, ଆଦିବାସୀ ସମ୍ପ୍ରଦାୟ, ମହିଳା ଏବଂ ଶିଶୁମାନଙ୍କ ଉପରେ ପଡୁଛି । ୧୯୯୫ରୁ ୨୦୨୪ ମଧ୍ୟରେ ଚରମ ପାଣିପାଗ ଘଟଣା ଯୋଗୁଁ ୮ ଲକ୍ଷ ୩୨ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଛି । ପ୍ରାୟ ୪.୫ ଟ୍ରିଲିୟନ୍ ଆମେରିକୀୟ ଡଲାରର ଅର୍ଥନୈତିକ କ୍ଷତି ହୋଇଛି ।

ସମୁଦ୍ର ଜଳର ଅମ୍ଳୀକରଣ ଏବଂ ତାପମାତ୍ରା ବୃଦ୍ଧି ଯୋଗୁଁ ସମୁଦ୍ର ଗର୍ଭରେ ସ୍ଥିତ ପ୍ରବାଳପୁଞ୍ଜ ଏବଂ ଅନେକ ସଙ୍କଟାପନ୍ନ ପ୍ରଜାତି ନଷ୍ଟ ହୋଇ ଯାଉଛନ୍ତି । ପ୍ରାୟ ୧୦ ଲକ୍ଷ ପ୍ରଜାତି ବିଲୁପ୍ତ ହେବାର ଆଶଙ୍କା ହେଉଛି ।

ସମୁଦ୍ରର ଜଳସ୍ତରରେ ବୃଦ୍ଧି ଯୋଗୁଁ ଫିଜି, ମାଳଦ୍ୱୀପ, ଭାନୁଆଟୁ, ଟୁଭାଲୁ, ସୋଲୋମନ ଦ୍ୱୀପପୁଞ୍ଜ, ସାମୋଆ, ନାଉରୁ, କିରିବାଟିଓ ମାର୍ଶାଲ ଦ୍ୱୀପପୁଞ୍ଜ - ଏହି ନଅଟି ସାର୍ବଭୌମ ରାଷ୍ଟ୍ର ସମୁଦ୍ର ଗର୍ଭରେ ସମ୍ପୂର୍ଣ୍ଣ ଲୀନ ହୋଇ ଯାଇପାରନ୍ତି ।

ବିଶ୍ୱତାପମାନ ବୃଦ୍ଧି ଯୋଗୁଁ ସମୁଦ୍ର ଗର୍ଭରେ ଲୀନ ହେବାର ସଙ୍କଟର ସମ୍ମୁଖୀନ ହେଉଥିବା ବାର୍ବାଡୋସ ( ୱେଷ୍ଟ ଇଣ୍ଡିସ )ର ତତ୍କାଳୀନ ପ୍ରଧାନମନ୍ତ୍ରୀ ମ୍ୟାଡାମ ମିଆ ଆମୋର ମୋଟ୍ଲି ୧ ନଭେମ୍ବର ୨୦୨୧ରେ ଗ୍ଲାସଗୋରେ ଆୟୋଜିତ ବିଶ୍ୱ ଜଳବାୟୁ ଶିଖର ସମ୍ମିଳନୀରେ ଏକ ହୃଦୟସ୍ପର୍ଶୀ ଭାଷଣ ଦେଇ କହିଥିଲେ - କେତେକ ନେତା ଏହା ବିଶ୍ୱାସ କରୁଛନ୍ତି ଯେ ବିଶ୍ୱରେ ସେମାନେ ଏକାକୀ ବଞ୍ଚିପାରିବେ ଏବଂ ସମୃଦ୍ଧି ଲାଭ କରିପାରିବେ ।

ବିଶ୍ୱର ଦୁଇ-ତୃତୀୟାଂଶ ଲୋକ ଯେତେବେଳେ ସଙ୍କଟରେ ରହି ଭୟଙ୍କର ବିପଦର ସମ୍ମୁଖୀନ ହେଉଛନ୍ତି, ସେତେବେଳେ ବିଶ୍ୱର ଏକ-ତୃତୀୟାଂଶ ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ସମ୍ଭବ କି?

**ଉପସଂହାର**

ବିଶ୍ୱ ତାପମାନ ବୃଦ୍ଧିଯୋଗୁଁ ବିଶ୍ୱର ଧନୀ ଓ ଦରିଦ୍ର ରାଷ୍ଟ୍ର ତଥା ସମୃଦ୍ଧ ଉତ୍ତର ଏବଂ ଗରିବ ଦକ୍ଷିଣ ଦେଶମାନଙ୍କ ମଧ୍ୟରେ ଏକ ସଂଘର୍ଷର ପରିସ୍ଥିତି ସୃଷ୍ଟି ହୋଇଛି । ରାଜନୀତି ଏବଂ ସମ୍ବଳ ବଣ୍ଟନକୁ ନେଇ ଦେଶମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି, ଯାହା ବିଶ୍ୱ ଶାନ୍ତି ପାଇଁ ବିପଦ ସୃଷ୍ଟି କରୁଛି ।

ଶିଳ୍ପୋନ୍ନତ ଦେଶମାନେ ଗ୍ରୀନହାଉସ୍ ଗ୍ୟାସ୍ ନିର୍ଗମନ କମାଇବାକୁ ଇଚ୍ଛୁକ ନୁହନ୍ତି ସେହି ଭଳି ଗରିବ ଦେଶମାନଙ୍କ ପାଖରେ ଆଧୁନିକ ସବୁଜ ଅର୍ଥନୀତିକୁ ଗ୍ରହଣ କରି ନ୍ୟାୟସଙ୍ଗତ ପରିବର୍ତ୍ତନ ପାଇଁ ଆବଶ୍ୟକ ସମ୍ବଳ ଅଥବା ପ୍ରଯୁକ୍ତିବିଦ୍ୟା ନାହିଁ । ଏହା ବାସ୍ତବରେ ମାନବ ଜାତି ପାଇଁ ଏକ ପରାଜୟମୁଖୀ ସଂଗ୍ରାମ !

ବିଶ୍ୱ ଶୀତଳୀକରଣ ଲକ୍ଷ୍ୟକୁ ସଫଳ କରିବା ପାଇଁ ବିଶ୍ୱ ସଂପ୍ରଦାୟ ତୁରନ୍ତ ଅଭିନବ ଓ ପ୍ରଭାବକାରୀ ପଦକ୍ଷେପ ଗ୍ରହଣ କରିବା ଅତ୍ୟନ୍ତ ଆବଶ୍ୟକ । ଏଥିପାଇଁ ସମସ୍ତ ସଚେତନ ରାଷ୍ଟ୍ର, ସମାଜସେବୀ ସଂଗଠନ ଏବଂ ଜଳବାୟୁ ରକ୍ଷକମାନେ ସହଯୋଗ କରି ଯୁଦ୍ଧକାଳୀନ ଭିତ୍ତିରେ କାମ କରିବା ଉଚିତ ।

ଭାରତ 'ମିଶନ ମୋଡ଼'ରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ କରିବା ନିମନ୍ତେ ତତ୍ପରତାର ସହିତ କାର୍ଯ୍ୟ କରି ବ୍ୟାପକ ପରିମାଣରେ ସୌର ଶକ୍ତି ଓ ଅନ୍ୟାନ୍ୟ ସବୁଜ ଶକ୍ତି ଉତ୍ପାଦନ କରିବା ସହିତ ପେଟ୍ରୋଲିୟମ ଓ କୋଇଲା ପରି ଜୀବାଶ୍ମ ଇନ୍ଧନର ବ୍ୟବହାରକୁ ସର୍ବନିମ୍ନ ସ୍ତରକୁ ଆଣିବା ଉଚିତ । 'ବିଶ୍ୱଗୁରୁ' ଭାବେ ନେତୃତ୍ୱ ଗ୍ରହଣ କରି ଆଦର୍ଶକାର୍ଯ୍ୟାନୁଷ୍ଠାନ ଦ୍ୱାରା ସଂକଟାପନ୍ନ ଜଳବାୟୁକୁ ରକ୍ଷା କରିବା ଭାରତ ପାଇଁ ଆଜିର ଆହ୍ୱାନ ।

(ଶ୍ରୀ ରଥ ଭାରତୀୟ ପ୍ରଶାସନିକ ସେବାର ଜଣେ ପୂର୍ବତନ ପଦାଧିକାରୀ )
ମୋ-୯୯୧୦୪୩୬୪୩୯

# ପ୍ରକୃତି ଯେବେ ଦାଉ ସାଧେ



ଯଦୁମଣି ପାଣିଗ୍ରାହୀ

ପ୍ରକୃତି ସୁସ୍ଥ, ସୁନ୍ଦର ଓ ସୁରକ୍ଷିତ ରହିଲେ ଯାଇ ଜୀବଜଗତ ସୁରକ୍ଷିତ ରହିବ । ଏହାକୁ ସୁସ୍ଥ, ସୁନ୍ଦର ଓ ସୁରକ୍ଷିତ ରଖିବାର ଦାୟିତ୍ୱ ହେଉଛି ମଣିଷର । ଆଜି କିନ୍ତୁ ମଣିଷର ଅବିବେକୀ ଓ ଅମାନବୀୟ କାର୍ଯ୍ୟକଳାପ ପ୍ରକୃତି ପ୍ରତି ନିରନ୍ତର ବିପଦ ସୃଷ୍ଟି କରି ଚାଲିଛି । ସ୍ୱାର୍ଥପର ଓ ଅହଂକାରୀ ମଣିଷ ଆଜି ନିଜର ସୁଖ ଓ ସୁବିଧା ପାଇଁ ପ୍ରକୃତି ଉପରେ ଅହରହ ଅତ୍ୟାଚାର କରିଚାଲିଛି । ଦିନେ ପ୍ରକୃତିକୁ ପୂଜା କରୁଥିବା ମଣିଷ ଆଜି ପ୍ରକୃତି ଉପରେ ଅସହ୍ୟ ଓ ଅକଥନୀୟ ଅତ୍ୟାଚାର କରୁଛି । ପରିଣାମ ସ୍ୱରୂପ ପ୍ରକୃତି ଆଜି ଜୀବଜଗତ ଉପରେ ଦାଉ ସାଧିବା ଆରମ୍ଭ ହୋଇଛି ।

ପ୍ରକୃତିର ଏହି ଅଶାନ୍ତ ରୂପ ଆଗରେ ଛାର ମଣିଷ ଆଜି ଖୁବ୍ ଅସହାୟ । ଆଜି ସର୍ବତ୍ର ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟ ମାନ ମୁଣ୍ଡ ଟେକି ଉଠିଛି । କେବଳ ଆମ ଓଡ଼ିଶା କି ଭାରତ ନୁହେଁ ବରଂ ସମଗ୍ର ବିଶ୍ୱ ଆଜି ପ୍ରକୃତିର କୋପର ଶିକାର ହେଉଥିବା ଦେଖିବାକୁ ମିଳୁଛି । ପ୍ରକୃତି ପ୍ରତି ମଣିଷର ଅମାନବୀୟ କାର୍ଯ୍ୟ ଓ ଅମର୍ଯ୍ୟାଦାର କୁଫଳ ଆଜି ବିଶ୍ୱବ୍ୟାପୀ ସମସ୍ତ ଜୀବଜଗତକୁ ଭୋଗିବାକୁ ପଡୁଛି । ଜଳବାୟୁର ବଡ଼ ପରିବର୍ତ୍ତନ ଦେଖା ଦେଉଛି । ଋତୁଚକ୍ରରେ ବ୍ୟତିକ୍ରମ ଓ ଅନିୟମିତତା ଦେଖାଯିବା ସହିତ ଋତୁକାଳୀନ ପ୍ରଭାବ ବି ଆଉ ଆଗଭଳି ଅନୁଭୂତ ହେଉନାହିଁ । ଫଳରେ ଚାଷବାସ ଗୁରୁତର ଭାବେ ପ୍ରଭାବିତ ହେବା ସହିତ ବିଭିନ୍ନ ପ୍ରକାର ରୋଗବ୍ୟାଧିର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି ।

ଅତ୍ୟଧିକ ସୌରତାପ କେତେବେଳେ ଅଂଶୁଘାତ ଭଳି ପରିସ୍ଥିତି ସୃଷ୍ଟି କରି ମଣିଷର ଜୀବନହାନିର କାରଣ ସାଜୁଛି ତ କେତେବେଳେ ମାତ୍ରାଧିକ୍ୟ ବର୍ଷା ଓ ବନ୍ୟା ଭଳି ପରିସ୍ଥିତି ସୃଷ୍ଟି ହୋଇ ଜନଜୀବନକୁ ଗୁରୁତର ପ୍ରଭାବିତ କରୁଛି । ପୁଣି ଆଉ କେତେବେଳେ ଲଗାତାର ଭାବେ ବର୍ଷାଭାବ ମରୁଡ଼ି ପରିସ୍ଥିତିକୁ ଆହ୍ୱାନ କରୁଛି । ଆଜି ଆମ ରାଜ୍ୟର ଉପକୂଳ ଅଞ୍ଚଳଗୁଡ଼ିକରେ ବାରମ୍ବାର ଲଘୁଚାପ ସୃଷ୍ଟି ହୋଇ ଝଡବାତ୍ୟାର ରୂପ ନେବା ସହିତ ଅନେକ ଧନଜୀବନ ହାନିର କାରଣ ସାଜୁଛି । କେତେବେଳେ ସୁନାମି ଆସୁଛି ତ କେତେବେଳେ ଭୂମିକମ୍ପ ସୃଷ୍ଟିହୋଇ ଲୋକଙ୍କ ଘରଦ୍ୱାରକୁ ମାଟିରେ ମିଶାଇ ଦେଇଛି । କେତେ କେତେ ମୂଲ୍ୟବାନ ଜୀବନ ଅକାଳରେ ଚାଲିଯାଉଛି ।

କେବେ ଚାଷବାସକୁ ନଷ୍ଟଭ୍ରଷ୍ଟ କରି ଦେଉଛି ତ କେବେ ପୁଣି ଜୀବନ ଜୀବିକାକୁ ଉଜାଡି ଦେଉଛି । କେଉଁଠି କେଉଁଠି ଭୂସ୍ଖଳନ ଘଟି ବନ୍ଧବାଡ ଓ ଜନବସତିକୁ ମାଟିରେ ମିଶାଇ ଦେଇଛି ତ ଆଉପୁଣି କେଉଁଠି ବିଜୁଳି ଓ ବଜ୍ରପାତ ମଣିଷ ଓ ପଶୁପକ୍ଷୀଙ୍କ ଜୀବନ ହାନିର କାରଣ ସାଜୁଛି । ତେବେ ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟକୁ ରୋକିବା ମଣିଷର କଳ୍ପନାର ବାହାରେ ହୋଇଥିବା ବେଳେ କିଛି ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟର ପୂର୍ବାନୁମାନ କରିବା ବି ଆଜି ଯାଏଁ ସମ୍ଭବପର ହୋଇପାରିନାହିଁ ।

ଫଳରେ ଏସବୁ ଲାଗି ପୂର୍ବ ପ୍ରସ୍ତୁତି କରାଯାଇ ପାରୁନି । ସରକାରଙ୍କ ପକ୍ଷରୁ ଯଦିଓ ବିପତ୍ତି ଓ ବିପର୍ଯ୍ୟୟର ମୁକାବିଲା କରିବାକୁ ବିଭିନ୍ନ ପଦକ୍ଷେପ ମାନ ଗ୍ରହଣ କରାଯାଉଛି ମାତ୍ର ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଧରିବାକୁ ପଡିବ । ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟରେ ହେଉଥିବା କ୍ଷୟକ୍ଷତି କିଛି ଅଂଶରେ ଭରଣା କରିବାକୁ ତଥା ଲୋକଙ୍କ ଦୁଃଖ ଦୂର କରିବାକୁ ସରକାର ଯଦିଓ ଆଗେଇ ଆସନ୍ତି ମାତ୍ର ତାହା କେବଳ କିଛି ଦିନ ଲାଗି ଆଶ୍ୱସ୍ତ ହେବା ବ୍ୟତୀତ ଆଉକିଛି ନୁହେଁ । ବିପନ୍ନଙ୍କ ଲାଗି ଏହା କେବଳ ମାତ୍ର ଭରସା ଓ ଆଶ୍ୱାସନାର ବିଷୟ ହୋଇପାରେ କିନ୍ତୁ ଲୋକଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆଣିବାରେ ଯେ ଯଥେଷ୍ଟ ନୁହେଁ ଏକଥା ମାନିବାକୁ ପଡିବ ।

ଏଇ ଦିନ କେଇଟା ପୂର୍ବରୁ ଆମ ପଡ଼ୋଶୀ ଦେଶ ନେପାଳରେ ହୋଇଥିବା ଜଳ ପ୍ରଳୟ ବିଶ୍ୱବାସୀଙ୍କ ଛାତିକୁ ଥରାଇ ଦେଇଛି । ଅଶାନ୍ତ ପ୍ରକୃତି ଯେମିତି ମଣିଷର ସବୁ ଲୋଭ, ମୋହ ଓ ଅହଂକାରକୁ ମାଟିରେ ମିଶାଇ ଦେଇଛି । ଗତ କିଛିଦିନ ପୂର୍ବେ ଓଡ଼ିଶାର ୬ଟି ଉପକୂଳବର୍ତ୍ତୀ ଜିଲ୍ଲାରେ ବନ୍ୟା ତାଣ୍ଡବ ରଚନା କରିଥିଲା । ଏସବୁ ଜିଲ୍ଲାରେ ବନ୍ୟା ଛାଡ଼ି ଯାଇଥିଲା ସତ ହେଲେ ଆଜି ବି ଲୋକଙ୍କ ଦୁଃଖ ଦୁର୍ଦ୍ଦଶା କମି ନାହିଁ । ଲୋକଙ୍କର ଚାଷବାସ ସବୁ ଉଜୁଡ଼ି ଯାଇଛି । ଘରଦ୍ୱାର ସବୁ ଭାଙ୍ଗିଯାଇଛି । ରାସ୍ତାଘାଟ ବି ଧୋଇ ଯାଇଛି । ଲୋକଙ୍କର ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି ।

ଛାତ୍ରଛାତ୍ରୀଙ୍କ ପାଠପଢ଼ା ଗୁରୁତର ପ୍ରଭାବିତ ହୋଇଛି । ଠିକ୍ ସେମିତି ଆସାମ ଓ ବିହାରରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ସେଠାକାର ଜନ ଜୀବନକୁ ଗୁରୁତର ପ୍ରଭାବିତ କରିଛି । ମେରୁଦଣ୍ଡକୁ ଦୋହଲାଇ ଦେଇଥିବା ବେଳେ ବହୁ ଲୋକ ମୃତାହତ ହୋଇଛନ୍ତି । ଘରଦ୍ୱାର ଭାଙ୍ଗିଯିବା ସହିତ ଅନେକ ରାସ୍ତାଘାଟ ନଷ୍ଟ ହୋଇଯାଇଛି । ବନ୍ୟା ପ୍ରଭାବିତ ଅଞ୍ଚଳରେ ବିପନ୍ନ ଲୋକେ ଭୋକଉପାସରେ ଦିନ କାଟୁଥିବା ବେଳେ ଲୋକଙ୍କର ଜୀବନ ଜୀବିକା ଉଜୁଡ଼ି ଯାଇଛି । ଜନଜୀବନ ଗୁରୁତର ପ୍ରଭାବିତ, ଯାହା ସମ୍ପୂର୍ଣ୍ଣ ଭରଣା କରିବା ସରକାରଙ୍କ ପକ୍ଷେ ସମ୍ଭବପର ନୁହେଁ ।

କେବଳ ସେତିକି ନୁହେଁ ବନ୍ୟା ପ୍ରଭାବିତ ଅଞ୍ଚଳ ଗୁଡିକରେ ପିଲାଙ୍କ ପାଠପଢା ବି ଭୀଷଣ ଭାବେ ପ୍ରଭାବିତ ହୋଇଛି । ପ୍ରକୃତି କିଭଳି କୋପ କରିପାରେ ତାହା ଏହି କ୍ରମାଗତ ବର୍ଷା ଓ ବନ୍ୟା ପରିସ୍ଥିତିରୁ ଲୋକେ ବେଶ୍ ବୁଝି ପାରୁଥିବେ । **ସରକାରଙ୍କ ସବୁପ୍ରକାର ସାହାଯ୍ୟ ସତ୍ତ୍ୱେ ପ୍ରଭାବିତ ଲୋକେ ଏତେ ସହଜରେ ଅଣ୍ଟା ସଳଖି ଛିଡ଼ା ହେବା ସହଜ ନୁହେଁ । କେବଳ ଏବେ ନୁହେଁ ବରଂ ଆମ ରାଜ୍ୟରେ ପ୍ରାୟ ପ୍ରତିବର୍ଷ ବନ୍ୟା, ବାତ୍ୟା ଓ ଅଂଶୁଘାତ ଆଦି ପ୍ରାକୃତିକ ବିପତ୍ତି ବଢ଼ିବାରେ ଲାଗିଛି । ସେହିପରି ଆମଦେଶ ଠାରୁ ଆରମ୍ଭ କରି ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ସୁନାମି, ଭୂମିକମ୍ପ ଓ ଭୂସ୍ଖଳନ ଆଦି ପ୍ରାକୃତିକ ବିପର୍ଯ୍ୟୟ ବିଭିନ୍ନ ସମୟରେ ଘଟି ବହୁ ଧନଜୀବନ ହାନି ହେଉଛି । ମଧ୍ୟବିତ୍ତ ଓ ନିମ୍ନ ମଧ୍ୟବିତ୍ତ ପରିବାରଗୁଡ଼ିକର ଆର୍ଥିକ ସ୍ଥିତି ଦୋହଲି ଯାଉଛି ।**

**ଏହିସବୁ ପ୍ରାକୃତିକ ବିପତ୍ତି ଓ ବିପର୍ଯ୍ୟୟ ଯୋଗୁଁ ଚାଷବାସ, ବାଣିଜ୍ୟ ବ୍ୟବସାୟ ପ୍ରଭାବିତ ହେବା ସହିତ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୁର୍ବଳ ହୋଇପଡୁଛି ।** ଏଥି ସହିତ ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ କ୍ଷେତ୍ର ଗୁରୁତର ପ୍ରଭାବିତ ହେଉଛି ।

ଜିନିଷପତ୍ରର ଦରଦାମ୍ ବୃଦ୍ଧି ସହିତ ଲୋକଙ୍କ ଜୀବନ ଜୀବିକା ସଙ୍କଟ ମଧ୍ୟକୁ ଠେଲି ହୋଇ ଯାଉଛି । ଏକଥା ସତ ଯେ ପ୍ରକୃତି ପ୍ରତ୍ୟକ୍ଷ ବା ପରୋକ୍ଷରେ ସଦାସର୍ବଦା ଜୀବଜଗତର ଉପକାର ସାଧନ କରିଥାଏ । ମାତ୍ର ପ୍ରକୃତି ପ୍ରତି ମଣିଷର ଅବିଚାର ତାକୁ କୋପ କରିବାକୁ ଆଜି ବାଧ୍ୟ କରୁଛି । ଆଉ ପ୍ରକୃତିର କୋପ ଆଗରେ କି ମଣିଷ କି ପଶୁପକ୍ଷୀ ସମସ୍ତେ ହାର ମାନିବା ସର ହୋଇଛି ।

ପ୍ରକୃତି ଯେତେବେଳେ ଦାଉ ସାଧେ ସେତେବେଳେ ମଣିଷର ଚାରା ବା କଣ ? ଉପରକୁ ହାତ ଟେକି ଦେବା ବ୍ୟତୀତ ମଣିଷ ପାଖରେ ଅନ୍ୟ କିଛି ଉପାୟ ନଥାଏ । ତେଣୁ ସମୟ ଆସିଛି । ଆମେ ବିକାଶ ନାଁରେ ପ୍ରକୃତିର କ୍ଷତି ହେଲା ଭଳି କିଛି ବି କାର୍ଯ୍ୟ କରିବା ଉଚିତ ନୁହେଁ । ଏତଦ୍ ଭିନ୍ନ ପ୍ରକୃତିକୁ ଆମେ ଭଲ ପାଇଲେ ସିନା ସେ ଆମକୁ ଭଲ ପାଇବ । ତେଣୁ ପ୍ରକୃତିକୁ ସୁସ୍ଥ, ସୁନ୍ଦର ଓ ସୁରକ୍ଷିତ ରଖିବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ ।

ତିହିଡି, ଭଦ୍ରକ,
ମୋ-୯୯୩୭୫୬୫୫୨୭

## ସମ୍ପାଦକଙ୍କୁ ପତ୍ର

### ବାଲେଶ୍ୱରଠାରେ ପ୍ରସ୍ତାବିତ ଟଙ୍କା ଛପା କାଗଜ କଳ

ମହାଶୟ,
ଭାରତୀୟ ରିଜର୍ଭ ବ୍ୟାଙ୍କ ତରଫରୁ ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଚଷାଖଣ୍ଡ ପଞ୍ଚାୟତର ପଦାବଡଗାଁରେ ଏକ ବ୍ୟାଙ୍କ୍ ନୋଟ୍ ପେପର୍ ମିଲ୍ ସ୍ଥାପନା ନେଇ ନିଷ୍ପତ୍ତି ହୋଇଥିଲା । ଏଥିପାଇଁ ୨୦୨୨ ମସିହାରେ ଏଠାରେ ୧୪୦ ଏକର ଜମି ଅଧିଗ୍ରହଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଛି ।

ଜମି ହରାଇଥିବା ସମ୍ପୃକ୍ତ ଜମି ମାଲିକମାନେ କ୍ଷତିପୂରଣ ରାଶି ପାଇ ସାରିଛନ୍ତି । ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୨୫୦୦ କୋଟି ଟଙ୍କା ବ୍ୟୟ ବରାଦ ଥିଲା ।

ଏହି 'ଟଙ୍କା ଛପା କାଗଜ କଳ' ଆରମ୍ଭ ହୋଇଥିଲେ ଏ ଅଞ୍ଚଳରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରନ୍ତା ଓ ବିକାଶ ମଧ୍ୟ ହୋଇ ପାରନ୍ତା ।

ଏହା ବାଦ୍ ରିଜର୍ଭ ବ୍ୟାଙ୍କର 'ଟଙ୍କା ଛପା କାଗଜ କଳ' ପ୍ରତିଷ୍ଠା ହେବା ଦ୍ୱାରା କେବଳ ବାଲେଶ୍ୱର ଜିଲ୍ଲା ନୁହେଁ, ଦେଶରେ ଓଡ଼ିଶାର ମର୍ଯ୍ୟାଦା ବୃଦ୍ଧି ପାଇଥାଆନ୍ତା ।

ସାରା ଦେଶରେ ନାସିକ (ମହାରାଷ୍ଟ୍ର), ଦେୱାସ (ମଧ୍ୟ ପ୍ରଦେଶ), ମହୀଶୂର (କର୍ଣ୍ଣାଟକ) ଓ ଶାଳବଣି (ପଶ୍ଚିମ ବଙ୍ଗ) ଠାରେ ଏହିଭଳି ଚାରିଗୋଟି କାରଖାନା ସ୍ଥାପନ କରାଯାଇଛି । ରିଜର୍ଭ ବ୍ୟାଙ୍କର ତତ୍କାଳୀନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରକଳ୍ପର ଆଧାରଶିଳା ପଡିଥିଲା ।

ତେବେ କେଉଁ କାରଣରୁ ସେହି ପ୍ରକଳ୍ପର କାର୍ଯ୍ୟ ଅନିଶ୍ଚିତତା ମଧ୍ୟରେ ଗତି କରୁଛି, ତାହା ରହସ୍ୟ ଘେରରେ ।

ବର୍ତ୍ତମାନ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ସରକାର ଥିବାରୁ ବାଲେଶ୍ୱର ଠାରେ 'ଟଙ୍କା ଛପା କାଗଜ କଳ' ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବାକୁ ଅନୁରୋଧ ।

ପ୍ରତାପ ନାୟକ
ଏମ୍ ଆଇ ଜି-୭୫, କେ୯ଏକଳିଙ୍ଗ ବିହାର
ଭୁବନେଶ୍ୱର - ୧୯
ମୋ- ୭୭୫୦୮୫୨୮୧୯

ପାଠକମାନେ ନିଜ ନିଜର ସୁଚିନ୍ତିତ ମତାମତ, ଏହି ପୃଷ୍ଠାରେ ଦିଆଯାଇଥିବା ଇ-ମେଲରେ ପଠାଇ ପାରିବେ । ଏହି ସ୍ତମ୍ଭରେ ସ୍ଥାନିତ ହେଉଥିବା ସମସ୍ତ ମତାମତ, ତଥ୍ୟ ଆଦି ପାଠକମାନଙ୍କର ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

## ଜ୍ଞାନେଶ କୁମାର ବହିଷ୍କାର ଦାବିରେ କଂଗ୍ରେସର ବିଶାଳ ରାଲି

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,(ସବ୍ୟୁ): ତିନି ବର୍ଷ ହେଲା ରାହୁଲ ଗାନ୍ଧି କହିଆସୁଛନ୍ତି "ଭୋଟ ଚୋରି' ହେଉଛି । ତାଙ୍କର ଅଭିଯୋଗ ସତ ପ୍ରମାଣିତ ହୋଇଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି । ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ଶୁକ୍ରବାର ମଧ୍ୟାହ୍ନରେ ଏଡିଏମ କାର୍ଯ୍ୟାଳୟଠାରୁ ଏକ ବିଶାଳ ରାଲିର ନେତୃତ୍ୱ ନେଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା । ଧାରଣାସ୍ଥଳରେ ଅସୁସ୍ଥ ହୋଇପଡ଼ିଥିଲେ ପିସିସି ସଭାପତି ଶ୍ରୀ ଦାସ । ତୁରନ୍ତ ତାଙ୍କୁ ଏକ ଘରୋଇ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ।

ଶ୍ରୀ ଦାସ ଗଣମାଧ୍ୟମ ଆଗରେ କହିଛନ୍ତି, ଗତ ୧୦ ମାସ ମଧ୍ୟରେ ଦୁଇ ନିର୍ବାଚନ ଆୟୁକ୍ତ ସୁଖବୀର ସାନ୍ଧୁ ଓ ବିବେକ ଯୋଶୀ ୧୪ ଥର ଆୟୋଗର ବିଭିନ୍ନ ନିଷ୍ପତ୍ତିରେ ଆପତ୍ତି ଉଠାଇଥିଲେ ମଧ୍ୟ ଅଗଣତାନ୍ତ୍ରିକ ପ୍ରକ୍ରିୟାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ସେମାନଙ୍କୁ ଆଡ଼େଇ ଯାଇ ନିଜ ଇଚ୍ଛା ଅନୁସାରେ ନିଷ୍ପତ୍ତି ନେଇଚାଲିଛନ୍ତି ବୋଲି ସ୍ପଷ୍ଟ ହୋଇଛି । ନିର୍ବାଚନ କମିଶନଙ୍କ ଦୁଇଜଣ ସଦସ୍ୟ ଏହାର ମୁଖ୍ୟଙ୍କ ବିରୋଧରେ ଏପରି ସଂଗୀନ ଅଭିଯୋଗ ଆଣିବା ପୂରା ବ୍ୟବସ୍ଥା କଳୁଷିତ ହୋଇଥିବା ପ୍ରମାଣ କରୁଛି । କିନ୍ତୁ ମୁଖ୍ୟ ନିର୍ବାଚନ ଆୟୁକ୍ତ ଅଣଦେଖା କରି ଏକତରଫା ନିର୍ଦ୍ଦେଶନାମା ପ୍ରକାଶ କରିଛନ୍ତି । ଏମିତି ବି ହୋଇଛି, ଆୟୋଗର କିଛି ଗୁରୁତ୍ୱପୂର୍ଣ୍ଣ ମଡ୍ୟୁଲ, ବିବରଣୀ, ନିଷ୍ପତ୍ତି ଆଦି ସେହି ଦୁଇଜଣ ଆୟୁକ୍ତ ସକାଳୁ ଗଣମାଧ୍ୟମରୁ ପଢ଼ିବାକୁ ପାଇଛନ୍ତି । ଉଭୟଙ୍କୁ ସେସବୁରୁ ପୂରା ଅନ୍ଧକାରରେ ରଖାଯାଇଥିବା ସ୍ପଷ୍ଟ ହୋଇଛି । ଏହି ବିଶାଳ କାର୍ଯ୍ୟକ୍ରମ ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ସେଠାରେ ଶ୍ରୀ ଦାସ ଓ କଂଗ୍ରେସର ଅନ୍ୟ ନେତୃବୃନ୍ଦଙ୍କୁ ଗିରଫ କରାଯାଇଥିଲା । ପରେ ଶ୍ରୀ ଦାସଙ୍କ ନେତୃତ୍ୱରେ ଲୋୟର ପିଏମଜିରେ ପିସିସି ପକ୍ଷରୁ ଗଣଧାରଣା ଆରମ୍ଭ ହୋଇଥିଲା । ଜ୍ଞାନେଶ ବିଦା ନ ହେବାଯାଏ ଏହି ସତ୍ୟାଗ୍ରହ ଚାଲିବ ବୋଲି ସୂଚନା ଦିଆଯାଇଛି ।

ପୋଲିସ ପକ୍ଷରୁ ଓପିସିସି ସଭାପତି ଶ୍ରୀ ଦାସଙ୍କ ସମେତ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସୁରେଶ ରାଉତରାୟ, ପ୍ରକାଶ ଜେନା, ମାନସ ଆଚାର୍ଯ୍ୟ, ଶୁଭେନ୍ଦୁ ମହାନ୍ତି, ରଞ୍ଜିତ ପାତ୍ର, ବିଭୁତି ଭୂଷଣ ମହାପାତ୍ର, କିଶୋର ଜେନା, ରାଜୀବ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ଦୀକ୍ଷିତ, ବିଶ୍ୱଜିତ ଦାସ, ପ୍ରଦୀପ୍ତ ଦାସ, ଶିଳ୍ପୀ ହରିଚନ୍ଦନ, ଶ୍ରୀୟା ପଣ୍ଡା ବନମାଳୀ ଦାସ ପ୍ରମୁଖଙ୍କୁ ପୋଲିସ ଗିରଫ କରିଥିଲା । ଘେରାଓ କାର୍ଯ୍ୟକ୍ରମରେ ପୂର୍ବତନ ଓପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସହ ପୂର୍ବତନ ସାଂସଦ ଅନନ୍ତ ସେଠୀ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ନକୁଳ ନାଏକ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ବିଧାୟକ ତାରାପ୍ରସାଦ ବାହିନୀପତି, ସିଏସ ରାଜନ ଏକ୍କା, ଅଶୋକ ଦାସ, ଓପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଦେବାଶିଷ ପଟ୍ଟନାୟକ, ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ଶିବାନନ୍ଦ ରାୟ, ବିଶ୍ୱରଞ୍ଜନ ମହାନ୍ତି, ଜୟଶ୍ରୀ ପାତ୍ର, ରଜନୀ ମହାନ୍ତି, ତଥା ହଜାର ହଜାର କଂଗ୍ରେସ କର୍ମକର୍ତ୍ତା ଯୋଗଦେଇଥିଲେ ।



### ଅସୁସ୍ଥ ହେଲେ ପିସିସି ସଭାପତି

## ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ 'ସ୍ୱଚ୍ଛତା ହିଁ ସେବା ଅଭିଯାନ

ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ୍ ରେଳ ମଣ୍ଡଳ ପକ୍ଷରୁ ବିଭିନ୍ନ ରେଳ ଷ୍ଟେସନ, ରେଳଗାଡ଼ି, ରେଳବାଇ କଲୋନୀ ଓ କାର୍ଯ୍ୟାଳୟ ଗୁଡ଼ିକରେ ଏକ ସମନ୍ୱିତ ସ୍ୱଚ୍ଛତା, ସୌନ୍ଦର୍ଯ୍ୟକରଣ ଓ ଜନଭାଗୀଦାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନକୁ ଅଧିକ ବ୍ୟାପକ କରାଯାଇଛି। ଅଭିଯାନର ପ୍ରଥମ ଦୁଇ ଦିନ ସ୍ୱଚ୍ଛତା ଲକ୍ଷ୍ୟ କେନ୍ଦ୍ର ଏବଂ ଆବର୍ଜନା ଜମା ହେଉଥିବା ସମ୍ବେଦନଶୀଳ ସ୍ଥାନଗୁଡ଼ିକର ରୂପାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। କଟକ, ପୁରୀ, ଯାଜପୁର କେନ୍ଦୁଝର ରୋଡ୍ , ବାଲୁଗାଁ ସମେତ ଅନ୍ୟାନ୍ୟ ପ୍ରମୁଖ ସ୍ଥାନରେ ଷ୍ଟେସନର ପ୍ରବେଶପଥ, ରେଳଧାରଣା, ୟାର୍ଡ, ଷ୍ଟେସନ ପରିସର, ନାଳ ଓ ରେଳବାଇ କଲୋନୀର ବିଭିନ୍ନ ସ୍ଥାନରେ ବ୍ୟାପକ ସଫେଇ କାର୍ଯ୍ୟ କରାଯାଇଥିଲା।ଏହା ସହିତ ରେଳ ଅଧିକାରୀମାନେ ଚଳାଚଳ କରୁଥିବା ଏକ୍ସପ୍ରେସ୍ ରେଳଗାଡ଼ି ଗୁଡ଼ିକରେ ସ୍ୱଚ୍ଛତା ଯାଞ୍ଚ କରିଥିଲେ। ଶୌଚାଳୟର ପରିଚ୍ଛନ୍ନତା, ଆସନର ସଫାସୁତୁରା, ବେଡ୍‌ସିଟ୍‌ର ସ୍ୱଚ୍ଛତା ଏବଂ ପ୍ୟାଣ୍ଟ୍ରି କାର୍‌ରେ ଖାଦ୍ୟ ପ୍ରସ୍ତୁତି ସ୍ଥାନଗୁଡ଼ିକର ପରିଚ୍ଛନ୍ନତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା।ବିଶେଷ କରି ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ବର୍ଜନ କରିବା ପାଇଁ ଯାତ୍ରୀମାନଙ୍କୁ ସଚେତନ କରାଯାଇଥିଲା। ଖୋର୍ଦ୍ଧାରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଭିତ୍ତିଭୂମି) ରାଜଧାରୀ ଯାଦବ, ବରିଷ୍ଠ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର ସମ୍ବିଦ ମହାପାତ୍ର ଏବଂ ସହକାରୀ ମଣ୍ଡଳ ଯାନ୍ତ୍ରିକ ଇଞ୍ଜିନିୟର ଜସବୀର ସିଂହଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଯାନ୍ତ୍ରିକ ଇଞ୍ଜିନିୟରିଂ ବିଭାଗର ପରିବେଶ ଓ ହାଉସ୍‌କିପିଂ ପରିଚାଳନା ଶାଖା ପକ୍ଷରୁ ଏହି ଛଅ ଦିନିଆ ଅଭିଯାନ ସଫଳତାର ସହ ସମ୍ପାଦିତ ହୋଇଥିଲା।

## ପାର୍ବଣରେ ଟାଟା ଷ୍ଟାରବକ୍ସ ଆଣୁଛି ସ୍ୱତନ୍ତ୍ର ମେନୁ

ଭୁବନେଶ୍ୱର,(ସବ୍ୟୁ):ଟାଟା ଷ୍ଟାରବକ୍ସ ଆଗାମୀ ପାର୍ବଣ ଋତୁରେ ପୂର୍ବ ଭାରତର ସମୃଦ୍ଧ ଖାଦ୍ୟ ପରମ୍ପରାକୁ ଆଧାରକରି ଏକ ସ୍ୱତନ୍ତ୍ର ସୀମିତ ସଂସ୍କରଣ ମେନୁ "ଆମାର୍ ପୁଜୋ, ଆମାର୍ ଷ୍ଟାରବକ୍ସ' ପୁଣି ଆଣିଛି । ଏହି ପାର୍ବଣ ମେନୁଟି ଅଂଚଳର ଲୋକପ୍ରିୟ ସ୍ୱାଦ ଏବଂ ଷ୍ଟାରବକ୍ସର ଖାସ୍ ଅନୁଭୂତିକୁ ଏକାଠି କରିଥାଏ । ଟାଟା ଷ୍ଟାରବକ୍ସର ପ୍ରଡକ୍ଟ ଏବଂ ମାର୍କେଟିଂ ମୁଖ୍ୟ ମିତାଲି ମାହେଶ୍ୱରୀ କହିଛନ୍ତି, ପୂର୍ବ ଭାରତରେ ସବୁଠାରୁ ଆଡମ୍ବରଭାବେ ଦୁର୍ଗାପୂଜାକୁ ପାଳନ କରାଯାଏ । ଏହି ସ୍ୱତନ୍ତ୍ର ପାର୍ବଣ ମେନୁଟି ୨୬ ସେପେଟମ୍ବରରୁ ୨୧ ଅକେଟାବର ପର୍ଯ୍ୟନ୍ତ କୋଲକାତା, ଗୁଆହାଟୀ, ଶିଲିଗୁଡ଼ି, ଭୁବନେଶ୍ୱର, ଜାମସେଦପୁର, ପାଟନା, ରାଞ୍ଚି ଏବଂ ଗ୍ୟାଙ୍ଗଟକର ର୍ନିଦ୍ଦିଷ୍ଟ ଷ୍ଟାରବକ୍ସ ଷ୍ଟୋରଗୁଡ଼ିକରେ ଉପଲବ୍ଧ ହେବ ।

## ଆଇଆଇଏମ୍‌ସି ଛାତ୍ରଛାତ୍ରୀଙ୍କ ବିଧାନସଭାର କାର୍ଯ୍ୟକ୍ରମ ପରିଦର୍ଶନ

ଭୁବନେଶ୍ୱର, (ସବ୍ୟୁ):ଭାରତୀୟ ଗଣଯୋଗାଯୋଗ ପ୍ରତିଷ୍ଠାନ (ଆଇଆଇଏମସି), ଢେଙ୍କାନାଳର ପୂର୍ବାଞ୍ଚଳ କ୍ୟାମ୍ପସରୁ ଇଂରାଜୀ ସାମ୍ବାଦିକତା, ଓଡ଼ିଆ ସାମ୍ବାଦିକତା ଏବଂ ଗଣମାଧ୍ୟମ ଓ ଯୋଗାଯୋଗ ପରିଚାଳନା ବିଭାଗର ଛାତ୍ରଛାତ୍ରୀମାନେ ଶୁକ୍ରବାର ଦିନ ଓଡ଼ିଶା ବିଧାନସଭା ପରିଦର୍ଶନ କରିବା ସହ ଗୃହର କାର୍ଯ୍ୟକ୍ରମ ଦେଖିବାର ସୁଯୋଗ ପାଇଥିଲେ । ଅଧ୍ୟାପକମାନଙ୍କ ସହ ଆସିଥିବା ଏହି ଛାତ୍ରଛାତ୍ରୀମାନେ ରାଜ୍ୟ ବିଧାନମଣ୍ଡଳର କାର୍ଯ୍ୟଶୈଳୀ ସମ୍ପର୍କରେ ପ୍ରତ୍ୟକ୍ଷ ଅନୁଭୂତି ଲାଭ କରିବା ସହ ବିଧାନସଭା କାର୍ଯ୍ୟକ୍ରମ ପରିଚାଳନା ପ୍ରକ୍ରିୟାକୁ ବୁଝିବାର ସୁଯୋଗ ପାଇଥିଲେ ।ଏହି ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ଏବଂ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କ ସମେତ ବିଧାନସଭାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ଭେଟି ଆଲୋଚନା କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ବିଧାନସଭା କାର୍ଯ୍ୟକ୍ରମ ପରିଚାଳନା ଓ ବିଭିନ୍ନ ପଦାଧିକାରୀଙ୍କ ଭୂମିକା ସମେତ ଆଇନ ପ୍ରଣୟନ ପ୍ରକ୍ରିୟାର ବିଭିନ୍ନ ଦିଗ, କାର୍ଯ୍ୟଶୈଳୀ ଓ ନିୟମାବଳୀ ସମ୍ପର୍କରେ ଅବଗତ କରାଯାଇଥିଲା । ଏହି ଆଲୋଚନା ମାଧ୍ୟମରେ ଛାତ୍ରଛାତ୍ରୀମାନେ ବିଧାନସଭା ସମ୍ବନ୍ଧୀୟ ରିପୋର୍ଟିଂ, ସଂସଦୀୟ ସାମ୍ବାଦିକତା, ସାର୍ବଜନୀନ ନୀତି ଏବଂ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ଜ୍ଞାନ ଓ ଧାରଣା ଲାଭ କରିଥିଲେ ।



## ପୂର୍ବତଟ ରେଳପଥର ସୌର ଶକ୍ତି ଚାଳିତ ସିସିଟିଭି ନେଟୱର୍କ

# ଆଣିଲା ଅପରାଧ ହ୍ରାସରେ ଉଲ୍ଲେଖନୀୟ ସଫଳତା

ଭୁବନେଶ୍ୱର, (ସବ୍ୟୁ): ରେଳ ସୁରକ୍ଷା ଓ ନିରାପତ୍ତାକୁ ସୁଦୃଢ଼ କରିବା ଦିଗରେ ପୂର୍ବତଟ ରେଳପଥ ପକ୍ଷରୁ ସୌରଚାଳିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା ଉଲ୍ଲେଖନୀୟ ଫଳାଫଳ ପ୍ରଦାନ କରିଛି ।ସୌରଚାଳିତ ସିସିଟିଭି ଦ୍ୱାରା ନିରୀକ୍ଷଣ କରାଯାଉଥିବା ସ୍ଥାନଗୁଡ଼ିକରେ ବିଭିନ୍ନ ଅପରାଧ ଘଟଣାରେ ବ୍ୟାପକ ହ୍ରାସ ପରିଲକ୍ଷିତ ହୋଇଛି। କ୍ୟାମେରା ସ୍ଥାପନ ପୂର୍ବରୁ ଜାନୁଆରୀରୁ ଅଗଷ୍ଟ ୨୦୨୫ ଏବଂ ସୌର ଶକ୍ତି ଚାଳିତ ସିସିଟିଭି କ୍ୟାମେରା ସ୍ଥାପନ ପରେ ଜାନୁଆରୀରୁ ଅଗଷ୍ଟ ୨୦୨୬ ମଧ୍ୟରେ ଘଟିଥିବା ଅପରାଧିକ ଘଟଣାଗୁଡ଼ିକର ଏକ ତୁଳନାତ୍ମକ ବିଶ୍ଳେଷଣରୁ ଜଣାପଡ଼େ ଯେ ରେଳବାଇ ସହ ଜଡ଼ିତ ବିଭିନ୍ନ ବର୍ଗର ମାମଲାରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ସାମଗ୍ରିକ ଭାବେ, ଏହି ବର୍ଗଗୁଡ଼ିକରେ ରିପୋର୍ଟ ହୋଇଥିବା ମୋଟ ଘଟଣା ସଂଖ୍ୟା ୨୦୨୫ ମସିହା ଜାନୁଆରୀରୁ ଅଗଷ୍ଟ ୨୦୨୫ ମଧ୍ୟରେ ୨୦୦ ମାମଲା ଥିବାବେଳେ ୨୦୨୬ ମସିହାର ସମାନ ଅବଧିରେ ଏହା ହ୍ରାସ ପାଇ ୩୪କୁ ପହଞ୍ଚିଛି, ଅର୍ଥାତ୍ ସୌରଚାଳିତ ସିସିଟିଭି ନିରୀକ୍ଷଣ ହେବା ଦ୍ୱାରା ସେହି ସ୍ଥାନଗୁଡ଼ିକରେ ମୋଟ ମାମଲାର ପ୍ରାୟ ୮୩% ହ୍ରାସ ଘଟିଛି। ସୌରଚାଳିତ ସିସିଟିଭି କ୍ୟାମେରାଗୁଡ଼ିକୁ ଷ୍ଟେସନ ପରିସର, ଲେଭଲ୍ କ୍ରସିଂ, ବ୍ରିଜ, ନିଛାଟିଆ ରେଳ ଧାରଣା, ୟାର୍ଡ ଏବଂ ଅନ୍ୟାନ୍ୟ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ରଣନୀତିକ ଭାବେ ସ୍ଥାପନ କରାଯାଇଛି। ପାରମ୍ପରିକ ବିଦ୍ୟୁତ ଯୋଗାଣ ସୀମିତ କିମ୍ବା ଅନୁପଲବ୍ଧ ଥିବା ଦୁର୍ଗମ ସ୍ଥାନଗୁଡ଼ିକରେ ମଧ୍ୟ ଏହି ବ୍ୟବସ୍ଥା ନିରନ୍ତର ନିରୀକ୍ଷଣ ବ୍ୟବସ୍ଥାକୁ ସୁନିଶ୍ଚିତ କରୁଛି। ରିଅଲ ଟାଇମ୍ ମନିଟରିଂ ଏବଂ ରେକର୍ଡ ହୋଇଥିବା ଫୁଟେଜ୍‌ର ଉପଲବ୍ଧତା ରେଳ ଅଧିକାରୀ ଏବଂ ସୁରକ୍ଷା କର୍ମଚାରୀଙ୍କର ସନ୍ଦେହଜନକ କାର୍ଯ୍ୟକଳାପ ଚିହ୍ନଟ କରିବା, ଘଟଣାର ତୁରନ୍ତ ପ୍ରତିକ୍ରିୟା ଦେବା ଏବଂ ତଦନ୍ତରେ ସହାୟତା କରିବାର କ୍ଷମତାକୁ ମଜବୁତ କରିଛି। କ୍ୟାମେରା ସ୍ଥାପନ ପରେ ରିପୋର୍ଟ ହୋଇଥିବା ସମସ୍ତ ମାମଲା ଚିହ୍ନଟ ହୋଇଥିଲା, ଯାହା ନିରୀକ୍ଷଣ ଆଧାରିତ ମନିଟରିଂର ପ୍ରଭାବଶୀଳତାକୁ ଦର୍ଶାଏ। ଦୁର୍ବଳ ସ୍ଥାନଗୁଡ଼ିକରେ ମନିଟରିଂକୁ ଆହୁରି ମଜବୁତ କରିବା ପାଇଁ ଡ୍ରୋନ ନିରୀକ୍ଷଣକୁ ମଧ୍ୟ ବ୍ୟାକଅପ ଭାବେ ବ୍ୟବହାର କରାଯାଉଛି। ସୌରଚାଳିତ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥାର ଏହି ପଦକ୍ଷେପକୁ ପୂର୍ବ ତଟ ରେଳପଥ ପକ୍ଷରୁ ଏକ ପାଇଲଟ୍ ପ୍ରକଳ୍ପ ଭାବେ ପରିକଳ୍ପନା କରାଯାଇ କାର୍ଯ୍ୟକାରୀ କରାଯାଇଥିଲା, ଯାହା ଭାରତୀୟ ରେଳରେ ଏଭଳି ପ୍ରଥମ ପଦକ୍ଷେପଗୁଡ଼ିକ ମଧ୍ୟରୁ ଅନ୍ୟତମ।

## ହାଇଟେକ୍ ମେଡିକାଲରେ ବିଶ୍ୱ ଫାର୍ମାସୀ ଦିବସ

# ଭଲ ମଣିଷଙ୍କ ଜୀବନ ଓ ଭବିଷ୍ୟତ ନିଶ୍ଚିତ ଉଜ୍ଜଳ : ଡ.ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, (ସବ୍ୟୁ): ହାଇଟେକ୍ ମେଡିକାଲ୍ କଲେଜ ଓ ହସପିଟାଲ ପରିସରରେ, ହାଇଟେକ୍ ଫାର୍ମାସି କଲେଜ୍ ଦ୍ୱାରା ବିଶ୍ୱ ଫାର୍ମାସି ଦିବସ ମହାସମାରୋହରେ ପାଳିତ ହୋଇଛି। ଚଳିତବର୍ଷର ଥିମ୍ ରହିଛି, ସଶକ୍ତ ଫାର୍ମାସି ସୁନିଶ୍ଚିତ ଭବିଷ୍ୟତ ସ୍ୱାସ୍ଥ୍ୟସେବା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ହାଇଟେକ୍ ଗ୍ରୁପର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ, ବିଶ୍ୱ ଫାର୍ମାସି ଦିବସରେ ପ୍ରତ୍ୟକ ଫାର୍ମାସି ଛାତ୍ରଛାତ୍ରୀ ପ୍ରଥମେ ଭଲ ମଣିଷ ହେବାକୁ ସଦା ସର୍ବଦା ଉଦ୍ୟମ କରିବା ଆବଶ୍ୟକ, କାରଣ ଜଣେ ଭଲ ମଣିଷ ହିଁ ଜୀବନରେ ପୂର୍ଣ୍ଣତା ଲାଭ କରିଥାଏ। ନିଜର କର୍ମକୁ ସେବା ମାଧ୍ୟମରେ ଏମିତି କିଛି କରିବା ଆବଶ୍ୟକ ଯାହାକି ପରିବାର ପାଇଁ ଗର୍ବ ଓ ଗୌରବ ଆଣିଦେବ। ସେହିପରି ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଭାରତ ବାୟୋଟେକ୍‌ର ସଭାପତି ଡକ୍ଟର ରଜତ କୁମାର ମହାପାତ୍ର ଆସନ୍ତାଦିନରେ ଫାର୍ମାସି ରେ କ୍ୟାରିୟର କରିବାକୁ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଶ୍ୱ ବଜାର ଖୋଲା ରହିଛି ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ କ୍ୟାପିଟାଲ୍ ହସ୍ପିଟାଲର ଫାର୍ମାସି ବିଭାଗ ମୁଖ୍ୟ ଭାନୁପ୍ରସାଦ ମିଶ୍ର ଯୋଗଦେଇ ନିଜର ଲମ୍ବା କ୍ୟାରିୟରର ଅନୁଭୂତି ବାଣ୍ଟିଥିଲେ। ଫାର୍ମାସି କଲେଜର ୱାର୍କିଂ ଚେୟାରମ୍ୟାନ ତଥା ଟ୍ରଷ୍ଟି ସାବିତ୍ରୀ ପାଣିଗ୍ରାହୀ, ହାଇଟେକ୍ କଲେଜ୍ ଓ ହସପିଟାଲର ମେଡିକାଲ ସୁପରିଟେଣ୍ଡେଣ୍ଟ ତଥା ପ୍ରାଶାସନିକ ନିର୍ଦ୍ଦେଶକ ପ୍ରଫେସର ସୀତାରାମ ମହାପାତ୍ର,ସିଓଓ ଜ୍ୟୋର୍ତିମୟ ପଣ୍ଡା, ମୁଖ୍ୟ ପ୍ରାଶାସନିକ ଅଧିକାରୀ ମାଲକିନ୍ ବେହେରା,ଫାର୍ମାସି କଲେଜ ଅଧ୍ୟକ୍ଷ ଡକ୍ଟର ପ୍ରସନ୍ନ କର, ଉପାଧ୍ୟକ୍ଷ ବବିତା ସାହୁ, ଷ୍ଟୋର ଆଣ୍ଡ ପରଚେଜ୍ ବିଭାଗ ନିର୍ଦ୍ଦେଶକ ଗିରିଶ ପାତ୍ର, ପ୍ରମୁଖ ମଞ୍ଚାସୀନ ଥିଲେ। ଫାର୍ମାସି କଲେଜ୍‌ର ଅଧ୍ୟାପକ ଡକ୍ଟର ନମିତ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଶୁଭମ କୁମାର ଓଝା ଓ ଶୁଭଲକ୍ଷ୍ମୀ ପ୍ରିୟଦର୍ଶିନୀ ମାଝୀ, କାର୍ଯ୍ୟକ୍ରମ ଶେଷରେ ଫାର୍ମାସି ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।




## ରପ୍ତାନୀ ପାଇଁ ଭାରତର ସାହେଦ-କ୍ଲାସ କାଲ୍ ଡ୍ରୋନକୁ ପ୍ରସ୍ତୁତ କରିଛି ଆଇଜି ଡିଫେନ୍ସ

ଭୁବନେଶ୍ୱର, (ସବ୍ୟୁ) : ଗଲ୍ଫ ରାଷ୍ଟ୍ରଗୁଡିକରେ ଭୂରାଜନୈତି ଅସ୍ଥିରତା ବିଶ୍ୱରେ ପ୍ରତିରକ୍ଷା ପ୍ରାଥମିକତାକୁ ନୂଆ ରୂପ ଦେଉଥିବାରୁ ଲଙ୍ଗ-ରେଞ୍ଜ ଅଟୋନୋମସ ଷ୍ଟ୍ରାଇକ୍ ସିଷ୍ଟମଗୁଡିକ ପାଇଁ ଚାହିଦା ବୃଦ୍ଧି ପାଉଛି । ଏହାକୁ ଦୃଷ୍ଟିରେ ରଖି ଆଇଜି ଡିଫେନ୍ସ ଏହାର ଭାରତର ପ୍ରଥମ ସ୍ୱଦେଶୀ ସାହେଦ-କ୍ଲାସ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନ 'କାଲ୍' (କେଏଏଲ)କୁ ଭାରତ ସରକାରଙ୍କ ପ୍ରଯୁଜ୍ୟ ଅନୁମୋଦନ ଅନୁଯାୟୀ ଆନ୍ତର୍ଜାତୀୟ ରପ୍ତାନୀ ସୁଯୋଗ ପାଇଁ ପ୍ରସ୍ତୁତ କରୁଛି । ଭାରତରେ ଡିଜାଇନ ଓ ନିର୍ମାଣ କରାଯାଇଥିବା କାଲ୍ ହେଉଛି ଦେଶର ପ୍ରଥମ ସ୍ୱଦେଶୀ ୧୦୦୦ କିମି-କ୍ଲାସ ଲଙ୍ଗ-ରେଞ୍ଜ ୱାନ-ୱେ ଆଟାକ୍ ଡ୍ରୋନ ଯାହାକୁ ଅଧିକ ରଣନୈତିକ ଲକ୍ଷ୍ୟ ବିରୁଦ୍ଧରେ ଗଭୀର ଅନୁପ୍ରବେଶ ମିଶନଗୁଡିକ ପାଇଁ ନିର୍ମାଣ କରାଯାଇଛି । ଏହି ପ୍ଲାଟଫର୍ମ ଦୀର୍ଘ ସହନଶୀଳତା, ସ୍ୱୟଂଚାଳିତ ନାଭିଗେଶନ ଓ ସଠିକ ଟାର୍ଗେଟିଙ୍ଗକୁ ଏକ ସୁଲଭ ସମାଧାନ ମଧ୍ୟରେ ଏକୀକୃତ କରିଛି ଯାହା ଆଧୁନିକ ଯୁଦ୍ଧକ୍ଷେତ୍ରର ବିକଶିତ ଆବଶ୍ୟକତାକୁ ପୂରଣ କରିଥାଏ ।

## କପିଳାସ ଘଟଣାକୁ ୭୨ ଘଣ୍ଟା ନପୁରୁଣୁ ପୁରୀରେ ପର୍ଯ୍ୟଟକ ଦମ୍ପତିଙ୍କୁ ନିର୍ଯ୍ୟାତନା ପ୍ରସଙ୍ଗ

# ପର୍ଯ୍ୟଟକଙ୍କୁ ସୁରକ୍ଷା ପ୍ରଦାନରେ ରାଜ୍ୟ ସରକାର ବିଫଳ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାର କପିଳାସ ଠାରେ ଜଣେ ଯୁବତୀ ଓ ତାଙ୍କର ଯୁବକ ସାଥୀଙ୍କ ଉପରେ ଅତ୍ୟାଚାର ଘଟଣାକୁ ୭୨ ଘଣ୍ଟା ପୁରି ନଥିବା ବେଳେ, ପୁରୀର ଏକ ରେଷ୍ଟୁରାଣ୍ଟରେ ଏକ ପର୍ଯ୍ୟଟକ ଦମ୍ପତିଙ୍କୁ ମାଡ଼ ମରାଯିବା ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତିକୁ ପ୍ରଦର୍ଶିତ କରୁଛି ବୋଲି ବିଜୁ ଜନତା ଦଳ କହିଛି । ଗତ ଅଢେଇ ବର୍ଷ ଶାସନରେ ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକ ମାନଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି, ଯେଉଁଥିପାଇଁ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ହ୍ରାସ ପାଉଛି ବୋଲି ବିଜେଡି କହିଛି । ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଗତ ଅଢେଇ ବର୍ଷର ବିଜେପି ଶାସନରେ ନିୟମିତ ବ୍ୟବଧାନରେ ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକ ମାନଙ୍କ ସହିତ ଅଘଟଣ ଘଟି ଚାଲିଛି । ଏହା ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ପ୍ରଦର୍ଶିତ କରିବା ସହିତ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡୁଛି । ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡିକରେ ପର୍ଯ୍ୟଟକ ମାନଙ୍କ ସୁରକ୍ଷାରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗୋପାଳପୁର ବେଳାଭୂମି ଠାରେ ଜଣେ ଯୁବତୀକୁ ଗଣଦୁଷ୍କର୍ମ ଘଟଣାରେ ଓଡିଶାକୁ ସମଗ୍ର ଦେଶରେ ଓ ବିଦେଶରେ ଲଜ୍ଜିତ ଓ ନିନ୍ଦିତ ହେବାକୁ ପଡିଥିଲା । ଗତ ତିନି ଦିନ ଭିତରେ ଏହିପରି ଦୁଇ ଦୁଇଟି ଘଟଣା ଲୋକଲୋଚନକୁ ଆସିଲାଣି । ପ୍ରଥମେ ଢେଙ୍କାନାଳ ଜିଲ୍ଲାର କପିଳାସ ଠାରେ ଜଣେ ଯୁବତୀ ଓ ତାଙ୍କର ଯୁବକ ସାଥୀ ଅକଥନୀୟ ନିର୍ଯ୍ୟାତନାର ଶିକାର ହୋଇଥିଲେ । ଏହାପରେ ପୁରୀ ସହରର ଏକ ରେଷ୍ଟୁରାଣ୍ଟରେ କର୍ଣ୍ଣାଟକରୁ ଆସିଥିବା ଏକ ଦମ୍ପତିଙ୍କ ଉପରେ ମାଡ଼ ମରାଯାଇଥିବା ଅଭିଯୋଗ ଆସିଛି । ତେଣୁ ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ରାଜ୍ୟ ସରକାର ଉପଯୁକ୍ତ ସୁରକ୍ଷା ପ୍ରଦାନ କରନ୍ତୁ ବୋଲି ବିଜେଡି ଦାବି କରୁଛି ।

## ଓଡ଼ିଶା ନାଟ୍ୟ ସଂଘ ପ୍ରତିଷ୍ଠା ଦିବସ ଓ ୫ମ ଜାତୀୟସ୍ତରୀୟ ନାଟକ ମହୋତ୍ସବ

# ନାୟିକା ବାଲେଶ୍ୱର ପ୍ରଯୋଜିତ ନାଟକ ତାରି ଲାଗି ମଞ୍ଚସ୍ଥ

ଭୁବନେଶ୍ୱର(ସବ୍ୟୁ): ଓଡ଼ିଶା ନାଟ୍ୟ ସଂଘର ପ୍ରତିଷ୍ଠା ଦିବସ ଓ ୫ମ ଜାତୀୟସ୍ତରୀୟ ନାଟକ ମହୋତ୍ସବ-୨୦୨୬ ଅବସରରେ ନାୟିକା ବାଲେଶ୍ୱର ଦ୍ୱାରା ପ୍ରଯୋଜିତ ନାଟକ ତାରି ଲାଗି ସଫଳତାର ସହ ମଞ୍ଚସ୍ଥ ହୋଇଯାଇଛି । ଏହି ନାଟକଟି ଜୀବନର ବିଚିତ୍ରତା, ମଣିଷର ମନୋଭାବ ଏବଂ ଭୁଲ୍ ନିଷ୍ପତ୍ତିର ପରିଣାମକୁ ନେଇ ଗତିଶୀଳ ହୋଇଛି । ନାଟକର କାହାଣୀ ବିଳାସବାବୁଙ୍କ ଜୀବନର ଏକ ରବିବାର ଘଟଣାରୁ ଆରମ୍ଭ ହୋଇଛି, ଯେଉଁଠି ମାତ୍ର ଖଣ୍ଡିଏ



କାଗଜ ପାଇଁ ଏକ ବିରାଟ ସଙ୍କଟ ସୃଷ୍ଟି ହୁଏ । ଏହା ତାଙ୍କ ପରିବାର ଓ ସମାଜଠାରୁ ତାଙ୍କୁ ବିଚ୍ଛିନ୍ନ କରିଦିଏ । ନାଟକଟି ପ୍ରତ୍ୟେକ ମଣିଷର ଅସୀମ ଆଶା, ବର୍ତ୍ତମାନକୁ ତୁଚ୍ଛ କରି ଭବିଷ୍ୟତ ପଛରେ ଗୋଡ଼ାଇବାର ଅନ୍ଧ ଆବେଗ ଓ ତାର ପରିଣାମକୁ ନିପୁଣ ଭାବେ ଉପସ୍ଥାପନ କରିଛି ।

ଆଜିର ଅତିଥି ଭାବେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ସତ୍ୟନାରାୟଣ ଆଚାର୍ଯ୍ୟ, ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ତଥା ଉପଦେଷ୍ଟା ଓଡ଼ିଶା ନାଟ୍ୟ ସଂଘ ପ୍ରସନ୍ନ ମିଶ୍ର, ନାଟ୍ୟକାର, ନିର୍ଦ୍ଦେଶକ ତଥା ନାଟ୍ୟ ସଂଘ ଉପଦେଷ୍ଟା ନବୀନ କୁମାର ପରିଡ଼ା ଯୋଗଦାନ କରିଥିଲେ । ବିଶିଷ୍ଟ ନାଟ୍ୟ ସଂଗଠକ ତଥା ନିର୍ଦ୍ଦେଶକଙ୍କୁ ଓଡ଼ିଶା ନାଟ୍ୟ ସଂଘ ସମ୍ମାନରେ ସମ୍ମାନିତ କରାଗଲା । ଆଜି ନାଟକର ନିର୍ଦ୍ଦେଶିକା ସୁସ୍ମିତା ରଣା ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା ।

## ଅଚ୍ୟୁତ ସାମନ୍ତଙ୍କୁ ଏକାଧିକ ଅନ୍ତର୍ଜାତୀୟ ସମ୍ମାନ

# ମିଲିଶାଉଟିର ସମ୍ମାନସୂଚକ ନାଗରିକତା, ବାର୍ଲାଡ୍‌ର 'କି ଟୁ ଦି ସିଟି' ଓ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଏକାଧିକ ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଶ୍ରୀ ସାମନ୍ତଙ୍କ ରୋମାନିଆ ଗସ୍ତ ଅବସରରେ ତାଙ୍କୁ ମିଲିଶାଉଟି ସହରର ସମ୍ମାନସୂଚକ ନାଗରିକତା, ବାର୍ଲାଡ୍ ସହରର 'କି ଟୁ ଦି ସିଟି' ଏବଂ ସିମାନ ଚାମ୍ପିୟନସ ଆୱାର୍ଡସ ୨୦୨୬ରେ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି। ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଜୀବନ ବ୍ୟାପୀ କାର୍ଯ୍ୟ ପାଇଁ ଶ୍ରୀ ସମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ରୋମାନିଆ ଭଳି ଦେଶର ଦୁଇଟି ସହରରୁ ଏଭଳି ବିରଳ ସମ୍ମାନ ପାଇବାରେ ଅଚ୍ୟୁତ ସାମନ୍ତ ହେଉଛନ୍ତି ପ୍ରଥମ ଓଡ଼ିଆ । ଉଭୟ ସହରର ମେୟରମାନଙ୍କଠାରୁ ଶ୍ରୀ ସାମନ୍ତ ଏହି ସମ୍ମାନ ଗ୍ରହଣ କରିଥିବା ବେଳେ ସମ୍ମାନ ପ୍ରଦାନ ସମାରୋହରେ ସହରର କାଉନସିଲ୍ ସଦସ୍ୟ ତଥା ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଓ ରୋମାନିଆରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଡ. ମନୋଜ କୁମାର ମହାପାତ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସମ୍ମାନସୂଚକ ନାଗରିକତା ହେଉଛି ରୋମାନିଆର ଏକ ସହର ଦ୍ୱାରା ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ। ସହର ପରିଷଦର ସଦସ୍ୟମାନେ ମତଦାନ କରି ବିଶ୍ୱର ଯେକୌଣସି ସ୍ଥାନର ଏପରି ଜଣେ ବ୍ୟକ୍ତିଙ୍କ ଜୀବନ ଓ କାର୍ଯ୍ୟକୁ ପ୍ରଶଂସା ଏହି ସମ୍ମାନ ପ୍ରଦାନ କରିଥାନ୍ତି। ଏହି ସମ୍ମାନ ବ୍ୟକ୍ତିଙ୍କୁ ପାସପୋର୍ଟ କିମ୍ବା ଭୋଟ୍ ଦାନ ଅଧିକାର ଦେଉ ନଥିଲେ ମଧ୍ୟ ତା'ଠାରୁ ଅଧିକ ସମ୍ମାନ ପ୍ରଦାନ କରେ। ସେହିପରି 'କି ଟୁ ଦି ସିଟି' ହେଉଛି ୟୁରୋପର ଏକ ପ୍ରାଚୀନ ପରମ୍ପରା। କୁହଯାଏ, ଯେତେବେଳେ ସହରଗୁଡ଼ିକରେ ପ୍ରବେଶ ପାଇଁ ଫାଟକ ରହୁଥିଲା, ସେତେବେଳେ ସେମାନେ ନିଜ ସହରର ଚାବି କେବଳ ଜଣେ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କୁ ହିଁ ଦେଉଥିଲେ। ଶ୍ରୀ ସାମନ୍ତଙ୍କ ପ୍ରତି ସେମାନଙ୍କ ଭଲପାଇବା ଓ ବିଶ୍ୱାସ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଉଭୟ ବାର୍ଲାଡ ଓ ମିଲିସାଉଟି ସହର ଶ୍ରୀ ସାମନ୍ତଙ୍କ ମଧ୍ୟରେ ସେହି ମୂଲ୍ୟବୋଧକୁ ହିଁ ଦେଖି ଏହି ସମ୍ମାନ ପ୍ରଦାନ କରିଛନ୍ତି। ଶ୍ରୀ ସାମନ୍ତଙ୍କୁ ସିମାନ 'ଲିଡର ଅଫ୍ ଦି ଇୟର' ୨୦୨୬ ସମ୍ମାନରେ ମଧ୍ୟ ସମ୍ମାନିତ କରାଯାଇଛି। ଶିକ୍ଷା, ସାମାଜିକ ବିକାଶ, ମାନବୀୟ ସେବା ଓ ପ୍ରତିଷ୍ଠାନ ଗଠନ କ୍ଷେତ୍ରରେ ତାଙ୍କ ଅବଦାନକୁ ଏହି ସମ୍ମାନ ସ୍ୱୀକୃତି ଦେଇଛି । ବୁଖାରେଷ୍ଟରେ ଅନୁଷ୍ଠିତ ୩୪ତମ ସିମାନ ବାର୍ଷିକ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ପୁରସ୍କାର ଗ୍ରହଣ କରିଥିଲେ। ରୋମାନିଆବାସୀଙ୍କ ପ୍ରତି ଗଭୀର କୃତଜ୍ଞତା ଜଣାଇ ଶ୍ରୀ ସାମନ୍ତ କହିଲେ, "ରୋମାନିଆର ମିଲିଶାଉଟିରେ ଯେଉଁ ଆତ୍ମୀୟତା ଓ ଉଷ୍ମତାର ସହ ସ୍ୱାଗତ କରାଯାଇଥିଲା, ତାହା ମୋତେ ଗଭୀର ଭାବେ ଭାବବିହ୍ୱଳ କରିଛି । ଉଭୟ ସହରର ଲୋକଙ୍କଠାରୁ ମିଳିଥିବା ଭଲପାଇବା ଓ ଆତ୍ମୀୟତା ସବୁବେଳେ ମୋ ହୃଦୟର ଅତି ନିକଟରେ ରହିବ ।"





ସେହିପରି ଶିକ୍ଷା, ସାମାଜିକ ବିକାଶ, ମାନବସେବା ଓ ଅନୁଷ୍ଠାନ ଗଠନ କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ପାଇଁ ଶ୍ରୀ ସାମନ୍ତଙ୍କୁ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଛି। ପ୍ରତିବର୍ଷ ସିମାନ ଚାମ୍ପିଅନସିପ ସମ୍ମାନ ପକ୍ଷରୁ ସିମାନ 'ଲିଡର ଅଫ୍ ଦି ଇୟର' ସମ୍ମାନ ପ୍ରଦାନ କରାଯାଇଥାଏ। ଚଳିତବର୍ଷ ଏହି ସମ୍ମାନ ଦେବାକୁ ଶ୍ରୀ ସାମନ୍ତଙ୍କୁ ସିମାନ ପକ୍ଷରୁ ମନୋନୀତ କରାଯାଇଥିଲା। ରୋମାନିଆରରେ ୩୪ତମ ସିମାନ ବାର୍ଷିକ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଶ୍ରୀ ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଏହି ସମ୍ମାନ ଗ୍ରହଣ କରିଥିଲେ। ସିମାନ ହେଉଛି ୧୯୯୩ରେ ସ୍ଲୋଭାନିଆରେ ପ୍ରତିଷ୍ଠିତ ମ୍ୟାନେଜମେଣ୍ଟ ଡେଭେଲପମେଣ୍ଟ ଇନ ଡାଇନାମିକ ସୋସାଇଟିର ଏହି ଆନ୍ତର୍ଜାତିକ ସଂଗଠନ ବିଶ୍ୱର ପ୍ରାୟ ୫୦ଟି ଦେଶର ପ୍ରାୟ ୧୮୦ଟି ସଦସ୍ୟ ଅନୁଷ୍ଠାନ ଏହା ସହ ଜଡ଼ିତ ଅଛନ୍ତି। ଆନ୍ତର୍ଜାତିକ ଚେସ୍ ମହାସଂଘ ଫିଡେ ପକ୍ଷରୁ ଅଚ୍ୟୁତ ସାମନ୍ତଙ୍କୁ 'ଏଡୁକେସନ୍ ଫିଲାନ୍ଥ୍ରପିକ୍ ଆୱାର୍ଡ'ରେ ସମ୍ମାନିତ କରାଯାଇଛି। ଆଜି ଉଜବେକିସ୍ତାନରେ ୪୬ତମ ଫିଡେ ଚେସ୍ ଅଲିମ୍ପିଆଡ୍ ଓ କଂଗ୍ରେସ୍ ଅବସରରେ ଆୟୋଜିତ ଫିଡେର 'ଚେସ୍ ଇନ୍ ଏଡୁକେସନ୍' ସମିଟ୍ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଫିଡେର କାର୍ଯ୍ୟକାରୀ ଅଧ୍ୟକ୍ଷ ବିଶ୍ୱନାଥନ ଆନନ୍ଦ ଏବଂ ଫିଡେ ମ୍ୟାନେଜମେଣ୍ଟ ବୋର୍ଡର ଉପାଧ୍ୟକ୍ଷା ଡାନା ରେଜନିଏସ୍‌କେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ଶ୍ରୀ ସାମନ୍ତଙ୍କ ଅନୁପସ୍ଥିତିରେ ତାଙ୍କ ପ୍ରତିନିଧି ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହି ଅବସରରେ ୧୨୦ଟି ଦେଶର ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷା କ୍ଷେତ୍ରରେ ଚେସ୍‌ର ପ୍ରସାର ଓ 'ଚେସ୍ ଇନ୍ ଏଡୁକେସନ୍' ପଦକ୍ଷେପକୁ ବ୍ୟାପକ କରିବା ପାଇଁ ଫିଡେ, କିଟ୍ ଓ କିସ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କୋସୋଭୋ ଗଣରାଜ୍ୟର ପ୍ରିଷ୍ଟିନାଠାରେ ଅନୁଷ୍ଠିତ ୪୫ତମ ବିଶ୍ୱ କବି ସମ୍ମିଳନୀ ଅବସରରେ ଶ୍ରୀ ସାମନ୍ତଙ୍କୁ 'ମଦର ଟେରେସା ଆୱାର୍ଡ', ପ୍ରିଷ୍ଟିନା ଏଏବି ୟୁନିଭର୍ସିଟି କଲେଜ ପକ୍ଷରୁ 'ପ୍ରଫେସର ଅନୋରିସ୍ କଜା', 'ସିଟି ଅଫ୍ ପେଜା' ପକ୍ଷରୁ ସ୍ୱୀକୃତି ସମ୍ମାନ ଏବଂ ବିଶ୍ୱ କବି ସମ୍ମିଳନୀର ସଭାପତିଙ୍କ ପଦକ ଭଳି ଚାରିଟି ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ମଣିପୁରର ପୁଣି ଅଶାନ୍ତ ଘୋଷିତ

## ଆଫସା ଆଇନ ବଳବତ୍ତର

**ଇମ୍ଫାଲ:** ମଣିପୁରରେ ପୁଣି ବଳବତ୍ତର ରହିଲା ଆଫସା । ୧୩ଟି ଥାନା ଅଞ୍ଚଳକୁ ଛାଡ଼ି ସମଗ୍ର ରାଜ୍ୟକୁ 'ଅଶାନ୍ତ ଅଞ୍ଚଳ' ଘୋଷଣା କଲା କେନ୍ଦ୍ର ଗୃହ ମନ୍ତ୍ରଣାଳୟ । ମଣିପୁରରେ ଆଇନଶୃଙ୍ଖଳା ଓ ସୁରକ୍ଷା ସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏକ ବଡ଼ ନିଷ୍ପତ୍ତି ନେଇଛି । ସଶସ୍ତ୍ର ବାହିନୀ ବିଶେଷ କ୍ଷମତା ଆଇନ, ୧୯୫୮ର ଧାରା ୩ ଅନୁଯାୟୀ, ୧୩ଟି ନିର୍ଦ୍ଦିଷ୍ଟ ଥାନା ଅଞ୍ଚଳକୁ ବାଦ୍ ଦେଇ ସମଗ୍ର ରାଜ୍ୟକୁ 'ଅଶାନ୍ତ ଅଞ୍ଚଳ' ଭାବେ ଘୋଷଣା କରାଯାଇଛି । ଏହି ନିର୍ଦ୍ଦେଶନାମା ଅକ୍ଟୋବର ୧, ୨୦୨୬ରୁ ଲାଗୁ ହୋଇ ଆଗାମୀ ୬ ମାସ ପର୍ଯ୍ୟନ୍ତ କିମ୍ବା ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଳବତ୍ତର ରହିବ। ରାଜ୍ୟର ସାମ୍ପ୍ରତିକ ସ୍ଥିତି ଏବଂ ଗୁଇନ୍ଦା ରିପୋର୍ଟକୁ ସମୀକ୍ଷା କରିବା ପରେ କେନ୍ଦ୍ର ସରକାର ଅକ୍ଟୋବର ୧ରୁ ଏହି ନିଷ୍ପତ୍ତିକୁ ଲାଗୁ କରିବାକୁ ବିଜ୍ଞପ୍ତି ଜାରି କରିଛନ୍ତି। ଇମ୍ଫାଲ, ସିଙ୍ଗଜାମେଇ, ପାଟସୋଇ, ୱାଙ୍ଗୋଇ, ପୋରୋମପାଟ, ହେଇଙ୍ଗାଙ୍ଗ, ଇରିଲବଙ୍ଗ, ଥୌବାଲ, ବିଷ୍ଣୁପୁର, ନାମବୋଲ ଏବଂ କାକଚିଙ୍ଗ ଭଳି ୧୩ଟି ଥାନା ଅଞ୍ଚଳକୁ ଏହି ବିଜ୍ଞପ୍ତିରୁ ବାଦ୍ ଦିଆଯାଇଛି। ୧୩ଟି ଥାନାକୁ ଛାଡ଼ି ପାହାଡ଼ିଆ ଜିଲ୍ଲା ସମେତ ରାଜ୍ୟର ବାକି ସମସ୍ତ ଅଞ୍ଚଳରେ ସେନା ଓ କେନ୍ଦ୍ରୀୟ ସୁରକ୍ଷା ବଳକୁ ସ୍ୱତନ୍ତ୍ର କ୍ଷମତା ମିଳିବ । ମଣିପୁରରେ ଗତ କିଛି ବର୍ଷ ଧରି ଲାଗିରହିଥିବା ଜାତିଗତ ହିଂସା, ଉତ୍ତେଜନା ଏବଂ ବେଆଇନ ଅସ୍ତ୍ରଶସ୍ତ୍ରର ଚୋରାଚାଲାଣ କାରଣରୁ ସୁରକ୍ଷା ସ୍ଥିତି ଏବେ ମଧ୍ୟ ସମ୍ବେଦନଶୀଳ ରହିଛି । ସ୍ଥିତି ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇନଥିବାରୁ ସେନା ଓ ସୁରକ୍ଷା ବାହିନୀର ହାତକୁ ଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ପୁଣିଥରେ ଏହି କଠୋର ଆଇନକୁ ବଳବତ୍ତର ରଖିଛନ୍ତି। ତେବେ ଶାନ୍ତି ପ୍ରତିଷ୍ଠା ଓ ସାଧାରଣ ନାଗରିକଙ୍କ ସୁରକ୍ଷାକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ସମସ୍ତ ସମ୍ବେଦନଶୀଳ ଅଞ୍ଚଳରେ କଡ଼ା ପଇଁତରା ଜାରି ରହିଛି ।



## ଚାରି ନାଗାଙ୍କୁ ହତ୍ୟା କଲେ କୁକି ବିଦ୍ରୋହୀ

**ଗୁଆହାଟି:** ମଣିପୁରରେ ହିଂସା ଜାରି ରହିଥିବା ବେଳେ ମ୍ୟାମାଁର ସ୍ଥିତ କୁକି ବିଦ୍ରୋହୀମାନେ ସୀମା ପାର୍ ହୋଇ ଆସି ଚାରି ଜଣ ନାଗା ଲୋକଙ୍କୁ ହତ୍ୟା କରିଛନ୍ତି। ଗୁରୁବାର ଅପରାହ୍ଣରେ ମଣିପୁରର କାମଜୋଙ୍ଗ ଜିଲ୍ଲାର ଭାରତ-ମ୍ୟାମାଁର ସୀମା ନିକଟବର୍ତ୍ତୀ ତାଙ୍ଗଖୁଲ ନାଗା ଗ୍ରାମ ପିଲୋଙ୍ଗରେ ଏହି ଆକ୍ରମଣ କରାଯାଇଥିଲା। ତାଙ୍ଗଖୁଲ ନାଗା ଲଙ୍ଗ କାର୍ଯ୍ୟକାରୀ କମିଟି ଘଟଣାର ନିନ୍ଦା କରିଛି ଓ ସୀମାପାର ଆତଙ୍କବାଦ ଏବଂ ହତ୍ୟା ପାଇଁ ସରକାରଙ୍କୁ ଦାୟୀ କରିଛି ।ଶୁକ୍ରବାର ଜାରି ଏକ ବିବୃତିରେ ନାଗା ସଂଗଠନ ଅଭିଯୋଗ କରିଛି ଯେ, ମ୍ୟାମାଁର ଭିତ୍ତିକସଶସ୍ତ୍ର ଗୋଷ୍ଠୀ ପିପୁଲ୍ସ ଡିଫେନ୍ସ ଫୋର୍ସ (ପିଡିଏଫ୍) ଦ୍ୱାରା ସମର୍ଥିତ କୁକି ନ୍ୟାସନାଲ ଆର୍ମି-ବର୍ମା (କେଏନଏ-ବି) ଓ କୁକି ଗୋଷ୍ଠୀର ସଦସ୍ୟମାନେ ଏହି ଆକ୍ରମଣ କରିଛନ୍ତି। ମ୍ୟାମାଁରର ଫାଇଲେନ କୁକି ଗ୍ରାମରୁ ଏକ କୁକି ଗୋଷ୍ଠୀ ନାମ୍ୟା ନଦୀ ପାର ହୋଇ ଆସିଥିଲେ। ସେମାନଙ୍କ ନିକଟରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଥିଲା ଓ ସେମାନେ ପିଲୋଙ୍ଗ ନାଗରିକଙ୍କ ଉପରେ ହିଂସାତ୍ମକ ଆକ୍ରମଣ କରିଥିବା ତାଙ୍ଗଖୁଲ ନାଗା ଲଙ୍ଗ ପକ୍ଷରୁ କୁହାଯାଇଛି ।ଗାଁ ନିକଟରେ ଦୁଇଜଣ ବାସିନ୍ଦାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା, ଅନ୍ୟ ଦୁଇଜଣଙ୍କୁ ବଳପୂର୍ବକ ପାଖ ଫାଇଲେନ ଗ୍ରାମକୁ ନେଇ କୁକି ବିଦ୍ରୋହୀମାନେ ହତ୍ୟା କରିଥିଲେ। ଜଣେ ଖସି ପଳାଇବାରେ ସଫଳ ହୋଇଥିଲେ ଓ ତାଙ୍ଗଖୁଲ ନାଗରିକ ସମାଜ ସଂଗଠନର ଏକ ଦଳ ତାଙ୍କୁ ଉଦ୍ଧାର କରିଥିଲେ।

## ସିକିମରେ ଭୟଙ୍କର ଭୂସ୍ଖଳନ ୩୦ରୁ ଅଧିକ ଘର ପ୍ରଭାବିତ

**ଗାଙ୍ଗଟକ:** ପ୍ରବଳରୁ ଅତି ପ୍ରବଳ ବର୍ଷା ମଧ୍ୟରେ ସିକ୍କିମର ଗ୍ୟାଲସିଂ ଜିଲ୍ଲାର ରିମ୍ବି ଗାଁରେ ଭୟଙ୍କର ଭୂସ୍ଖଳନ ଘଟିଛି। ଗୁରୁବାର, ସେପ୍ଟେମ୍ବର ୨୪ ରାତିରେ ଘଟିଥିବା ଏହି ଭୂସ୍ଖଳନ ଯୋଗୁଁ ଅନେକ ଘର ଓ ସରକାରୀ ଆବାସ କ୍ଷତିଗ୍ରସ୍ତ ହୋଇଛି । ପାହାଡ଼ ଉପରୁ ବହୁ ପରିମାଣର ମାଟି, ପଥର ଓ ଆବର୍ଜନା ତଳକୁ ଖସି ଜନବସତି ଅଞ୍ଚଳକୁ ପ୍ରଭାବିତ କରିଥିଲା । ସ୍ଥାନୀୟ ରିପୋର୍ଟ ଅନୁସାରେ, ଭୂସ୍ଖଳନରେ ୩୦ରୁ ଅଧିକ ଘର ପ୍ରଭାବିତ ହୋଇଛି । ଏଥିରେ କିଛି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ଅନ୍ୟ କେତେକ ଘର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି ।ବିଦ୍ୟୁତ ବିଭାଗର ସରକାରୀ କ୍ୱାର୍ଟର୍ସ ମଧ୍ୟ ଭୂସ୍ଖଳନର ପ୍ରଭାବରେ ଆସିଛି । ତେବେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଏପର୍ଯ୍ୟନ୍ତ କୌଣସି ଜୀବନହାନି କିମ୍ବା ଆହତ ହେବାର ଖବର ମିଳିନାହିଁ । ପରିସ୍ଥିତିକୁ ଦୃଷ୍ଟିରେ ରଖି କିଛି ପରିବାରଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି । ପ୍ରଶାସନ ପକ୍ଷରୁ ରିଲିଫ୍ ଓ ରେସ୍କ୍ୟୁ କାର୍ଯ୍ୟ ଉପରେ ନଜର ରଖାଯାଉଛି । ଏହି ଘଟଣାକୁ ନେଇ ସିକିମ ମୁଖ୍ୟମନ୍ତ୍ରୀ ପ୍ରେମ ସିଂହ ତମାଙ୍ଗ ଚିନ୍ତା ପ୍ରକାଶ କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷାକୁ ସରକାର ସର୍ବୋଚ୍ଚ ପ୍ରାଥମିକତା ଦେଉଥିବା ସେ କହିଛନ୍ତି ।

## ଧର୍ମଘଟ ପୂର୍ବରୁ ବ୍ୟାଙ୍କ ଗ୍ରାହକଙ୍କ ପାଇଁ ମାର୍ଗଦର୍ଶିକା

**ନୂଆଦିଲ୍ଲୀ:** ସେପ୍ଟେମ୍ବର ୨୮ ରୁ ଦେଶରେ ବ୍ୟାଙ୍କ ଧର୍ମଘଟ ଆରମ୍ଭ ହେବାକୁ ଯାଉଛି। ଏହି ଦେଶବ୍ୟାପୀ ଧର୍ମଘଟ ଯୋଗୁଁ ଅନେକ ଆର୍ଥିକ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଏହାକୁ ଦୃଷ୍ଟିରେ ରଖି ଏସବିଆଇ, ଇଣ୍ଡିଆନ୍ ବ୍ୟାଙ୍କ, ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଓ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଗ୍ରାହକଙ୍କ ପାଇଁ ପରାମର୍ଶ ଜାରି କରିଛନ୍ତି ।ବ୍ୟାଙ୍କଗୁଡ଼ିକର ଏହି ଧର୍ମଘଟ ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ଚାଲିବ। ଏହା ପୂର୍ବରୁ ୨୬ ସେପ୍ଟେମ୍ବର ମାସର ଚତୁର୍ଥ ଶନିବାର ହୋଇଥିବାରୁ ବ୍ୟାଙ୍କ ବନ୍ଦ ରହିବ। ସେହିପରି ୨୭ ସେପ୍ଟେମ୍ବର ରବିବାର ହୋଇଥିବାରୁ ବ୍ୟାଙ୍କ ବନ୍ଦ ରହେ। ଏହି କାରଣରୁ ବ୍ୟାଙ୍କିଂ କାର୍ଯ୍ୟରେ ଲଗାତାର ୫ ଦିନର ପ୍ରଭାବ ପଡ଼ିପାରେ ଏବଂ ଆର୍ଥିକ କାର୍ଯ୍ୟ ପାଇଁ ଗ୍ରାହକ ଓ ସଂସ୍ଥାଗୁଡ଼ିକୁ ଅପେକ୍ଷା କରିବାକୁ ପଡ଼ିପାରେ ।ଦେଶର ସର୍ବବୃହତ ସରକାରୀ ବ୍ୟାଙ୍କ ଏସବିଆଇ ମଙ୍ଗଳବାର ଏକ ବିବୃତ୍ତି ଜାରି କରି ଗ୍ରାହକଙ୍କୁ ପରାମର୍ଶ ଦେଇଛି। ଏଥିରେ କୁହାଯାଇଛି ଯେ ଇଣ୍ଟରନେଟ୍ ବ୍ୟାଙ୍କିଂ, ମୋବାଇଲ୍ ଆପ୍ଲିକେସନ୍ ଓ ୟୁପିଆଇ ସେବା ସାଧାରଣ ଭାବେ ଜାରି ରହିବ। ଏସ୍ବିଆଇ କହିଛି ଯେ ବ୍ୟାଙ୍କ କର୍ମଚାରୀଙ୍କ କିଛି ୟୁନିଅନ୍ ୨୮ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ୩ ଦିନିଆ ଧର୍ମଘଟ ଡାକରା ଦେଇଛନ୍ତି। ତେଣୁ ଗ୍ରାହକମାନେ ନିଜର ଜରୁରୀ କାରବାର ପୂର୍ବରୁ ସମ୍ପୂର୍ଣ୍ଣ କରିନିଅନ୍ତୁ। ଏଟିଏମ୍, କଷ୍ଟମର ସର୍ଭିସ୍ ପଏଣ୍ଟ, ୟୋନୋ, ଇଣ୍ଟରନେଟ୍ ଓ ମୋବାଇଲ୍ ବ୍ୟାଙ୍କିଂ, ୟୁପିଆଇ ଏବଂ ଅନ୍ୟ ଡିଜିଟାଲ୍ ଚ୍ୟାନେଲ୍ ପୂର୍ବଭଳି କାର୍ଯ୍ୟ କରିବ। ତେଣୁ ଗ୍ରାହକମାନେ ଏହାର ବ୍ୟବହାର କରିପାରିବେ। ଇଣ୍ଡିଆନ୍ ବ୍ୟାଙ୍କ ମଧ୍ୟ ଗ୍ରାହକଙ୍କୁ ସତର୍କ କରି କହିଛି ଯେ ପ୍ରସ୍ତାବିତ ୨୮ ରୁ ୩୦ ସେପ୍ଟେମ୍ବର ବ୍ୟାଙ୍କ ଧର୍ମଘଟ ଯୋଗୁଁ ବ୍ୟାଙ୍କିଂ ସେବା ପ୍ରଭାବିତ ହୋଇପାରେ। ତେଣୁ ଗ୍ରାହକମାନେ ମୋବାଇଲ୍ ବ୍ୟାଙ୍କିଂ, ଏଟିଏମ୍ ଓ ଡିଜିଟାଲ୍ ଚ୍ୟାନେଲ୍ ବ୍ୟବହାର କରନ୍ତୁ। ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ (ୟୁଏଫ୍ବିୟୁ) ପକ୍ଷରୁ ଏହି ବ୍ୟାଙ୍କ ଧର୍ମଘଟ ଡାକରା ଦିଆଯାଇଛି। ୩ ଦିନିଆ ଦେଶବ୍ୟାପୀ ଧର୍ମଘଟ ମାଧ୍ୟମରେ ବ୍ୟାଙ୍କ ୟୁନିଅନ୍ଗୁଡ଼ିକ ସପ୍ତାହକୁ ୫ ଦିନ କାର୍ଯ୍ୟ ବ୍ୟବସ୍ଥା ଲାଗୁ କରିବା ଏବଂ ପରଫର୍ମାନ୍ସ ଲିଙ୍କଡ୍ ଇନ୍ସେଣ୍ଟିଭ୍ (ପିଏଲ୍ଆଇ) ଯୋଜନା ପ୍ରତ୍ୟାହାର କରିବା ଦାବି କରୁଛନ୍ତି ।କେନ୍ଦ୍ର ସରକାରଙ୍କ ପକ୍ଷରୁ ସଂଶୋଧିତ ପିଏଲ୍ଆଇ ଯୋଜନା ଲାଗୁ କରାଯିବାକୁ ମଧ୍ୟ ବ୍ୟାଙ୍କ କର୍ମଚାରୀମାନେ ବିରୋଧ କରୁଛନ୍ତି। ବ୍ୟାଙ୍କର ବରିଷ୍ଠ ସ୍ତରର ଅଧିକାରୀ ଓ ନିମ୍ନସ୍ତରର କର୍ମଚାରୀଙ୍କ ମଧ୍ୟରେ ପ୍ରୋତ୍ସାହନ ରାଶିକୁ ନେଇ ବଡ଼ ଅସମାନତା ଥିବା ବ୍ୟାଙ୍କ କର୍ମଚାରୀମାନେ ଦାବି କରୁଛନ୍ତି। ବ୍ୟାଙ୍କ କର୍ମଚାରୀଙ୍କ ବିରୋଧ ପରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ୨୦୨୬ ସେପ୍ଟେମ୍ବରରେ ଏହି ସଂଶୋଧିତ ଯୋଜନାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିଛି ।

## ହ୍ୱାଇଟହାଉସରେ ଟ୍ରମ୍ପ-ଜିନପିଙ୍ଗ ଭେଟଘାଟ

# ଏଆଇ ନିୟନ୍ତ୍ରଣ, ତାଇୱାନ୍ ଓ ବାଣିଜ୍ୟ ଚୁକ୍ତି ବୃଦ୍ଧି ଉପରେ ଚର୍ଚ୍ଚା

**ୱାଶିଂଟନ୍:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ମଧ୍ୟରେ ହ୍ୱାଇଟହାଉସରେ ଏକ ଗୁରୁତ୍ୱପୂର୍ଣ୍ଣ ସିଖର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଦ୍ୱିପାକ୍ଷିକ ବୈଠକରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ସୁରକ୍ଷା ଓ ମାନବ ନିୟନ୍ତ୍ରଣ, ତାଇୱାନ୍ ପ୍ରସଙ୍ଗ, ଆମେରିକା-ଇସ୍ରାଏଲ-ଇରାନ୍ ଯୁଦ୍ଧ ଏବଂ ବାଣିଜ୍ୟ ବିବାଦ ଭଳି ଏକାଧିକ ସମ୍ବେଦନଶୀଳ ମୁଦ୍ଦା ଉପରେ ଆଲୋଚନା ହୋଇଛି। ଏଆଇ ପ୍ରଯୁକ୍ତିବିଦ୍ୟାର ବିକାଶ ସର୍ବଦା ମାନବ ନିୟନ୍ତ୍ରଣାଧୀନ ରହିବା ସହ ଜନକଲ୍ୟାଣରେ ବ୍ୟବହୃତ ହେବା ଉଚିତ୍ ବୋଲି ଜିନପିଙ୍ଗ ଗୁରୁତ୍ୱାରୋପ କରିଥିଲେ। ଅପରପକ୍ଷରେ, ଟ୍ରମ୍ପ ଏଆଇ ଉପରେ କଠୋର ନିୟନ୍ତ୍ରଣ ଆବଶ୍ୟକତାକୁ ଏକ ପ୍ରକାର ପ୍ରତ୍ୟାଖ୍ୟାନ କରି ଚୀନ୍ ତୁଳନାରେ ଆମେରିକାର ଆଧିପତ୍ୟ ବଜାୟ ରଖିବା ଉପରେ ଜୋର୍ ଦେଇଥିଲେ।

ଏହି ବୈଠକର ସବୁଠାରୁ ପ୍ରତ୍ୟକ୍ଷ ଫଳାଫଳ ଭାବେ ଦୁଇ ଦେଶ ମଧ୍ୟରେ ଜାରି ରହିଥିବା ବାଣିଜ୍ୟିକ ଯୁଦ୍ଧର ଅସ୍ଥାୟୀ ସ୍ଥଗିତାବେଶ ସମୟସୀମାକୁ ଆସନ୍ତା ଜାନୁଆରୀ ୧୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହାବ୍ୟତୀତ, ତାଇୱାନ୍ ପ୍ରସଙ୍ଗରେ ଚୀନ୍ ତାଇୱାନ୍ ସ୍ୱାଧୀନତାକୁ ବିରୋଧ କରିବାକୁ ଆମେରିକାକୁ ଅନୁରୋଧ କରିଥିବା ବେଳେ, ମିଳିତ ଜାତିସଂଘରେ ଟ୍ରମ୍ପଙ୍କ ଇରାନ୍ ବିରୋଧୀ କଠୋର ଆଭିମୁଖ୍ୟ ତୁଳନାରେ ଜିନପିଙ୍ଗ ଶାନ୍ତି ଆଲୋଚନା ଓ ଯୁଦ୍ଧବିରତି ପାଇଁ ସମର୍ଥନ ଜଣାଇଛନ୍ତି। ଦୁଇ ଦେଶର ସାମରିକ ବାହିନୀ ମଧ୍ୟରେ ନିୟମିତ ଯୋଗାଯୋଗ ରଖିବା ପାଇଁ ସହମତି ହୋଇଛି। ସମ୍ମିଳନୀ ଅବସରରେ ଟ୍ରମ୍ପ ଚୀନ୍ ରାଷ୍ଟ୍ରପତିଙ୍କୁ ଆମେରିକାର ଜାତୀୟ ପ୍ରତୀକ 'ବାଲ୍ଡ ଇଗଲ୍'ର ଏକ ଉପହାର ପ୍ରଦାନ କରିବା ସହ ନିଜର ବ୍ୟକ୍ତିଗତ ବନ୍ଧୁତାକୁ ପ୍ରଶଂସା କରିଥିଲେ। ହ୍ୱାଇଟହାଉସରେ ଆୟୋଜିତ ଭବ୍ୟ ରାଜକୀୟ ରାତ୍ର ଭୋଜନ ଏବଂ ମିଲିଟାରୀ ପରେଡ୍ ମାଧ୍ୟମରେ ସ୍ୱାଗତ କରାଯାଇଥିଲେ ହେଁ, ଏଆଇ ପ୍ରଯୁକ୍ତି, ତାଇୱାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଏବଂ ଶୁଳ୍କ ବିବାଦ ଭଳି ମୂଳ ସମସ୍ୟାଗୁଡ଼ିକର କୌଣସି ସ୍ଥାୟୀ ସମାଧାନ ବାହାରି ପାରିନାହିଁ।



## ହର୍ମୁଜ୍ ଖୋଲିବାକୁ ଆମେରିକାକୁ ଇରାନର '୭ ଦିନିଆ' ପ୍ରସ୍ତାବ

**ନ୍ୟୁୟର୍କ:**ଆମେରିକା ଓ ଇସ୍ରାଏଲ୍ ସହ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବା ଏବଂ ଶାନ୍ତି ଆଲୋଚନା ପାଇଁ ଆମେରିକା ଆଗରେ ଏକ ନୂଆ '୭ ଦିନିଆ' ପ୍ରସ୍ତାବ ରଖିଛି ଇରାନ୍। ଗୁରୁବାର ନ୍ୟୁୟର୍କରେ ଅନୁଷ୍ଠିତ ମିଳିତ ଜାତିସଂଘ ସାଧାରଣ ସଭା ଅବସରରେ ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଏହି ସୂଚନା ଦେଇଛନ୍ତି। ମଧ୍ୟସ୍ଥମାନଙ୍କ ଜରିଆରେ ହ୍ୱାଇଟ୍ ହାଉସକୁ ପଠାଯାଇଥିବା ଏହି ଯୋଜନାରେ କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ ହେଲେ, ମାତ୍ର ସପ୍ତାହକ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ଜଳପଥ ଦେଇ ବାଣିଜ୍ୟିକ ଜାହାଜ ଚଳାଚଳ ସ୍ୱାଭାବିକ କରାଯିବ ଏବଂ ଦୁଇ ଦେଶ ମଧ୍ୟରେ ଅନ୍ତିମ ଚୁକ୍ତି ପାଇଁ ଆଲୋଚନା ଆରମ୍ଭ ହେବ ବୋଲି ସେ କହିଛନ୍ତି। ଇରାନର ଏହି ପ୍ରସ୍ତାବ ପରେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ୍ ପିଛା ୧୦୮ ଡଲାରରୁ ହ୍ରାସ ପାଇ ୧୦୫.୬୯ ଡଲାରରେ ପହଞ୍ଚିଛି। ଇରାନ୍ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରସ୍ତାବ ଗତ ଜୁନ୍ ମାସରେ ଆମେରିକା ଓ ଇରାନ୍ ମଧ୍ୟରେ ହୋଇଥିବା ବୁଝାମଣାପତ୍ର (ଏମ୍ଓୟୁ) ଉପରେ ଆଧାରିତ। ତେବେ ଜୁଲାଇ ପ୍ରାରମ୍ଭରେ ଅନଧିକୃତ ଜଳପଥ ବ୍ୟବହାର କରୁଥିବା ଜାହାଜଗୁଡ଼ିକ ଉପରେ ଇରାନ୍ ଗୁଳିଚାଳନା କରିବା ପରେ ଏହି ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା।



## ସିଇସିଙ୍କ ଇସ୍ତଫା ଦାବିରେ ଅକ୍ଟୋବର ୨ରୁ ସିଜେପିର ଆନ୍ଦୋଳନ

**ନୂଆଦିଲ୍ଲୀ:**ନିର୍ବାଚନ ଆୟୋଗଙ୍କ କାର୍ଯ୍ୟଶୈଳୀ ଓ ଭୋଟର ତାଲିକା ସଂଶୋଧନ (ଏସଆଇଆର୍) ପ୍ରକ୍ରିୟାକୁ ନେଇ ସାରା ଦେଶରେ ବିବାଦ ତୀବ୍ର ହେବାରେ ଲାଗିଛି। ମୁଖ୍ୟ ନିର୍ବାଚନ କମିସନର୍ (ସିଇସି) ଜ୍ଞାନେଶ କୁମାର ସ୍ୱେଚ୍ଛାକୃତ ଭାବେ ଇସ୍ତଫା ନଦେଲେ, ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ମୁମ୍ବାଇରୁ ଦେଶବ୍ୟାପୀ ବୃହତ୍ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି "କକ୍ରୋଚ ଜନତା ପାର୍ଟି" (ସିଜେପି) ଚେତାବନୀ ଦେଇଛି। ଦଳର ଜାତୀୟ ସଂଯୋଜକ ଅଭିଜିତ୍ ଦୀପକେ ସୋସିଆଲ୍ ମିଡିଆ "ଏକ୍ସ" ଜରିଆରେ ଏହି ସୂଚନା ଦେଇଛନ୍ତି ।ସିଜେପି ପକ୍ଷରୁ ସିଇସି ଜ୍ଞାନେଶ କୁମାର ଭୋଟରଙ୍କ ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗ ଆଣି ତାଙ୍କର ତୁରନ୍ତ ଇସ୍ତଫା ଦାବି କରାଯାଇଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଇସ୍ତଫା ନମିଳିଲେ ଦେଶରେ "ଜନ୍ତର ମନ୍ତର ୨.୦" ଭଳି ସ୍ଥିତି ସୃଷ୍ଟି ହେବ ବୋଲି ଦଳ କହିଛି। ଏହାସହ ବିରୋଧୀ ଦଳଗୁଡ଼ିକୁ କଟାକ୍ଷ କରି ଦୀପକେ କହିଛନ୍ତି ଯେ, ନିର୍ବାଚନରେ କାରସାଦି ହେଉଥିବା ଜାଣି ମଧ୍ୟ କେବଳ ନିଜର ଅସ୍ତିତ୍ୱ ବଞ୍ଚାଇବା ପାଇଁ ଅଂଶଗ୍ରହଣ କରିବା ଏକ ଅବୈଧ ପ୍ରକ୍ରିୟାକୁ ସ୍ୱୀକୃତି ଦେବା ସହ ସମାନ।

## ପ.ବଙ୍ଗର 'ଗୁଣ୍ଡା ବିରୋଧୀ' ବିଲ୍ ଫେରାଇଦେଲେ ରାଷ୍ଟ୍ରପତି

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗର 'ଆଣ୍ଟି-ଗୁଣ୍ଡା' ବିଲ୍କୁ ଅନୁମୋଦନ ଦେଇନାହାନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ସେ ବିଲ୍ଟିକୁ ପୁନର୍ବିଚାର ପାଇଁ ଫେରାଇ ଦେଇଛନ୍ତି। ବିଲ୍ର କିଛି ବ୍ୟବସ୍ଥା କେନ୍ଦ୍ରୀୟ ଆଇନ ସହ ବିରୋଧ ସୃଷ୍ଟି କରିପାରେ ବୋଲି କେନ୍ଦ୍ର ପକ୍ଷରୁ ଆପତ୍ତି ଉଠାଯାଇଥିଲା। ବିଶେଷକରି ମାଦକଦ୍ରବ୍ୟ ସମ୍ପର୍କିତ ଏନ୍ଡିପିଏସ୍ ଆଇନ, ୧୯୮୫ର କିଛି ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଥିଲା। କେନ୍ଦ୍ର ସରକାର ରାଷ୍ଟ୍ରପତିଙ୍କୁ ଦେଇଥିବା ନୋଟ୍ରେ କହିଥିଲେ ଯେ ବିଲ୍ରେ 'ଗୁଣ୍ଡା'ର ପରିଭାଷା ମଧ୍ୟରେ ଏନ୍ଡିପିଏସ୍ ଆଇନ ଅଧୀନରେ ଅପରାଧ କରୁଥିବା, ଉଦ୍ୟମ କରୁଥିବା, ସହଯୋଗ କରୁଥିବା, ପ୍ରୋତ୍ସାହନ ଦେଉଥିବା କିମ୍ବା ଅର୍ଥ ଯୋଗାଉଥିବା ବ୍ୟକ୍ତିଙ୍କୁ ସାମିଲ କରାଯାଇଛି। ଏହା ୧୯୮୮ର ପିଆଇଟିଏନ୍ଡିପିଏସ୍ ଆଇନରେ ଥିବା ବ୍ୟବସ୍ଥା ସହ ଓଭରଲାପ୍ କରିପାରେ ବୋଲି କେନ୍ଦ୍ର ଆଶଙ୍କା ପ୍ରକାଶ କରିଥିଲା। ଏହାଦ୍ୱାରା ସମାନ ବିଷୟରେ ଦୁଇଟି ଆଇନଗତ ବ୍ୟବସ୍ଥା ସୃଷ୍ଟି ହେବା ସହ ସମ୍ବିଧାନର ଧାରା ୨୫୪ ଅନୁଯାୟୀ କେନ୍ଦ୍ର ଓ ରାଜ୍ୟ ଆଇନ ମଧ୍ୟରେ ବିରୋଧ ଦେଖା ଦେଇପାରେ। ଏହି କାରଣରୁ ବିଲ୍ର ଧାରା ୨(ଡି) (୩) (ବି) ରୁ ଏନ୍ଡିପିଏସ୍ ଆଇନ ସମ୍ପର୍କିତ ଉଲ୍ଲେଖ ହଟାଇବାକୁ କେନ୍ଦ୍ର ପରାମର୍ଶ ଦେଇଥିଲା। ଆବଶ୍ୟକ ସଂଶୋଧନ ପରେ ବିଲ୍କୁ ପୁଣି ବିଧାନସଭାରେ ଆଗତ କରି ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯାଇପାରେ।ପଶ୍ଚିମବଙ୍ଗର ବିଜେପି ସରକାର ଜୁନ୍ରେ 'ପଶ୍ଚିମବଙ୍ଗ ପବ୍ଲିକ୍ ସେଫ୍ଟି ଆଣ୍ଡ କଣ୍ଟ୍ରୋଲ୍ ଅଫ୍ ଆଣ୍ଟି-ସୋସିଆଲ୍ ଆକ୍ଟିଭିଟିଜ୍ ବିଲ୍, ୨୦୨୬' ଆଗତ କରିଥିଲେ। ବିଲ୍ରେ ଅସାମାଜିକ କାର୍ଯ୍ୟକଳାପ ଓ 'ଗୁଣ୍ଡା'ର ପରିଭାଷା ସହ ସେମାନଙ୍କ ବିରୋଧରେ କିଛି କଟକଣାର ବ୍ୟବସ୍ଥା ରହିଛି। ଜିଲ୍ଲାପାଳ, ପୁଲିସ କମିସନର କିମ୍ବା ସରକାରଙ୍କ ଅନୁମୋଦିତ ଡିଆଇଜି ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ନିର୍ଦ୍ଦିଷ୍ଟ ପରିସ୍ଥିତିରେ କୌଣସି ବ୍ୟକ୍ତିଙ୍କୁ ଏକ ଅଞ୍ଚଳ କିମ୍ବା ଜିଲ୍ଲାରୁ ବାହାରିଯିବାକୁ ନିର୍ଦ୍ଦେଶ ଦେଇପାରିବେ।



## ରାହୁଲଙ୍କୁ ଅମିତ ଶାହଙ୍କ କଟାକ୍ଷ

**ନୂଆଦିଲ୍ଲୀ:** କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଉପରେ କଟାକ୍ଷ କରି କହିଛନ୍ତି ଯେ, ମୃତ ମାନସିକତାର ବ୍ୟକ୍ତି ଭାରତର ସମୃଦ୍ଧିକୁ ଦେଖିପାରିବ ନାହିଁ। ସେମାନେ ସେମାନଙ୍କ ଚାରିପାଖରେ କେବଳ ନିର୍ଜୀବତା ଦେଖନ୍ତି। ଭାରତର ଅର୍ଥନୈତିକ ଅଭିବୃଦ୍ଧି, ଏହାର ଅଭିବୃଦ୍ଧି ପୂର୍ବାନୁମାନ ଓ ସାର୍ବଭୌମ ମୂଲ୍ୟାଙ୍କନରେ ସମ୍ପ୍ରତି ହୋଇଥିବା ଅପଗ୍ରେଡ ବିଷୟରେ ଉଲ୍ଲେଖ କରି କେନ୍ଦ୍ର ଗୃହମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛନ୍ତି।ଉତ୍ତର ପ୍ରଦେଶରେ ଅନ୍ତର୍ଜାତୀୟ ବାଣିଜ୍ୟ ପ୍ରଦର୍ଶନୀ ୨୦୨୬ କୁ ସମ୍ବୋଧିତ କରି ଅମିତ ଶାହ କହିଛନ୍ତି ଯେ, କିଛି ଲୋକ ଭାରତର ଜିଡିପି ଅଭିବୃଦ୍ଧିକୁ ହ୍ରାସ କରିବାକୁ ଚେଷ୍ଟା କରୁଛନ୍ତି। ସେ ମୁଡିଜ୍ର ଭାରତ ପାଇଁ ଅଭିବୃଦ୍ଧି ପୂର୍ବାନୁମାନ ୬% ରୁ ୭% କୁ ଉଦ୍ଧୃତ କରି କହିଛନ୍ତି ଯେ, ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜ ସତ୍ତ୍ୱେ ଭାରତ ଏହାର ଅଭିବୃଦ୍ଧିକୁ ବଜାୟ ରଖିଛି ଓ ତ୍ୱରାନ୍ୱିତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ରାଜନୈତିକ ସ୍ଥିରତା ଉପରେ ମଧ୍ୟ ଶାହ ଆଲୋକପାତ କରି କହିଥିଲେ ଯେ, ନୀତି ନିରନ୍ତରତା ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଭାରତକୁ ଏକ ବିଶ୍ୱ ଉତ୍ପାଦନ କେନ୍ଦ୍ର ଭାବରେ ଉଭା ହେବାରେ ସାହାଯ୍ୟ କରିଛି।



## ମୋତେ ଏନକାଉଣ୍ଟର କରାଯାଇପାରେ: ୱାଙ୍ଗଚୁକ୍

**ନୂଆଦିଲ୍ଲୀ:** ଲଦାଖର ଜଳବାୟୁ କାର୍ଯ୍ୟକର୍ତ୍ତା ସୋନମ୍ ୱାଙ୍ଗଚୁକ୍ ଗୁରୁବାର କେନ୍ଦ୍ର ସରକାରଙ୍କ ବିରୋଧରେ ଏକ ଗୁରୁତର ଅଭିଯୋଗ ଆଣିବା ସହ ତାଙ୍କୁ ଏନକାଉଣ୍ଟର କରି ହତ୍ୟା କରାଯାଇପାରେ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଗତବର୍ଷ ସେପ୍ଟେମ୍ବର ୨୪ରେ ଲେହରେ ବିକ୍ଷୋଭ ସମୟରେ ସୁରକ୍ଷା ବାହିନୀର ଗୁଳିଚାଳନାରେ ୪ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟଣାର ପ୍ରଥମ ବାର୍ଷିକୀ ଅବସରରେ ସେ ଏହି ବୟାନ ଦେଇଛନ୍ତି। ଏହି ବିପର୍ଯ୍ୟୟ ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ସିଧାସଳଖ ଦାୟୀ କରିବା ସହ ସେ ତାଙ୍କର ଇସ୍ତଫା ଦାବି କରିଛନ୍ତି। ୱାଙ୍ଗଚୁକ୍ ଅଭିଯୋଗ କରିଛନ୍ତି ଯେ ଲଦାଖରେ ମୁସଲିମ୍ ଓ ବୌଦ୍ଧ ସମ୍ପ୍ରଦାୟ ମଧ୍ୟରେ ସାମ୍ପ୍ରଦାୟିକ ଦଙ୍ଗା ଭିଆଇବା ପାଇଁ ଗୁପ୍ତ ଷଡ଼ଯନ୍ତ୍ର କରାଯାଇଥିଲା। ଗୁଳିଚାଳନା ନିର୍ଦ୍ଦେଶ ଦେବା ପାଇଁ ମାଜିଷ୍ଟ୍ରେଟ୍ ଭାବେ ନିୟୋଜିତ ଅଫିସରମାନେ ମନା କରିବା ସତ୍ତ୍ୱେ ବେଆଇନ ଭାବେ ଗୁଳିଚାଳନା କରାଯାଇଥିଲା। ସେହିପରି ସରକାର ଗଠନ କରିଥିବା ଜଷ୍ଟିସ୍ ବି.ଏସ୍. ଚୌହାନଙ୍କ ନ୍ୟାୟିକ ତଦନ୍ତ କମିଟିର ରିପୋର୍ଟକୁ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି।

## ବିଏଲଓ ଆପ୍ରେ 'ମାର୍କ ଭିଆଇପି'

**ନୂଆଦିଲ୍ଲୀ:** ଦେଶର ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା (ଏସଆଇଆର୍) ମଧ୍ୟରେ ଭାରତୀୟ ନିର୍ବାଚନ କମିସନ୍ (ଇସିଆଇ) ବୁଥ୍ ଲେଭଲ୍ ଅଫିସର (ବିଏଲଓ)ଙ୍କ ବ୍ୟବହୃତ ଆପରେ 'ମାର୍କ ଭିଆଇପି' ନାମକ ଏକ ନୂଆ ଫିଚର ସାମିଲ କରିଛନ୍ତି। ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଗତ ଜୁଲାଇ ୩୦ ତାରିଖରେ 'ବିଏଲଓ ଆପ୍'କୁ ଅପଡେଟ୍ କରାଯାଇ ଏହି ସୁବିଧା ଯୋଡ଼ାଯାଇଥିବା ନୂଆଦିଲ୍ଲୀସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

ନିର୍ବାଚନ ଆୟୋଗଙ୍କ ମାନୁଆଲ୍ ଅନୁଯାୟୀ, ସାଂସଦ, ବିଧାୟକ, ବିଚାରପତି, ପ୍ରଶାସନିକ ଅଧିକାରୀ, ସାମ୍ବାଦିକ, କ୍ରୀଡ଼ା ଏବଂ କଳା କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିମାନଙ୍କୁ 'ମାର୍କଡ୍ ଭୋଟର' କିମ୍ବା ଭିଆଇପି ଶ୍ରେଣୀରେ ରଖାଯାଏ। ଏହି ନୂଆ ଫିଚର ଜରିଆରେ ବିଏଲଓମାନେ ସେମାନଙ୍କ ଅଞ୍ଚଳରେ ଥିବା ଭିଆଇପି ଭୋଟରଙ୍କୁ ଚିହ୍ନଟ କରି ସେମାନଙ୍କ ଫର୍ମ ପ୍ରକ୍ରିୟାକରଣକୁ ପ୍ରାଥମିକତା ଦେଇପାରିବେ।

## ମାଡ୍ରାସ ହାଇକୋର୍ଟଙ୍କ ରାୟ: ଘରର ଦାୟିତ୍ୱ ସମ୍ଭାଳିବାକୁ ମହିଳା ଓ ପୁରୁଷଙ୍କ ଭୂମିକା ସମାନ

**ଚେନ୍ନାଇ:** ମାଡ୍ରାସ ହାଇକୋର୍ଟଙ୍କ ମଦୁରାଇ ବେଞ୍ଚ ଏକ ପାରିବାରିକ ମାମଲାରେ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ଘରର ଦାୟିତ୍ୱକୁ କେବଳ ମହିଳାଙ୍କ ପାଇଁ ଏକ ଭୂମିକା ଭାବରେ ଦେଖାଯିବା ଅନୁଚିତ୍। କୋର୍ଟ କହିଛନ୍ତି ଯେ, ଯଦି ମହିଳାମାନେ ଗୃହିଣୀ ହୋଇପାରିବେ, ତେବେ ପୁରୁଷମାନେ ମଧ୍ୟ ସମାନ ଭୂମିକା ଗ୍ରହଣ କରିପାରିବେ। ଯଦି ମହିଳାମାନେ ଗୃହିଣୀର ଭୂମିକା ଗ୍ରହଣ କରିପାରିବେ, ତେବେ ପୁରୁଷମାନେ ମଧ୍ୟ ଦାୟିତ୍ୱ ବାଣ୍ଟିବା ସହିତ 'ହାଉସ୍ ହଜବ୍ୟାଣ୍ଡ' ହେବାକୁ ବାଛିପାରିବେ।

ଥେନି ପରିବାର କୋର୍ଟର ନିର୍ଦ୍ଦେଶ ବିରୋଧରେ ଦାଖଲ ହୋଇଥିବା ପୃଥକ୍ ଆବେଦନର ଶୁଣାଣି କରି ଜଷ୍ଟିସ୍ ଜି.ଆର. ସ୍ୱାମୀନାଥନ୍ ଓ ଏମ୍.ଡି. ସୁମତିଙ୍କୁ ନେଇ ଗଠିତ ଏକ ଡିଭିଜନ ବେଞ୍ଚ ଏହା କହିଛନ୍ତି। ଡାକ୍ତର ଦମ୍ପତିଙ୍କ ମଧ୍ୟରେ ଏକ ବୈବାହିକ ବିବାଦ ଓ ଛାଡପତ୍ର ମାମଲାର ଶୁଣାଣି କରି ହାଇକୋର୍ଟ କହିଛନ୍ତି ଯେ, ଯଦି ସମାଜରେ ହାଉସ୍ ୱାଇଫ୍ 'ଗୃହିଣୀ'ର ଭୂମିକା ରହିପାରିବ, ତେବେ ପୁରୁଷଙ୍କ ପାଇଁ 'ହାଉସ୍ ହଜବ୍ୟାଣ୍ଡ'ର ଭୂମିକା ମଧ୍ୟ ସମାନ ଭାବରେ ସ୍ୱାଭାବିକ ହୋଇପାରିବ।

ଭାରତୀୟ ସାମାଜିକ ବ୍ୟବସ୍ଥା ଓ ବୈବାହିକ ଜୀବନରେ ସନ୍ତୁଳନ ଉପରେ ଗୁରୁତ୍ୱାରୋପ କରି କୋର୍ଟ କହିଛନ୍ତି, ଆମ ସଂସ୍କୃତିରେ, ପରିବାର ହେଉଛି ସମାଜର ମୌଳିକ ଏକକ। ପରିବାର ଚଳାଇବା ପାଇଁ ଅର୍ଥ ରୋଜଗାର କରିବା ଓ ପରିବାର ପରିଚାଳନା କରିବାର ଦାୟିତ୍ୱ, ଉଭୟ ସମାନ ସମ୍ମାନ ଓ ଆଦର ପାଇବା ଉଚିତ। କୋର୍ଟ ଆହୁରି କହିଛନ୍ତି ଯେ, ମହିଳାମାନେ ପ୍ରାୟତଃ ବିବାହକୁ ସେମାନଙ୍କ କ୍ୟାରିଅର ଓ ସୁଯୋଗ ପାଇଁ ଏକ ପ୍ରତିବନ୍ଧକ ଭାବରେ ଦେଖନ୍ତି, ଯାହା ଫଳରେ ସମାଜରେ ଅବିବାହିତ ମହିଳାଙ୍କ ସଂଖ୍ୟା ବୃଦ୍ଧି ପାଉଛି। କୋର୍ଟ କହିଛନ୍ତି ଯେ, ଯଦି ସ୍ୱାମୀମାନେ ଘରକାମ ଓ ଶିଶୁଙ୍କ ଯତ୍ନ ନେବାରେ ସମାନ ଦାୟିତ୍ୱ ବାଣ୍ଟିବା ଆରମ୍ଭ କରନ୍ତି ତେବେ ଏହି ପରିସ୍ଥିତି ପରିବର୍ତ୍ତନ ହୋଇପାରିବ।

**ଏସୀୟ କ୍ରୀଡ଼ା**

# ସୁଟିଂରେ ସ୍ୱର୍ଣ୍ଣ, ଆଥଲେଟିକ୍ସରେ ବାରଣିକାଙ୍କ ଇତିହାସ

**ଜାପାନର ଆଇଚି-ନାଗୋୟାରେ ଚାଲିଥିବା ଏସୀୟ କ୍ରୀଡ଼ା ୨୦୨୬ରେ ଶୁକ୍ରବାର ଭାରତୀୟ କ୍ରୀଡ଼ାବିତ୍ମାନେ ଦମଦାର ପ୍ରଦର୍ଶନ କରିଛନ୍ତି । ବିଭିନ୍ନ ଇଭେଣ୍ଟରେ ଭାରତକୁ ମିଳିଛି ଅନେକ ପଦକ । ଦିନର ସବୁଠାରୁ ଚର୍ଚ୍ଚିତ ସଫଳତା ଆସିଥିଲା ଶୁଟିଂରୁ । ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ସୁରୁଚି ସିଂହ ଓ କମଲଜିତ ସିଂହ ସ୍ୱର୍ଣ୍ଣ ଜିତି ଭାରତର ନାଁ ଉଜ୍ଜ୍ୱଳ କରିଥିଲେ । ଏଥିସହ ଶୁଟିଂର ଅନ୍ୟ ଏକ ଇଭେଣ୍ଟରେ ଭାରତୀୟ ଦଳ ରୌପ୍ୟ ପଦକ ହାସଲ କରିଥିଲା । ଆଥଲେଟିକ୍ସରେ ଗୁଲବୀର ସିଂହ ରୌପ୍ୟ ପଦକ ଜିତିଥିବା ବେଳେ ବାରଣିକା ଏଲାଙ୍ଗୋଭାନ୍ ଓ ମନପ୍ରୀତ କୌର କାଂସ୍ୟ ହାସଲ କରିଥିଲେ । ଅନ୍ୟପକ୍ଷରେ ମହିଳା ହକି ଓ ପୁରୁଷ କବାଡ଼ିରେ ମଧ୍ୟ ଭାରତୀୟ ଦଳର ସଫଳତା ଜାରି ରହିଛି । ଶୁକ୍ରବାରର ଏହି ପଦକ ସଫଳତା ଏସୀୟ କ୍ରୀଡ଼ାରେ ଭାରତର ଅଭିଯାନକୁ ଆହୁରି ମଜବୁତ କରିଛି । ଶୁକ୍ରବାର ଶେଷ ସୁଧା ଭାରତର ପଦକ ସଂଖ୍ୟା ୨ ସ୍ୱର୍ଣ୍ଣ, ୮ ରୌପ୍ୟ, ୧୩ ବ୍ରୋଞ୍ଜ ସହ ମୋଟ ୨୩କୁ ବୃଦ୍ଧି ପାଇଛି ।**




### ସୁରୁଚି-କମଲଜିତଙ୍କ ସ୍ୱର୍ଣ୍ଣିମ ନିଶାନା

ଦିନର ସବୁଠାରୁ ବଡ଼ ଖବର ଆସିଥିଲା ଶୁଟିଂରୁ । ୧୦ ମିଟର ଏୟାର ପିସ୍ତଲ ମିକ୍ସଡ୍ ଟିମ୍ ଇଭେଣ୍ଟରେ ସୁରୁଚି ସିଂହ ଓ କମଲଜିତ ସିଂହ ଭାରତକୁ ସ୍ୱର୍ଣ୍ଣ ପଦକ ଦେଇଛନ୍ତି । ଫାଇନାଲରେ ଭାରତୀୟ ଯୋଡ଼ି ୪୮୪.୬ ପଏଣ୍ଟ ସ୍କୋର କରି ଏସୀୟ ରେକର୍ଡ ଗଢ଼ିଥିଲେ । ଏହା ଥିଲା ଏହି ଏସୀୟ କ୍ରୀଡ଼ାରେ ଭାରତର ଶୁଟିଂର ପ୍ରଥମ ସ୍ୱର୍ଣ୍ଣ ଏବଂ ସାମଗ୍ରିକ ଭାବେ ଦ୍ୱିତୀୟ ସ୍ୱର୍ଣ୍ଣ ।

ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ସୁରୁଚି-କମଲଜିତ ଯୋଡ଼ି ଶୀର୍ଷରେ ରହିଥିଲେ । ୫୮୭-୨୯x ସ୍କୋର ସହ ସେମାନେ ଫାଇନାଲକୁ ଯାଇଥିଲେ । ଚାପପୂର୍ଣ୍ଣ ଫାଇନାଲରେ ମଧ୍ୟ ନିଶାନାରେ ସ୍ଥିରତା ରଖି ଭାରତ ପାଇଁ ସ୍ୱର୍ଣ୍ଣ ନିଶ୍ଚିତ କରିଥିଲେ ।

### ୫୦ ମିଟର ରାଇଫଲରେ ରୌପ୍ୟ

ପୁରୁଷ ୫୦ ମିଟର ରାଇଫଲ୍ ୩ ପୋଜିସନ୍ ଟିମ୍ ଇଭେଣ୍ଟରେ ଐଶ୍ୱର୍ଯ୍ୟ ପ୍ରତାପ ସିଂହ ତୋମର, ରୁଦ୍ରାଙ୍କ ପାଟିଲ ଓ ନୀରଜ କୁମାରଙ୍କ ଭାରତୀୟ ଦଳ ରୌପ୍ୟ ପଦକ ଜିତିଛି । ଏହି ପଦକ ସହ ଏସୀୟ କ୍ରୀଡ଼ାରେ ଶୁଟିଂରୁ ଭାରତର ପଦକ ସଂଖ୍ୟା ୯ରେ ପହଞ୍ଚିଥିବା ରିପୋର୍ଟ ରହିଛି ।

### ବାରଣିକାଙ୍କ ଐତିହାସିକ କାଂସ୍ୟ

ଆଥଲେଟିକ୍ସରେ ବାରଣିକା ଏଲାଙ୍ଗୋଭାନ୍ ମହିଳା ପୋଲ୍ ଭଲ୍ଟରେ କାଂସ୍ୟ ପଦକ ଜିତି ନୂଆ ଅଧ୍ୟାୟ ଯୋଡ଼ିଛନ୍ତି । ଏସୀୟ କ୍ରୀଡ଼ାର ପୋଲ୍ ଭଲ୍ଟରେ ଭାରତ ପାଇଁ ଏହା ପ୍ରଥମ ପଦକ ଭାବେ ଗୁରୁତ୍ୱ ବହନ କରୁଛି ।

ବାରଣିକା ୪.୧୫ ମିଟର ଉଚ୍ଚତା ଅତିକ୍ରମ କରିଥିଲେ । ସମାନ ଉଚ୍ଚତା ଅତିକ୍ରମ କରିଥିବାରୁ କାଜାଖସ୍ତାନର ପୋଲିନା ଇଭାନୋଭାଙ୍କ ସହ ସେ କାଂସ୍ୟ ପଦକ ଭାଗ କରିଥିଲେ । ଭାରତୀୟ ଆଥଲେଟିକ୍ସ ପାଇଁ ଏହା ଏକ ଉଲ୍ଲେଖନୀୟ ସଫଳତା ।

### ଅନ୍ୟ ଆଥଲେଟିକ୍ସ ଫଳାଫଳ

ପୁରୁଷ ୧୦,୦୦୦ ମିଟରରେ ଗୁଲଭୀର ସିଂହ ରୌପ୍ୟ ପଦକ ଜିତିଛନ୍ତି । ସେ ୨୮:୨୯.୩୮ ସେକେଣ୍ଡ ସମୟରେ ଦୌଡ଼ ଶେଷ କରିଥିଲେ । ଦୀର୍ଘଦୂର ଦୌଡ଼ରେ ଭାରତ ପାଇଁ ଏହା ଆଉ ଏକ ମୂଲ୍ୟବାନ ପଦକ ହୋଇଛି ।

ମହିଳା ଶଟପୁଟରେ ମନପ୍ରୀତ କୌର ୧୭.୧୭ ମିଟର ଥ୍ରୋ ସହ କାଂସ୍ୟ ପଦକ ହାସଲ କରିଛନ୍ତି । ଏହା ସହ ଆଥଲେଟିକ୍ସରେ ଭାରତର ପଦକ ଭଣ୍ଡାର ଆହୁରି ସମୃଦ୍ଧ ହୋଇଛି ।

### ସ୍କ୍ୱାଶରେ ଭାରତୀୟଙ୍କ ଅଗ୍ରଗତି: ୩ ପଦକ ନିଶ୍ଚିତ

ସ୍କ୍ୱାଶରେ ମଧ୍ୟ ଭାରତୀୟ ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି । ମହିଳା ସିଙ୍ଗଲ୍ସରେ ଅନାହତ ସିଂହ ଓ ତନ୍ୱୀ ଖାନ୍ନାଙ୍କ ଅଲ୍-ଇଣ୍ଡିଆ କ୍ୱାର୍ଟରଫାଇନାଲ୍ ମୁକାବିଲାରେ ଅନାହତ ବିଜୟୀ ହୋଇ ସେମିଫାଇନାଲକୁ ଯାଇଥିଲେ । ଅନାହତ ୩-୦ ଗେମରେ ତନ୍ୱୀଙ୍କୁ ପରାସ୍ତ କରିଥିଲେ ।

ପୁରୁଷ ସିଙ୍ଗଲ୍ସରେ ଅଭୟ ସିଂହ ମଧ୍ୟ ନିଜ ମୁକାବିଲା ଜିତି ଆଗକୁ ବଢ଼ିଥିଲେ । ମିକ୍ସଡ୍ ଡବଲ୍ସରେ ଜୋଶ୍ନା ଚିନାପ୍ପା ଓ ଭେଲାଭନ୍ ସେନ୍ଥିଲକୁମାର ଯୋଡ଼ି ମଧ୍ୟ ସେମିଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲେ । ଏହା ଭାରତ ପାଇଁ ଆଉ ଏକ ପଦକ ଆଶା ସୃଷ୍ଟି କରିଛି ।

### ଟେବୁଲ୍ ଟେନିସରେ ପଦକ ନିଶ୍ଚିତ

ଟେବୁଲ୍ ଟେନିସରେ ମନୁଷ ଶାହ ଓ ଦିୟା ଚିତାଲେ ମିକ୍ସଡ୍ ଡବଲ୍ସରେ ସେମିଫାଇନାଲରେ ପହଞ୍ଚି ପଦକ ନିଶ୍ଚିତ କରିଛନ୍ତି । ଏହି ଯୋଡ଼ିର ଅଗ୍ରଗତି ଭାରତୀୟ ଟେବୁଲ୍ ଟେନିସ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ।

### ଅନ୍ୟ ଇଭେଣ୍ଟରେ ମିଶ୍ର ଫଳ

ସୁଇମିଂରେ ଭାରତୀୟ ଖେଳାଳିମାନେ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ । ରିଷଭ ଦାସ ଓ ଉତ୍କର୍ଷ ପାଟିଲ ୨୦୦ ମିଟର ବ୍ୟାକଷ୍ଟ୍ରୋକ୍ରେ ଆଗକୁ ବଢ଼ିଥିବା ବେଳେ ସାଜନ ପ୍ରକାଶ ୨୦୦ ମିଟର ବଟରଫ୍ଲାଏରେ ଫାଇନାଲ୍ ସ୍ଥାନ ହାସଲ କରିଥିଲେ । ପୁରୁଷ ୧୦୦ ମିଟର ଫ୍ରିଷ୍ଟାଇଲରେ ବେନିଷ୍ଟନ୍ ବେନେଡିକ୍ଟନ୍ ୫୦.୨୫ ସେକେଣ୍ଡ ସହ ନିଜ ହିଟରେ ପଞ୍ଚମ ଏବଂ ଆକାଶ ମଣି ୫୦.୮୫ ସେକେଣ୍ଡ ସହ ଅଷ୍ଟମ ହୋଇଥିଲେ ।

ଫେନ୍ସିଂରେ ଭାରତୀୟ ଦଳକୁ ମିଶ୍ର ଫଳ ମିଳିଥିଲା । ପୁରୁଷ ଫଏଲ୍ ଟିମ୍ ପ୍ରି-କ୍ୱାର୍ଟରଫାଇନାଲରେ ହଂକଂଠାରୁ ୨୭-୪୫ରେ ପରାସ୍ତ ହୋଇଥିଲା ।

### ମୋଟ ପଦକ ୨୩

୨୫ ସେପ୍ଟେମ୍ବରର ସଫଳତା ପରେ ଭାରତର ଏସୀୟ କ୍ରୀଡ଼ା ପଦକ ତାଲିକା ୨୩ରେ ପହଞ୍ଚିଛି । ଏଥିରେ ୨ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଓ ୧୨ଟି କାଂସ୍ୟ ରହିଛି । ଭାରତୀୟ ଅଭିଯାନରେ ଶୁଟିଂ ଏପର୍ଯ୍ୟନ୍ତ ପ୍ରମୁଖ ପଦକ ଯୋଗାଇଥିବା ବେଳେ ହକି, କବାଡ଼ି, ସ୍କ୍ୱାଶ୍ ଓ ଟେବୁଲ୍ ଟେନିସ୍ ଭଳି ଦଳଗତ ଓ ରାକେଟ୍ ଖେଳରେ ଆଗାମୀ ଦିନରେ ଆହୁରି ପଦକ ଆଶା ରହିଛି ।

ଏହି ଦିନର ବିଶେଷତା ହେଲା—ଶୁଟିଂରେ ସୁରୁଚି-କମଲଜିତଙ୍କ ସ୍ୱର୍ଣ୍ଣିମ ନିଶାନା, ବାରଣିକାଙ୍କ ପୋଲ୍ ଭଲ୍ଟ ଐତିହାସିକ ପଦକ ଏବଂ ଭାରତୀୟ ଦଳଗୁଡ଼ିକର ନିରନ୍ତର ଅଗ୍ରଗତି । ଏହା ଭାରତୀୟ ଅଭିଯାନକୁ ଆହୁରି ମଜବୁତ କରିଛି ।

### ମନୁଷ-ଦିୟାଙ୍କୁ ବ୍ରୋଞ୍ଜ

ଚଳିତ ଏସୀୟ କ୍ରୀଡାରେ ଭାରତୀୟ ମିକ୍ସଡ ଡବଲ୍ସ ଟେବୁଲ ଟେନିସ ଯୋଡି ମନୁଷ ଶାହ ଓ ଦିୟା ଚିତାଲେ ବ୍ରୋଞ୍ଜ ପଦକ ଜିତିଛନ୍ତି । ଶୁକ୍ରବାର ସେମିଫାଇନାଲରେ ଏହି ଭାରତୀୟ ଯୋଡି ୦-୪ରେ ଚୀନର ଶୂୟଙ୍ଗସା ଓ ୱାଙ୍ଗ ଚୁ କୁଇନଙ୍କ ଠାରୁ ହାରି ଯାଇଥିଲେ । ମନୁଷ ଓ ଦିୟା ଦ୍ୱିତୀୟ ଭାରତୀୟ ଯୋଡି ଭାବେ ଏସୀୟ କ୍ରୀଡା ଟିଟି ବର୍ଗରେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି । ପୂର୍ବରୁ ଶରତ କମଲ ଓ ମନିକା ବାତ୍ରା ୮ ବର୍ଷ ତଳେ ଜାକାର୍ତ୍ତା ଏସିଆଡରେ ପଦକ ଜିତିଥିଲେ । ଶୁକ୍ରବାର ସକାଳେ ମନୁସ ଓ ଦିୟା କ୍ୱାର୍ଟରରେ ବିଶ୍ୱର ୪ ନମ୍ବର ହଂକଂ ଯୋଡି ୱୁ ହୋଇକେନ ଓ ୟାଙ୍ଗ ଚୁନ ତିନଙ୍କୁ ୩-୧ରେ ପରାସ୍ତ କରିଥିଲେ । ପୁରୁଷ ସିଙ୍ଗଲ୍ସରେ ମନୁଷ ୪-୦ ଇରାନର ବେନ୍ୟାମିନ ଏବଂ ମହିଳା ସିଙ୍ଗଲ୍ସରେ ଜସଶ୍ୱିନୀ ୪-୧ରେ ସିରିଆର ହେଣ୍ଡଜାଙ୍କୁ ହରାଇ ଶ୍ରେଷ୍ଠ ୧୬ରେ ପହଞ୍ଚିଥିଲେ ।







## ଜାପାନକୁ ୩-୧ରେ ହରାଇ ସେମିଫାଇନାଲରେ ଭାରତ

କାକାମିଗାହାରା,୨୫।୯ (ଏଜେନ୍ସି): ଏସୀୟ କ୍ରୀଡ଼ା ୨୦୨୬ରେ ଭାରତୀୟ ମହିଳା ହକି ଦଳର ଦମଦାର ଅଭିଯାନ ଜାରି ରହିଛି । ଶୁକ୍ରବାର ପୁଲ୍-ବି'ରେ ମ୍ୟାଚରେ ଆୟୋଜକ ଜାପାନକୁ ୩-୧ ଗୋଲରେ ହରାଇ ଭାରତ ସେମିଫାଇନାଲରେ ସ୍ଥାନ ପକ୍କା କରିଛି । ପୁଲ୍ ପର୍ଯ୍ୟାୟରେ ଏହା ଭାରତର ଲଗାତାର ଚତୁର୍ଥ ବିଜୟ । ଭାରତ ପକ୍ଷରୁ ଲାଲରେମସିଆମି, ଇଶିକା ଓ ନବନୀତ କୌର ଗୋଲ୍ କରିଥିବାବେଳେ ଜାପାନ ପାଇଁ ଶିହୋ କୋବାୟାକାୱା ଗୋଟିଏ ଗୋଲ୍ ଶୋଧ କରିଥିଲେ । ପ୍ରଥମ କ୍ୱାର୍ଟରରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳି ଜାପାନ ଉପରେ ଚାପ ସୃଷ୍ଟି କରିଥିଲା । ପଞ୍ଚମ ମିନିଟରେ ନବନୀତଙ୍କ ହିଟରୁ ମିଳିଥିବା ବଲକୁ ଲାଲରେମସିଆମି ଗୋଲରେ ପରିଣତ କରି ଭାରତକୁ ୧-୦ରେ ଆଗୁଆ କରିଥିଲେ । ୩୦ତମ ମିନିଟରେ ଇଶିକା ରିବାଉଣ୍ଡରୁ ଗୋଲ୍ କରି ଭାରତର ଅଗ୍ରଣୀକୁ ୨-୦ କରିଥିଲେ । ତୃତୀୟ କ୍ୱାର୍ଟରର ୩୬ତମ ମିନିଟରେ ନବନୀତ ଚମତ୍କାର ସ୍କୁପ୍ ଜରିଆରେ ତୃତୀୟ ଗୋଲ୍ ଦେଇଥିଲେ ।

| ଭାରତର ପଦକ | |
|---|---|
| ସ୍ୱର୍ଣ୍ଣ-୨ | ବ୍ରୋଞ୍ଜ- ୧୨ |
| ରୌପ୍ୟ- ୯ | ମୋଟ- ୨୩ |

## ରାଜ୍ୟ ପୋଲିସ ହକି: ଓଏସ୍ଏପି ଚାମ୍ପିଅନ




ଭୁବନେଶ୍ୱର, ୨୫/୯ (ସବ୍ୟୁ): କଳିଙ୍ଗ ଷ୍ଟାଡିୟମରେ ଉଦ୍ଯାପିତ ହୋଇଛି ୭୬ତମ ରାଜ୍ୟ ପୋଲିସ ହକି ଚାମ୍ପିଅନସିପ୍-୨୦୨୬ । ଶୁକ୍ରବାର ଅନୁଷ୍ଠିତ ରୋମାଞ୍ଚକର ଫାଇନାଲରେ ପେନାଲ୍ଟି ସୁଟ୍ଆଉଟରେ ୩-୨ ଗୋଲରେ ରାଉରକେଲା ପୋଲିସ ଜିଲ୍ଲାକୁ ହରାଇ ଓଏସ୍ଏପି ୪ର୍ଥ ବାଟାଲିୟନ୍, ରାଉରକେଲା ଚାମ୍ପିଅନ ହୋଇଛି । ରାଉରକେଲା ପୋଲିସ ଜିଲ୍ଲା ରନର୍ସଅପ୍ ହୋଇଥିବାବେଳେ ଓଏସ୍ଏପି ୬ଷ୍ଠ ବାଟାଲିୟନ୍, କଟକ ତୃତୀୟ ସ୍ଥାନ ହାସଲ କରିଛି । ଉଦ୍ଯାପନୀ ସମାରୋହରେ ରାଜ୍ୟ ଅରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ସେ ବିଜେତା ଦଳକୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଖେଳାଳି, ପ୍ରଶିକ୍ଷକ ଓ ଆୟୋଜକଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ । ଡିଜିପି କହିଥିଲେ, ଓଡ଼ିଶା ଭାରତୀୟ ହକିର ଏକ୍ରୁଡ଼ିଶାଳ । ଭାରତୀୟ ହକିର ବିକାଶ ଓ ଲୋକପ୍ରିୟତାରେ ରାଜ୍ୟର ଅବଦାନ ଅତୁଳନୀୟ । ଭାରତୀୟ ଜାତୀୟ ହକି ଦଳର ଜର୍ସିରେ 'ଓଡ଼ିଶା' ଲେଖା ରହିବା ରାଜ୍ୟବାସୀଙ୍କ ପାଇଁ ଗୌରବର ବିଷୟ । ଜାତୀୟ ହକି ଦଳର ପ୍ରତିନିଧି ବୀରେନ୍ଦ୍ର ଲାକ୍ରା ଓଡ଼ିଶା ପୋଲିସରେ ସାମିଲ ହୋଇଥିବାକୁ ମଧ୍ୟ ସେ ଉଲ୍ଲେଖ କରିଥିଲେ । ସେପ୍ଟେମ୍ବର ୨୧ରୁ ୨୫ ପର୍ଯ୍ୟନ୍ତ ଆୟୋଜିତ ଏହି ଚାମ୍ପିଅନସିପରେ ୧୮ ଟି ପୋଲିସ ଦଳର ପ୍ରାୟ ୩୬୦ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ବ୍ୟକ୍ତିଗତ ପୁରସ୍କାରରେ ଓଏସ୍ଏପି ୪ର୍ଥ ବାଟାଲିୟନ୍ର ସୁଶାନ୍ତ କୁମାର ସିଂ ଶ୍ରେଷ୍ଠ ଗୋଲକିପର, ସୁନ୍ଦରଗଡ଼ ପୋଲିସର ଉପେନ୍ଦ୍ର ମାଝୀ ଶ୍ରେଷ୍ଠ ଡିଫେଣ୍ଡର ଏବଂ ଓଏସ୍ଏପି ୬ଷ୍ଠ ବାଟାଲିୟନ୍ର ସୁଧୀର ବାର୍ଲା ଶ୍ରେଷ୍ଠ ମିଡ୍ଫିଲ୍ଡର ହୋଇଥିଲେ । ରାଉରକେଲା ପୋଲିସର ସତ୍ୟାନନ୍ଦ ସାହୁ ଶ୍ରେଷ୍ଠ ସ୍କୋରର, ଅରୁଣ ମହନ୍ତ ଫାଇନାଲର ଶ୍ରେଷ୍ଠ ଖେଳାଳି ଏବଂ ବିଜୟ ଲାକ୍ରା ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ ।

## ଥାଇଲାଣ୍ଡକୁ ଚିତ୍ କରି ଫାଇନାଲରେ ଭାରତ

ନାଗୋୟା,୨୫।୯ (ଏଜେନ୍ସି): ଏସୀୟ କ୍ରୀଡ଼ା ୨୦୨୬ ପୁରୁଷ କବାଡ଼ିରେ ଭାରତର ଦବଦବା ଜାରି ରହିଛି । ଶୁକ୍ରବାର ଟୋକାଇ ସିଟିଜେନ୍ସ ଜିମ୍ନାସିୟମରେ ଖେଳାଯାଇଥିବା ସେମିଫାଇନାଲରେ ଥାଇଲାଣ୍ଡକୁ ୬୬-୨୮ ପଏଣ୍ଟରେ ହରାଇ ଭାରତ ଫାଇନାଲରେ ପ୍ରବେଶ କରିଛି । ଏହି ବିଜୟ ସହ ଭାରତ ଚଳିତ ପ୍ରତିଯୋଗିତାରେ ନିଜର ଅପରାଜିତ ଅଭିଯାନ ଜାରି ରଖିଛି । ମ୍ୟାଚ୍ ଆରମ୍ଭରୁ ଭାରତୀୟ ରେଡରମାନେ ବୋନସ୍ ପଏଣ୍ଟ ହାସଲ କରିବା ସହ ଥାଇଲାଣ୍ଡ ଉପରେ ଚାପ ସୃଷ୍ଟି କରିଥିଲେ । ଦେବାଙ୍କ ଦଲାଲ ଚମତ୍କାର ରେଡ୍ କରି ଥାଇଲାଣ୍ଡ ରକ୍ଷଣଭାଗକୁ ବାରମ୍ବାର ଅସୁବିଧାରେ ପକାଇଥିଲେ । ଭାରତ ପ୍ରଥମ ଅଲ୍ଆଉଟ୍ ହାସଲ କରି ମ୍ୟାଚରେ ନିଜ ସ୍ଥିତି ମଜବୁତ କରିଥିଲା । ଥାଇଲାଣ୍ଡର ସୁପାୱିଟ୍ ସୋମ୍ରାଟ୍ ଓ ଥିରାଦେତ୍ ଚାଇସିଟ୍ ପ୍ରତିଆକ୍ରମଣ କରି ଦଳକୁ ମ୍ୟାଚରେ ରଖିଥିଲେ । ଚାଇସିଟକୁ ତିନି ପଏଣ୍ଟର ସୁପର୍ ରେଡ୍ ପରେ ଥାଇଲାଣ୍ଡ କିଛିଟା ଚାପ କମାଇଥିଲା । ହେଲେ ଭାରତର ରେଡର ଦେବାଙ୍କ ଓ ଅର୍ଜୁନ ଦେଶୱାଲଙ୍କ ଆକ୍ରମଣ ସାମ୍ନାରେ ଘରୋଇ ଦଳର ରକ୍ଷଣଭାଗ ଟିକିପାରିନଥିଲା । ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଭାରତ ୩୭-୧୮ରେ ଆଗୁଆ ଥିଲା । ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଭାରତର ଆକ୍ରମଣ ଜାରି ରହିଥିଲା । ଦେବାଙ୍କଙ୍କ ସହ ଅୟାନ ଲୋହଚବ ରେଡରେ ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ ଯୋଡ଼ିଥିଲେ । ମଝିରେ ଭାରତୀୟ ରକ୍ଷଣଭାଗ ମଧ୍ୟ ନିଜ ଦବଦବା ଦେଖାଇଥିଲା । ଅସଲମ ଇନାମଦାର ଉଭୟ ଆକ୍ରମଣ ଓ ରକ୍ଷଣରେ ଉପଯୋଗୀ ଅବଦାନ ଦେଇଥିଲେ । ଶେଷ ପର୍ଯ୍ୟନ୍ତ ଭାରତୀୟ ଦଳ ଥାଇଲାଣ୍ଡକୁ କୌଣସି ସୁଯୋଗ ନଦେଇ ୬୬-୨୮ର ବଡ଼ ବିଜୟ ହାସଲ କରିଥିଲା । ଭାରତର ୬୬ ପଏଣ୍ଟ ମଧ୍ୟରୁ ୪୩ ଆଉଟ୍, ୧୫ ବୋନସ୍ ଓ ୮ ଅଲ୍ଆଉଟ୍ ପଏଣ୍ଟ ରହିଥିଲା । ଫାଇନାଲରେ ଭାରତ ଚାଇନିଜ୍ ତାଇପେଇ-ଇରାନ ସେମିଫାଇନାଲର ବିଜେତାକୁ ଭେଟିବ । ସ୍ୱର୍ଣ୍ଣ ପଦକ ପାଇଁ ମ୍ୟାଚ୍ ଶନିବାର ଅପରାହ୍ନ ୨ଟା ୩୦ରେ ଖେଳାଯିବ ।



୧୦ ହଜାର ମିଟର ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିବା ଭାରତର ଗୁଲବୀର ସିଂ

## ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତିଯୋଗିତା ଉଦଘାଟିତ



ଛତିଆ/ଚଣ୍ଡିଖୋଲ,୨୫।୯ (ସବ୍ୟୁ) ଯାଜପୁର ଜିଲ୍ଲାର ଛତିଆ ସ୍ଥିତ ମହାପୁରୁଷ ହାଡ଼ିଦାସ ମହାବିଦ୍ୟାଳୟ ଖେଳପଡିଆରେ ୭୦ତମ ରାଜ୍ୟ ସ୍ତରୀୟ ୧୪ ଏବଂ ୧୭ର ବର୍ଷରୁ କମ ବାଳକ ଓ ବାଳିକା ବିଭାଗର ବିଦ୍ୟାଳୟ ସମୂହ ହ୍ୟାଣ୍ଡବଲ ପ୍ରତି ଯୋଗିତା ଶୁକ୍ରବାର ଦିନ ଉଦଘାଟିତ ହୋଇଯାଇଛି । ଆୟୋଜିତ ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭାଷାସାହିତ୍ୟ ଓ ସଂସୃତି, କ୍ରୀଡା ଓ ଯୁବ ବ୍ୟାପାର ତଥା ଉଚ୍ଚଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ରାଜ୍ୟରେ କ୍ରୀଡାର ଉନ୍ନତି ଓ ବିକାଶ ପାଇଁ ସରକାର ଆନ୍ତରିକ ଭାବେ ଉଦ୍ୟମ ଯାରୀ ରଖିବା ସହ ଏଥିପାଇଁ ବହୁ ଅର୍ଥ ବରାଦ କରୁଛନ୍ତି ବୋଲି କହିଥିଲେ ।ଏଥିରେ ମୁଖ୍ୟ ବକ୍ତାଭାବେ ଯାଜପୁର ସାଂସଦ ଡ ରବିନ୍ଦ୍ର ନାରାୟଣ ବେହେରା ଯୋଗଦେଇ କ୍ରୀଡା ହେଉଛି ଶରୀର ଗଠନର ଏକ ମୁଖ୍ୟ ଆଧାର ତେଣୁ ପିଲାମାନେ ପାଠପଢା ସହିତ କ୍ରୀଡାକୁ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ମହେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅନ୍ୟତମ ଭାବେ ସାନଖେମୁଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର,ବଡଚଣା ବିଧାୟକ ଅମରକୁମାର ନାୟକ ଯୋଗଦେଇଥିଲେ । ଯାଜପୁର ଜିଲ୍ଲାପାଳ ଅମ୍ବରକୁମାର କର,ରାଜ୍ୟ ଶାରୀରିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଜୋତିପ୍ରସାଦ ପରିଡା, ଜିଲ୍ଲା କ୍ରୀଡା ଅଧିକାରୀ ଫକୀରମୋହନ ଟୁଡୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅଶୋକକୁମାର ବନ୍ଧ,ହାଡ଼ିଦାସ ମହାବିଦ୍ୟାଳୟର ଅଧକ୍ଷ ବିମଳଚନ୍ଦ୍ର ମଲିକ, ବଡ଼ଚଣା ବିଡିଓ ରବୀନ୍ଦ୍ରକୁମାର ବେହେରା, ଜିଲ୍ଲା ହ୍ୟାଣ୍ଡ ବଲ ସଂଘର ସମ୍ପାଦକ ରମେଶଚନ୍ଦ୍ର ପୃଷ୍ଟି , ବଡ଼ଚଣା ମଣ୍ଡଳ ଶିକ୍ଷା ଅଧିକାରୀ ସୁଶ୍ରୀ ଲୋପାମୁଦ୍ରା ରାଉତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗି ମାନଙ୍କୁ ଉତ୍ସାହିତ କରିବା ସହିତ ଆୟୋଜନ ମାନଙ୍କୁ ପ୍ରଶଂସା କରିଥିଲେ । ଏହି ପ୍ରତିଯୋଗିତାରେ ଯାଜପୁର,କଟକ,ସୁନ୍ଦରଗଡ ସମେତ ୨୫ଗୋଟି ଜିଲ୍ଲାର ୩ଶହରୁ ଉର୍ଦ୍ଧ୍ୱ ବିଦ୍ୟାଳୟର ୬୦୦ରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ପ୍ରତିଯୋଗି ଭାଗ ନେଇଥିବା ସୂଚନା ମିଳିଛି ।।ଏହି ଖେଳକୁ ବଡ଼ଚଣା ମଣ୍ଡଳ କ୍ରୀଡା ଶିକ୍ଷକ ରଞ୍ଜନକୁମାର ସାହୁ, ଗଗନ ବାରିକ, ରାକେଶ ସେଠୀ, ଶଙ୍କର୍ଷଣ ବେହେରା,ସୁନିତ ସେଠୀ, ଗୌତମ ସ୍ୱାଇଁ, ଚନ୍ଦନ ସାହୁ, ଶ୍ରୀକାନ୍ତ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରୁଛନ୍ତି । ଏହି ଖେଳ ୨୮ ତାରିଖ ପର୍ଯ୍ୟନ୍ତ ୪ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି । ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Dr. Gurukalyan Mohapatra, ମୁଖ୍ୟ ସମ୍ପାଦକ: ଡ. ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି